RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 90 ◆ BHUBANESWAR ◆ THURSDAY ◆ 23 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୦ ◆ଭୁବନେଶ୍ୱର ◆ଗୁରୁବାର ◆୨୩ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦




'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ ପୃଷ୍ଠା ୨

## ଘର ଭିତରୁ ମୃତଦେହ ଉଦ୍ଧାର
# ମା' ଓ ଦୁଇ ଝିଅଙ୍କୁ ହତ୍ୟା

▶ ସ୍ୱାମୀ ଫେରାର୍
▶ ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ମାଆ

■ **ବ୍ରଜରାଜନଗର, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗଙ୍ଗାନଗର ଫାଟକପଡ଼ାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଏକ ଘର ଭିତରୁ ମା' ଓ ୨ ଝିଅଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ । ମୃତକ ୩ ଜଣ ହେଲେ ୨୮ ବର୍ଷୀୟା ସୋନି ପୋଦାର, ଝିଅ ମୁସ୍କାନ (୫) ଓ ରାଧିକା (୩) । ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ । ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଦୃଢୀଭୂତ ହୋଇଛି । ମୃତ ମହିଳାଙ୍କ ମାଆଙ୍କ ଏତଲା କ୍ରମେ ପୁଲିସ ଥାନା କେସ୍ ନମ୍ବର ୨୬୯/୨୧, ଭାରତୀୟ ପିଙ୍ଗଳ କୋଡ୍ ଧାରା ୩୦୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ନାରାୟଣ ଓ ସୋନି ନିଜ ୨ ଝିଅଙ୍କ ସହ ଗଙ୍ଗାନଗର ଫାଟକପଡ଼ାରେ ରହୁଥିଲେ । ନାରାୟଣ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ସୋନି ଘରେ ରହି ଦୁଇ ସନ୍ତାନଙ୍କ ଯତ୍ନ ନେଉଥିଲେ । ଗତ ରାତି ୯ଟାରେ ଏହି ପରିବାରର ସମସ୍ତ ସଦସ୍ୟ ଖାଇପିଇ ଶୋଇଥିଲେ । ଆଜି ସକାଳେ ଆଜି କ୍ଷୀରବାଲା ଆସି କ୍ଷୀର ନେବାକୁ ଡାକ ପକାଇଥିଲା କିନ୍ତୁ ଘର ଭିତରୁ ▶ପୃଷ୍ଠା-୧୦

# ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି । କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ । ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ । ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡ଼ିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି । ଆର୍ଥିକ ବିଶେଷଜ୍ଞମାନଙ୍କ ଆଶଙ୍କା ଯେ, ଏଭରଗ୍ରାଣ୍ଡ ସଙ୍କଟ ୨୦୦୮ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା ପରିସ୍ଥିତି ସୃଷ୍ଟି କରିପାରେ । ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି । ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି । ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ । ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ ।

ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ । ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ।

## ଉପରମୁଣ୍ଡରେ ପ୍ରବଳ ବର୍ଷା
# କୂଳ ଲଂଘିଲା ଜଳକା, ସୁବର୍ଣ୍ଣରେଖା

■ **ବାଲେଶ୍ୱର, ୨୨।୯ (ସମିସ):** ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପୁଣି ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଗତକାଲି

▶ ପୁଣି ବନ୍ୟାପାଣି ମାଡ଼ିଲା, ବ୍ୟାପକ ଅଞ୍ଚଳ ଜଳମଗ୍ନ
▶ ବସ୍ତା ଥାନା ଓ ଅବକାରୀ ଥାନା ଭିତରେ ବନ୍ୟା ପାଣିର ସୁଅ
▶ ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ
▶ ଗାନ୍ଧିଛକ-ବାଲିଆପାଳ ରାସ୍ତାରେ ବନ୍ୟାପାଣି
▶ ବାଲିଆପାଳକୁ ଯୋଗାଯୋଗ ବିଚ୍ଛିନ୍ନ

ରାତିରୁ ଅକସ୍ମାତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇ ଆଜି ଅପରାହ୍ନ ୩ଟା ସୁଦ୍ଧା ମଥାନିଠାରେ ବିପଦ ସଙ୍କେତ ଉପରେ ଅର୍ଥାତ ୭.୧୮ ମିଟରରେ ପ୍ରବାହିତ ହେଉଛି । ଏଠାରେ ବିପଦ ସଂକେତ ୫.୫୦ମିଟର ରହିଛି । ଫଳରେ ବସ୍ତା ଏବଂ ସଦର ବ୍ଲକର ୧୨ ଟି ପଞ୍ଚାୟତ ଜଳମଗ୍ନ ହୋଇଛି । ଗାନ୍ଧିଛକ- ବାଲିଆପାଳ ରାସ୍ତା ଉପରେ ୪ ଫୁଟ ଉଚ୍ଚତାରେ ବନ୍ୟାପାଣିର ସୁଅ ଚାଲିଥିବାରୁ ବାଲିଆପାଳ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ସେହିପରି ବିଭିନ୍ନ ଗ୍ରାମ୍ୟ ରାସ୍ତା ମଧ୍ୟ ବନ୍ୟା ପାଣିରେ ବୁଡି ରହିଥିବାରୁ ଲୋକେ ଯାତାୟତରେ ସମସ୍ୟା ଭୋଗୁଛନ୍ତି । ବସ୍ତା ଥାନା, ବସ୍ତା ଅବକାରୀ ଥାନା, ବସ୍ତା ତହସିଲ ଭିତରେ ବର୍ଷା ପାଣିରେ ସୁଅ ପଡ଼ିଥିବାର ଦେଖିବାକୁ ମିଳିଛି । ଫଳରେ ଆଜି ଦିନ ତମାମ ଏହି ୩ ଅଫିସର ସରକାରୀ କାମ ଠପ ହୋଇଯାଇଛି । ଥାନା ଓ ଅବକାରୀ ଥାନା ଭିତରେ ଥିବା ବିଭିନ୍ନ ରେକର୍ଡ ପତ୍ର ତଥା ଆସବାବପତ୍ର ର ସୁରକ୍ଷା ପାଇଁ ଥାନାର କର୍ମଚାରୀ ମାନଙ୍କୁ ନାକେଦମ ହେବାକୁ ପଡ଼ିଛି । ଜଳକା ବନ୍ୟା ଯୋଗୁଁ ଉପରୋକ୍ତ ଦୁଇ ବ୍ଲକର ଶହେରୁ ଉର୍ଦ୍ଧ୍ୱ ଗାଁ ଏକ ପ୍ରକାରର ଜଳବନ୍ଦୀ ହୋଇଯାଇଛି । ଜଳକା ନଦୀର ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆଜି ବସ୍ତା ଓ ସଦର ବ୍ଲକର ବିଭିନ୍ନ ▶ପୃଷ୍ଠା-୧୦



## ■ ଉତ୍ତର ଓଡ଼ିଶାରୁ ଟଳୁନି ବନ୍ୟା ଭୟ
# ୨୪ରେ ସୃଷ୍ଟି ହେବ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୨।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି । ଏହାପ୍ରଭାବରେ ଝାଡ଼ଖଣ୍ଡ ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିଛି । ଉପରମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବୈତରଣୀ ନଦୀ ମଧ୍ୟ ପୁଣି ସତର୍କ ସଙ୍କେତ ପାର କରିଛି । ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଙ୍କେତ ଟପି ୧୭.୩୪ ମିଟର ଉପରେ ପ୍ରବାହିତ ହେଉଛି । ଏବେ ନଦୀରେ ଜଳସ୍ତର ବଢୁଥିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ଅଛନ୍ତି । ଅନ୍ୟପଟେ ୨୪ ତାରିଖରେ ପୁଣି ଏକ ଲଘୁଚାପ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହା ପ୍ରଭାବରେ ୨୬ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବ । ଫଳରେ ଉତ୍ତର ଓଡ଼ିଶା ସମେତ ସାରା ରାଜ୍ୟରେ ସ୍ଥିତି ଉଦବେଗଜନକ ହେବାର ▶ପୃଷ୍ଠା-୧୦

## ■ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର
# କରୋନା ମୃତକଙ୍କ ପରିବାରକୁ ମିଳିବ ୫୦ ହଜାର ଟଙ୍କା

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ କରୋନା ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ସରକାର ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ଏହି ସୂଚନା ଦେଇଛନ୍ତି । ତେବେ ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି (ଏସଡିଆରଏଫ)ରୁ ଦିଆଯିବ ଏବଂ ରାଜ୍ୟ ସରକାର ଏହାକୁ ବହନ କରିବେ । ଉଦ୍ଧାରକାର୍ଯ୍ୟରେ ସାମିଲ ଥିବା ଲୋକଙ୍କ ପରିଜନଙ୍କୁ ମଧ୍ୟ ଏହି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ । ପୂର୍ବରୁ ମୃତ୍ୟୁବରଣ କରିଥିବା ଏବଂ ଭବିଷ୍ୟତରେ ମୃତ୍ୟୁ ପାଇଁ ମଧ୍ୟ ଏହି ଅର୍ଥ ଦିଆଯିବ ବୋଲି କୁହାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏନଡିଏମଏ ଅନୁକମ୍ପାମୂଳକ ସହାୟତା ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି । ସୂଚନାଯୋଗ୍ୟ ଯେ କରୋନାରେ ଏ ପର୍ଯ୍ୟନ୍ତ ୪୪୫୭୬୮ ଲୋକ ପ୍ରାଣ ହରାଇଲେଣି । ଏହି ଲୋକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବା ଲାଗି ଦୀର୍ଘଦିନରୁ ଦାବି କରାଯାଉଛି । ପରିଶେଷରେ କେନ୍ଦ୍ର ଏ ନେଇ ରାଜି ହୋଇଛି । ଗତ ଶୁଣାଣିରେ କରୋନା ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାକୁ ସରକାର ମନା କରିଦେଇଥିଲେ । ଏହାକୁ କୋର୍ଟ ମଧ୍ୟ ସ୍ୱୀକାର କରିନେଇଥିଲେ । କିନ୍ତୁ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ନିମନ୍ତେ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଉପରେ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା କୋର୍ଟଙ୍କୁ ତଥ୍ୟ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ । ସେହିପରି ଗତ ସୋମବାର କରୋନାରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନା ମୃତ୍ୟୁ ଧରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ । ଏ ନେଇ ରାଜ୍ୟସରକାରମାନଙ୍କୁ ନୂଆ ମାର୍ଗଦର୍ଶିକା ଜାରି କରାଯାଉ । କରୋନା ଯୋଗୁଁ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନାଜନିତ ନ ମାନିବା ଗ୍ରହଣଯୋଗ୍ୟ ନୁହେଁ । ସେମାନଙ୍କୁ କରୋନା ମୃତ୍ୟୁ ପ୍ରମାଣପତ୍ର ମିଳିବା ଉଚିତ ।

ଚଳିତ ବର୍ଷ ଜୁନ ମାସରେ କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା । କାରଣ ବିପର୍ଯ୍ୟୟ ପ୍ରଶମନ ଆଇନରେ କେବଳ ଭୂକମ୍ପ, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନୁକମ୍ପାମୂଳକ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି । ଏପରି ସ୍ଥିତିରେ ରୋଗରେ ମୃତ୍ୟୁ ଯୋଗୁଁ କ୍ଷତିପୂରଣ ଦିଆଗଲେ ଏବଂ ଅନ୍ୟ କ୍ଷେତ୍ରରେ ଏହା ଦିଆ ନଗଲେ ଭୁଲ ହେବ ବୋଲି କେନ୍ଦ୍ର କହିଥିଲା ।


ଭିତର ପୃଷ୍ଠାରେ...
ବୁଥରେ ନୁହେଁ; ବ୍ଲକ୍‌ରେ ଗଣତି







## ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି
# କାର୍‌ରୁ ୨.୮ ଲକ୍ଷ ଟଙ୍କା ଜବତ

■ **କଟକ, ୨୨।୯ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁ । ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ ମୋଟୁରୁ ଏକ କାର୍ ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ



### ଖୋର୍ଦ୍ଧାରେ ମଧ ଚଢ଼ଉ

ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା । ଶ୍ରୀ ସାହୁ ବିପୁଳ ଅର୍ଥ ନେଇଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା । ଭିଜିଲାନ୍ସ ଟିମ କାର୍‌କୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷ ଟଙ୍କା ଥିବା ଜଣାପଡ଼ିଥିଲା । ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି । ଏଥିସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପଚରାଉଚରା ଚଳାଇଥିବା ବେଳେ ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନଗିରିର ଦୁଇଟି ସ୍ଥାନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ ।

# ବଲାଙ୍ଗିରରେ ବିକାଶର ସୂର୍ଯ୍ୟୋଦୟ

- ସ୍ମାର୍ଟ ହେଲ୍‌ଥ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲାରେ ସାଢ଼େ ଚାରି ଲକ୍ଷ ପରିବାର ପାଇବେ ହେଲ୍‌ଥ କାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଅନ୍ୟ ବିଶ୍ୱବିଦ୍ୟାଳୟ ଲାଗି ଆଦର୍ଶ ହେବ ରାଜେନ୍ଦ୍ର




■ **ଭୁବନେଶ୍ୱର, ୨୨।୯ (ସମିସ):** ମାଲକାନଗିରି ଏବଂ ରାଉରକେଲା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରବାସୀଙ୍କୁ ଉପହାର ଦେଇଛନ୍ତି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ । ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଣ୍ଟନ କରିଛନ୍ତି । ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟ କାର୍ଡ଼ଗ୍ରହଣ କରିଥିଲେ । ଅନୁରୂପ ଭାବରେ ଟିଟିଲାଗଡ଼, ପାଟଣାଗଡ଼ରେ ମଧ ▶ପୃଷ୍ଠା-୧୦

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ନରସିଂହ-ସାଲୁଜା

■ **ବଲାଙ୍ଗିର, ୨୨।୯ (ସମିସ):** କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଆୟୁଷ୍ମାନ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ ଭଲ । ରାଜ୍ୟବାସୀଙ୍କ ହିତ ଲାଗି

### ଆୟୁଷ୍ମାନଠାରୁ ଭଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ମୁଖ୍ୟମନ୍ତ୍ରୀ ଯେଉଁ ସ୍ମାର୍ଟ ହେଲ୍‌ଥ କାର୍ଡ଼ ପ୍ରଚଳନ କରିଛନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଛନ୍ତି ବଲଙ୍ଗିରର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସନ୍ତୋଷ ସିଂହ ସାଲୁଜା । ▶ପୃଷ୍ଠା-୧୦

## ଲୋକକଥା



ବନ୍ୟା, ବାତ୍ୟା, ବଢ଼ି ମରୁଡ଼ିରେ ରାଜ୍ୟ
କଲବଲ ହଉଥାଇ,
କେନ୍ଦ୍ର ସରକାର ଦେଖି ଶୁଣି ସବୁ
ବଲବଲ ଛନ୍ତି ଚାହିଁ ।
ଆମର ପ୍ରାପ୍ୟ ନ ଦେଇ
ହଟ ଦେଖୁଛନ୍ତି କୁଟ କପଟିଆ,
ପଦୁଅଁ ଫୁଲିଆ ସାଇଁ... ॥

# ମଉଳିଯିବ କି ଶୀତଳାପଲ୍ଲୀ ରେଳ ୱାଗନ କାରଖାନା ଆଶା!

■ **ବ୍ରହ୍ମପୁର, ୨୨।୯ (ସମିସ):** ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ୱାଗନ କାରଖାନା ଆଶା ମଉଳିବ । ଏଠାରେ ବିକଳ୍ପ କାରଖାନା ପାଇଁ ଚିନ୍ତା କରୁଛି ରେଳବିଭାଗ । ଆଜି ଖୋର୍ଦ୍ଧାରୋଡ୍ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଶୀତଳାପଲ୍ଲୀ ଆସି ପରିଦର୍ଶନ କରିଛନ୍ତି । ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଜଗନ୍ନାଥପୁରଠାରେ ଓହ୍ଲାଇବା ସହ ସେଠାରୁ ଶୀତଳାପଲ୍ଲୀ ଯାତ୍ରା କରିଥିଲେ । ତାଙ୍କ ସହିତ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ । ସେ ଏଠାକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଶୀତଳାପଲ୍ଲୀ ଠାରେ ୱାଗନ ଫେକ୍ଟ୍ରି ତିଆରି କରିବା ପାଇଁ ବହୁବର୍ଷ ପୂର୍ବରୁ ଓଡ଼ିଶା ସରକାରଙ୍କୁ ଜାଗା ମାଗିଥିଲା ରେଳ ବିଭାଗ । ସେତେବେଳର ଚିନ୍ତାଧାରାକୁ ଦୃଷ୍ଟିରେ ରଖି ୱାଗନ୍ ଫେକ୍ଟ୍ରି କରିବା ପାଇଁ ନିଷ୍ପତି ହୋଇଥିଲା । ଯେ କୌଣସି ଘରୋଇ ଅନୁଷ୍ଠାନକୁ ଧରି ୱାଗନ୍ ଏଠାରେ ତିଆରି କରିବାକୁ ପ୍ରସ୍ତୁତି କରାଯାଇଥିଲା । ବର୍ତ୍ତମାନ ରେଳ ବିଭାଗର




▶ ବିକଳ୍ପ ପାଇଁ ଚିନ୍ତା କରୁଛି ରେଳ ବିଭାଗ
▶ ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ
▶ ଲକ୍ଷ୍ୟ ରଖି ଭଲ ଯାଗା ଦେଇଛନ୍ତି ରାଜ୍ୟ ସରକାର

ସମସ୍ତ ୱାଗନ ଘରୋଇ କମ୍ପାନୀମାନଙ୍କ ଠାରୁ ହିଁ କିଣାଯାଉଛି । କିନ୍ତୁ ଉକ୍ତ ମଡ଼େଲ୍ କାର୍ଯ୍ୟ ନ କରିବା ଫଳରେ ଏଠାରେ କେଉଁ ଘରୋଇ କମ୍ପାନୀ କାମ କରିବାକୁ ପ୍ରସ୍ତୁତ ହୋଇ ନ ଥିଲେ ▶ପୃଷ୍ଠା-୧୦

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ କାର୍ ଅଟକାଇ ଲୁଟ୍
# ଝାମ୍ପିନେଲେ ୩.୫୦ ଲକ୍ଷ

■ **ଉଦଳା, ୨୨।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ପୁଣି ରାହାଜାନି । ଉଦଳା ଥାନା ଅଞ୍ଚଳର ଧାନଘେରା ରାସ୍ତାରେ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ୩ ଲକ୍ଷ ୫୦ ହଜାର ଟଙ୍କା । ଧାନଘେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା (୭୩) ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ବାରଟାରେ ଉଦଳା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ନିଜ ଜମା ଅର୍ଥରୁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ କରି ନିଜ ଗ୍ରାମକୁ ଏକ କାର ଯୋଗେ ପତ୍ନୀଙ୍କ ସହ ଫେରୁଥିଲେ । ବି.ସି.ପୁର-ଧାନଘେରା ରାସ୍ତାର ଏକ ନିଛାଟିଆ ସ୍ଥାନରେ ଏକ ବାଇକରେ ଆସି ଦୁଇଜଣ ଯୁବକ ସାମ୍ନାରେ ଗାଡି ରଖି ରାସ୍ତା ପଚାରିବା ବାହାନାରେ ପଛପଟୁ ଅନ୍ୟ ଜଣେ ସହଯୋଗୀ ଲୁଟେରା ଆସି ରତିକାନ୍ତଙ୍କ ପତ୍ନୀଙ୍କ ହାତରେ ଥିବା ଟଙ୍କା ବ୍ୟାଗ୍‌ଟିକୁ ଝାମ୍ପି ନେଇ ବିସିପୁର ଆଡ଼କୁ ଦ୍ରୁତଗତିରେ ଚମ୍ପଟ ମାରିଥିଲେ । ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଟଙ୍କା ଉଠାଣର ସମୟ ଓ ବ୍ୟାଙ୍କ ସମ୍ମୁଖସ୍ଥ ସମସ୍ତ ସିସିଟିଭି ଫୁଟେଜ୍‌କୁ ପୁଲିସ ତଦନ୍ତ ପରିସରକୁ ନେଇଛି ।

# 'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ପୂଜା ହେଗ୍‌ଡେ ବହୁତ ଜଲ୍‌ଦି ରୋମାଣ୍ଟିକ୍ ଡ୍ରାମା 'ରାଧେ ଶ୍ୟାମ'ରେ ନଜର ଆସିବେ। 'ରାଧେ ଶ୍ୟାମ'ର ଏହି ଯୋଡ଼ିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରଭାସ, ପୂଜାଙ୍କ ଅଣ ପେସାଦାର ମନୋବୃତ୍ତିକୁ ନେଇ କ୍ଷୁବ୍ଧ ଥିବା ଜଣାପଡିଛି। ପ୍ରତିଦିନ ସେଟ୍‌କୁ ପୂଜା ବିଳମ୍ବରେ ଆସିବା ନୀତିକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଭାସ। ସେ ପୂଜାଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିବା ଖବର ପ୍ରକାଶ ପାଇଛି। ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରଯୋଜନା ସଂସ୍ଥା 'ୟୁବି କ୍ରିଏସନ୍' ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ୟୁବି କ୍ରିଏସନ୍ ପକ୍ଷରୁ କୁହାଯାଇଛି ଯେ, 'ଏସବୁ ଖବରରେ କୌଣସି ସତ୍ୟତା ନାହିଁ। ପ୍ରଭାସ ଓ ପୂଜା ପରସ୍ପରକୁ ବହୁତ ସମ୍ମାନ ଦିଅନ୍ତି। ପରଦା ପଛରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ଯେଉଁଥିପାଇଁ ସେମାନେ ପରଦା ଉପରେ ବେଶ୍ ଭଲ ଅଭିନୟ କରିପାରିଛନ୍ତି। ପୂଜା ଠିକ୍ ସମୟରେ ସେଟ୍‌କୁ ଆସନ୍ତି। ଏଭଳି ଖବର କେବଳ କାହାରି କାଳ୍ପନିକ ଚିନ୍ତାଧାରା। ଫିଲ୍ମର ନାୟକ ନାୟିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ପୂରା ଟିମ୍ ଏହି ଫିଲ୍ମକୁ ଦର୍ଶକଙ୍କ ନିକଟକୁ ଆଣିବାକୁ ଆଶାବାଦୀ।'

ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ପ୍ରେମ କାହାଣୀ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲାମ ଭାଷାରେ ରିଲିଜ୍ ହେବ।

# ଦୁଇଟି ଚେହେରା ଥିବା ବ୍ୟକ୍ତି


କେବେକେବେ ଆମେ କଥା ଛଳରେ କହିଦେଉ ଯେ, ସବୁ ମଣିଷଙ୍କର ଦୁଇଟି ଚେହେରା। ମନ ଭିତରେ କିଛି ଥାଏ ଓ ବାହାରକୁ କିଛି ଦେଖାନ୍ତି। କିନ୍ତୁ ଏହି ଉକ୍ତିଟି ଏକଦା ବାସ୍ତବ ରୂପ ନେଇଥିଲା। ୧୮୦୦ ଶତାବ୍ଦୀରେ ଏଡୱର୍ଡ ମୋର୍‌ଡ୍ରାକେ ନାମକ ଜଣେ ବ୍ୟକ୍ତିଙ୍କର ବାସ୍ତବରେ ଦୁଇଟି ଚେହେରା ଥିଲା। ସାମନାରେ ଗୋଟିଏ ଚେହେରା ଓ ମୁଣ୍ଡ ପଛପଟେ ଆଉ ଏକ ଚେହେରା । ଇଂଲଣ୍ଡର ଅଧିବାସୀ ଏଡୱର୍ଡ ଏକ୍ଷେତ୍ରରେ ବିଶ୍ୱର ଏକମାତ୍ର ବିରଳ ବ୍ୟକ୍ତି, ଯାହାଙ୍କର ଦୁଇଟି ଚେହେରା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ପଛ ପାଖ ଚେହେରାଟି ଦିନସାରା ନିଷ୍କ୍ରିୟ ଥାଏ। କିନ୍ତୁ ଯେତେବେଳେ ସେ ଶୋଇବାକୁ ଚେଷ୍ଟା କରନ୍ତି ଏହା ସକ୍ରିୟ ହୋଇଉଠେ ଏବଂ ରାତିସାରା ସେହି ପଛପାଖ ଚେହେରାଟି ଗୁଣୁଗୁଣୁ ହୋଇ କିଛି କହିଥାଏ। ଏହି କାରଣରୁ ଏଡୱାର୍ଡ଼ ଅନେକ



ଦିନ ପର୍ଯ୍ୟନ୍ତ ଶୋଇ ପାରୁନଥିଲେ। ସେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। କିନ୍ତୁ ସେ ସମୟରେ ବିଜ୍ଞାନର ଏତେଟା ଅଗ୍ରଗତି ହୋଇ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ତେଣୁ ସେ ଅସହାୟ ହୋଇ ଆତ୍ମହତ୍ୟା କରିଥିଲେ।

## ଜାଣି ରଖନ୍ତୁ

- ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚେହେରା ମନେ ରଖିପାରନ୍ତି।
- ବିଶ୍ୱରେ ଶରଣାର୍ଥୀ ଓ ବିସ୍ଥାପିତଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି।
- ଡଲଫିନ୍ ଖାଦ୍ୟକୁ ନ ଚୋବାଇ ସିଧା ଗିଳି ଦେଇଥାଏ।



# ପେଣ୍ଡାଏ ଅଙ୍ଗୁରର ଦାମ୍ ୩୩ ହଜାର !



ଭାରତୀୟ ବଜାରରେ ବିକ୍ରି ହେଉଥିବା ଅଙ୍ଗୁର କେଜି ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ପେଣ୍ଡାଏ ଅଙ୍ଗୁରର ଦାମ୍ ୩୩ ହଜାର ଟଙ୍କା ଶୁଣି ଯେକେହି ଆଶ୍ଚର୍ଯ୍ୟ ହେବେ । 'ରୁବି ରୋମାନ' ନାମକ ଏହି ପ୍ରଜାତିର ଅଙ୍ଗୁର ପେଣ୍ଡାର ଦାମ୍ ୩୩ ହଜାର ଟଙ୍କା। ଏହି ଅଙ୍ଗୁର କେବଳ ଜାପାନରେ ହିଁ ଚାଷ କରାଯାଏ। ସାଧାରଣ ଅଙ୍ଗୁର ତୁଳନାରେ ରୁବି ରୋମାନର ଆକାର ଚାରିଗୁଣ ବଡ଼ ଓ ସ୍ୱାଦ ମଧ୍ୟ ପୂରାପୂରି ନିଆରା। ଅବଶ୍ୟ ଅଙ୍ଗୁରର ଏଭଳି ଆକାଶଛୁଆଁ ଦରକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ବିଶ୍ୱର ସବୁଠୁ ବଡ଼ ତଥା ନାଲି ରଙ୍ଗର ଅଙ୍ଗୁର ବୋଲି କହିଛନ୍ତି ଜାପାନର ଜଣେ ଗବେଷକ। ରୁବି ରୋମାନ ଅଙ୍ଗୁରକୁ ପ୍ରଥମଥର ପାଇଁ ୧୯୯୫ ମସିହାରେ ବିକଶିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ରୁବି ରୋମାନ ଅଙ୍ଗୁରର ମାତ୍ର ୨୪୦୦ ଗୁଚ୍ଛା ଉତ୍ପନ୍ନ କରାଯାଇଥିଲା। ଏହାର ଆକାର ଓ ରଙ୍ଗ ଯୋଗୁଁ ଦାମ୍ ଅଧିକ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ଅଙ୍ଗୁରଗୁଡ଼ିକ ଟମାଟୋ ଆକୃତିର ହୋଇଥାନ୍ତି। ସାଧାରଣ ଅଙ୍ଗୁର ତୁଳନାରେ ଏହାର ସ୍ୱାଦ ୧୮ ଗୁଣ ଅଧିକ। ସୁପରିୟର, ସ୍ପେସାଲ ସୁପରିୟର ଓ ପ୍ରିମିୟମ୍ ତିନିଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ଏହି ଅଙ୍ଗୁରଗୁଡ଼ିକ ବଜାରରେ ଉପଲବ୍ଧ ହୋଇନଥାଏ। ଏହା କେବଳ ନିଲାମ ପାଇଁ ଉଦ୍ଦିଷ୍ଟ। ଏହି ଅଙ୍ଗୁରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଏବେ ସଭିଁଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଅଜବ ବିଶ୍ୱାସ

# ବିବାହ ପାଇଁ ଅଶୁଭ ନଭେମ୍ବର

ଜାତି- ବର୍ଣ୍ଣ-ଧର୍ମକୁ ନେଇ ବିବାହ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ପୁଣି ଅନେକ ବିଶ୍ୱାସ-ଅନ୍ଧବିଶ୍ୱାସ କଥା ମଧ୍ୟ ରହିଛି। କିନ୍ତୁ ଜିମ୍ବାୱେରେ ଏହାକୁ ନେଇ ଏକ ଅଜବ ବିଶ୍ୱାସ ରହିଛି। ଏଠାରେ ନଭେମ୍ବର ମାସରେ କେହି ମଧ୍ୟ ବିବାହ କରନ୍ତି ନାହିଁ। ନଭେମ୍ବର ମାସରେ ବିବାହ କଲେ ବିବାହ ବିଚ୍ଛେଦ ସହ ଗର୍ଭଧାରଣ କ୍ଷେତ୍ରରେ ନାନା ସମସ୍ୟା ଦେଖାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ତେଣୁ ଜିମ୍ବାୱେରେ ନଭେମ୍ବର ମାସରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇନଥାଏ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ରହୁଥିବା ସୋନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କାହିଁ କେତେକାଳରୁ ଏଭଳି ଏକ ବିଶ୍ୱାସ ପ୍ରଚଳିତ । କିଛି ଲୋକଙ୍କର ମତାନୁସାରେ, ନଭେମ୍ବର ମାସରେ ଏଠାରେ ଅଧିକ ବର୍ଷା ହୋଇଥାଏ , ଯାହାକି ଜୀବଜନ୍ତୁ ଓ ବନସ୍ପତିର ବିକାଶ ଦିଗରେ ସହାୟକ ହୋଇଥାଏ। ତେଣୁ ଏହି ମାସ ଅତ୍ୟନ୍ତ ପବିତ୍ର ମାସ। ଏହି ସମୟରେ ହୋହାଲ୍ଲା କଲା ଭଳି କିଛି ସାମାଜିକ ସମାରୋହର ଆୟୋଜନ କରାଯିବା ଅନୁଚିତ। କିଛି ବ୍ୟକ୍ତି ଏହି ପ୍ରତିବନ୍ଧକକୁ ମାନୁ ନଥିବାବେଳେ ଏଠାକାର ରଢ଼ିବାଦୀ ଲୋକେ ଏହାକୁ 'କଳା ନଭେମ୍ବର'ର ଆଖ୍ୟା ଦେଇ ପରମ୍ପରାକୁ ଜାବୁଡ଼ି ଧରିଛନ୍ତି। ପ୍ରକୃତି ବିରୋଧରେ ଯାଇ ବିବାହ କଲେ ଅନିଷ୍ଟ ଘଟେ ବୋଲି ସେମାନେ ବିଶ୍ୱାସ କରନ୍ତି।



# 'ଭାଇରସ୍' ଚରିତ୍ରକୁ ନକଲ କରୁଛନ୍ତି ଛାତ୍ରୀ

ପ୍ରତିଭାଧାରୀ ବ୍ୟକ୍ତିମାନେ ତାଙ୍କର ଅନନ୍ୟ କଳା ନୈପୁଣ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ର ରାଜଧାନୀ ରାୟପୁରରେ। କାବ୍ୟା ଚାୱଡ଼ା ନାମକ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ବଲିଉଡ୍‌ର ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ର 'ଭାଇରସ୍' ଚରିତ୍ରରୁ ପ୍ରେରଣା ପାଇ ଦୁଇ ହାତରେ ଏକା ସାଙ୍ଗରେ ଲେଖିବାର ଏକ ନିଆରା କୌଶଳକୁ ଆପଣାଇ ନେଇଛନ୍ତି। ସେ ଡାହାଣ ହାତରେ ଯେଉଁ ଶବ୍ଦ ଲେଖନ୍ତି ବାମ ହାତରେ ତାକୁ ଓଲଟା କରି ଲେଖିଥାନ୍ତି (ମିରର୍ ଇମେଜ୍ ଭଳି)। କାବ୍ୟା ପ୍ରାୟ ୩-୪ ବର୍ଷ ହେଲା ଏହିଭଳି ଲେଖା ଅଭ୍ୟାସ କରୁଛନ୍ତି। ଏ ସମ୍ପର୍କରେ କାବ୍ୟାଙ୍କ ମା' ନେହା ଚାୱାଡା କହିଛନ୍ତି ଯେ, ପାଠପଢା ସରିବା ପରେ ସେ କାୟାଙ୍କୁ ଆରାମ କରିବାକୁ କହନ୍ତି। କିନ୍ତୁ ସେ ଆରାମ ନ କରି ତାଙ୍କର ଲେଖା ଅଭ୍ୟାସ




କଳାରେ ଲାଗିଯାନ୍ତି। ସେ ନିଜେ ଛଅମାସ ପୂର୍ବରୁ ତାଙ୍କ ଝିଅର ଏହି ପ୍ରତିଭା ବିଷୟରେ ଅବଗତ ହୋଇଥିବା କଥା କହିଛନ୍ତି।

## ଆଜିର ଇତିହାସ

- ୧୯୨୯- ବାଲ୍ୟ ବିବାହ ନିରୋଧ ବିଧେୟକ ପାରିତ।
- ୧୯୫୫- ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୯- ସୋମାଲିଆ ସମ୍ବିଧାନକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଲେ।
- ୨୦୦୨- ମୋଜିଲା ଫାୟାର ଫକ୍ସ ତା'ର ପ୍ରଥମ ଭର୍ସନ୍ ଲଞ୍ଚ କଲା।
- ୨୦୦୪- ହାଇତିରେ ତୋଫାନ ପରେ ଆସିଥିବା ବନ୍ୟା ଯୋଗୁଁ ପାଖାପାଖି ୧୦୭୦ ଜଣଙ୍କ ମୃତ୍ୟୁ।

# ମଝି ରାସ୍ତାରେ ପାହାଚ

ଆଜିକାଲି ସୋସିଆଲ୍ ମିଡିଆରେ ପ୍ରାଙ୍କ୍ ଭିଡିଓ ଅଧିକ ଟ୍ରେଣ୍ଡରେ ଅଛି। ବିଭିନ୍ନ ପ୍ରକାର ମନୋରଞ୍ଜନ ଭିଡିଓ କୌଶଳରେ ଲୋକମାନଙ୍କୁ ସହଜରେ ବୋକା ବନାଇ ଦିଆଯାଇପାରୁଛି। ଏବେ ସେଭଳି ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଥ୍ରୀ-ଡି ପେଣ୍ଟିଙ୍ଗ୍ ସାହାଯ୍ୟରେ



ପାହାଚ ଭଳି ଏକ ଚିତ୍ରକଳା ତିଆରି କରିଛନ୍ତି। ଏହା ରାସ୍ତା ଉପରେ ପାହାଚ ତିଆରି ହୋଇଥିବା ଭଳି ମନେ ହେଉଛି। ରାସ୍ତାରେ ଯାଉଥିବା ଲୋକ ଦୁର୍ଘଟଣା ଆଶଙ୍କାରେ ଏଠାରେ ଅଟକି ଯାଉଛନ୍ତି। ସେମାନଙ୍କ ମନରେ କ୍ଷଣକ ପାଇଁ ଭୟ ମଧ୍ୟ ଉଦ୍ରେକ ହେଉଛି। ଏହି ଭିଡିଓ ହେପଗୁଲ୍ ୫ ନାମକ ଏକ ଇନଷ୍ଟାଗ୍ରାମ୍ ମାଧ୍ୟମରେ ସେୟାର୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ପ୍ରଥମେ ଜଣେ ବାଇକ୍ ରାଇଡର୍ ରାସ୍ତା ଉପରେ ଥ୍ରୀଡି ଆର୍ଟକୁ ଦେଖିବା ପରେ ଏହାକୁ ପାହାଚ ବୋଲି ଭାବି ରାସ୍ତା କଡ଼ରେ କଡ଼ରେ ବାଇକ୍ ଚଳାଇ ଯାଇଥିଲେ। ଏହାପରେ ସ୍କୁଟି ଚଳାଇ ଆସୁଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ଠିକ୍ ଏଭଳି କରିଥିଲେ। ଶେଷରେ କାର୍‌ଟିଏ ଆସି ଏହି ସ୍ଥାନରେ ଅଟକି ଯାଉଛି। ଏହି ଭିଡିଓ ଦେଖିବାକୁ ବେଶ୍ ମଜାଦାର ଲାଗୁଛି ଏବଂ ଏହାକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖି ସାରିଛନ୍ତି।

# ଆଧୁନିକ ଯୁଗର 'ପିକେ'

ଲୋକକଳା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମୟକ୍ରମରେ ଏହି ଲୋକକଳା ଲୋପ ପାଇବାରେ ଲାଗିଛି। ଲୋପ ପାଇ ଯାଉଥିବା ଲୋକକଳା ମଧ୍ୟରୁ ଗୋଟିଏ ହେଉଛି ବହୁରୂପିଆ। ଏହା ବିହାରର ମୁଜଫରପୁରରେ ବହୁଳ ଭାବେ ପ୍ରଚଳିତ। ବିଭିନ୍ନ ପର୍ବପର୍ବାଣି ଅନୁଯାୟୀ, ଏହି ବହୁରୁପୀମାନେ ନିଜକୁ ସଜେଇ ଲୋକମାନଙ୍କୁ ଘରଘର ବୁଲି ହସାନ୍ତି ଏବଂ ମନୋରଞ୍ଜନ କରନ୍ତି। ଏହାର ପ୍ରତିବଦଳରେ ତାଙ୍କୁ କିଛି ଟଙ୍କା ମଧ୍ୟ ଦିଆଯାଇଥାଏ। ଲୋପ ପାଇଯାଉଥିବା ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ମୁଜଫରପୁର ଜଣେ ବହୁରୂପୀଆ। ମଧୁବାଣୀ ଅଞ୍ଚଳରେ ଏହି ବହୁରୂପୀଆ ଜଣକ ପି.କେ. ଚଳଚ୍ଚିତ୍ରର ପି.କେ. ଚରିତ୍ରକୁ ଧାରଣ କରିଛନ୍ତି। ମୁଣ୍ଡରେ ହଳଦିଆ ହେଲମେଟ୍, ଗଳାରେ ରେଡ଼ିଓ ଓ ମାଳା ଆଦି ପିନ୍ଧି ମନୋରଞ୍ଜନ କରୁଛନ୍ତି। ଲୋକମାନଙ୍କୁ ସେ ଏହି ଚଳଚ୍ଚିତ୍ରର ଡାଇଲଗ୍ କହି ମଧ୍ୟ ହସାଉଛନ୍ତି। ଏହାପୂର୍ବରୁ ସେ ନାରଦ ମୁନି, ଭଗବାନ ଶିବ ଶଙ୍କର, ବିଭିନ୍ନ ବଲିଉଡ୍ ଅଭିନେତାଙ୍କ ବେଶ ଧାରଣ କରୁଥିଲେ। ଏହି ବହୁରୂପୀଆ ଜଣକ କହିଛନ୍ତି ଯେ, ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଏପରି ବହୁରୂପିଆ ବେଶ ଧାରଣ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** କିଛିଟା ଟେନସନ୍ ଭିତରେ ଆଗେଇ ଚାଲିବେ। ଚାକିରିରେ ଚଳଚଞ୍ଚଳ ରହିବେ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ।ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଭ୍ରମଣପ୍ରିୟ ହେବେ। **ଶୁଭ ଅଙ୍କ-୯ ,ଶୁଭ ରଙ୍ଗ-ମେରୁନ୍**

**ବୃଷ:** ଅନେକ ଚେଷ୍ଟା କରି ସୁଫଳ ପାଇବେ। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବ। **ଶୁଭ ଅଙ୍କ-୬,ଶୁଭ ରଙ୍ଗ-ଧଳା**

**ମିଥୁନ:** ଦିନଟି ସୁଖସମୃଦ୍ଧି ପ୍ରାପ୍ତି ହେବ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସୁଖମୟ ରହିବ। ପ୍ରଶାସନିକ ସକ୍ରିୟ ରହିବେ। ବାଣିଜ୍ୟରେ ଉତ୍ତମ ଲାଭ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୮ ,ଶୁଭ ରଙ୍ଗ-ଆକାଶୀ**

**କର୍କଟ:** ଦିନଟିରେ ଆବଶ୍ୟକତା ପୂରଣ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଚାକିରିରେ ଧନସମ୍ମାନ ମିଳିବ। ବାଣିଜ୍ୟରେ ଉନ୍ନତି ହେବ।ଶିକ୍ଷାର୍ଥୀ ଅଧ୍ୟୟନପ୍ରିୟ ହେବେ। **ଶୁଭ ଅଙ୍କ-୧,ଶୁଭ ରଙ୍ଗ-ପିଙ୍କ୍**

**ସିଂହ:** ଦିନଟି ଅସ୍ତବ୍ୟସ୍ତ ଭିତରେ କଟିବ। ଚାକିରିରେ ଅବହେଳା ରହିବ। ପ୍ରଶାସନିକ ଅସହଯୋଗ ରହିବ। ପରିବହନ ଓ ବାଣିଜ୍ୟ ମନ୍ଥର ରହିବ। ଶିକ୍ଷାର୍ଥୀ ଆଳସ୍ୟ ରହିବେ। **ଶୁଭ ଅଙ୍କ-୫,ଶୁଭ ରଙ୍ଗ-ସବୁଜ**

**କନ୍ୟା:** କେତେକ ସମସ୍ୟାକୁ ନେଇ ବିଚଳିତ ରହିବେ। ଚାକିରିରେ ସ୍ଥାନାନ୍ତର ହୋଇପାରେ। ରାଜନୀତିରେ ଜଟିଳସ୍ଥିତି ରହିବ। ବାଣିଜ୍ୟରେ ହାନି ହୋଇପାରେ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁଭ ଅଙ୍କ-୬,ଶୁଭ ରଙ୍ଗ-ସିଲଭର୍**

**ତୁଳା:** ବନ୍ଧୁ ସହଯୋଗ ପାଇ ଆଗେଇବେ। ମହିଳାମାନେ ସୁଖୀ ରହିବେ। ରାଜନୀତିରେ ସୁନାମ ପାଇବେ। ବାଣିଜ୍ୟ ଉତ୍ସାହଜନକ ରହିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୪,ଶୁଭ ରଙ୍ଗ-ମେଟାଲିକ୍**

**ବିଛା:** ଦିନଟି କର୍ମତତ୍ପର ରହିବେ। ଚାକିରିରେ ନିଷ୍ଠାପର ରହିବେ। ମହିଳାମାନେ ପରିଶ୍ରମୀ ହେବେ। ପରିବହନ ଓ ବାଣିଜ୍ୟରେ ଲାଭାନ୍ୱିତ ହେବେ।ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୭,ଶୁଭ ରଙ୍ଗ-କଫି**

**ଧନୁ:** କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ। ସନ୍ତାନସନ୍ତତିମାନେ ଅବାଧ ହୋଇପାରନ୍ତି। ଚାକିରିରେ ଚାପ ରହିବ। ବାଣିଜ୍ୟରେ ମନ୍ଥର ରହିବ। ଶିକ୍ଷାର୍ଥୀ ଅନ୍ୟମନସ୍କ ରହିବେ। **ଶୁଭ ଅଙ୍କ-୮ ,ଶୁଭ ରଙ୍ଗ-ବାଇଗଣୀ**

**ମକର:** ପରିଶ୍ରମର ଫଳ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଚଞ୍ଚଳ ରହିବେ। **ଶୁଭ ଅଙ୍କ-୩,ଶୁଭ ରଙ୍ଗ-ହଳଦିଆ**

**କୁମ୍ଭ:** ପ୍ରତିଟି କାର୍ଯ୍ୟରେ ସଫଳତା ପାଇବେ। ମହିଳାମାନେ ଆଦର ସମ୍ମାନ ପାଇବେ। ଚାକିରିରେ ନିଷ୍ଠା ରହିବ। ବାଣିଜ୍ୟରେ ଉତ୍ତମ ହେବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪,ଶୁଭ ରଙ୍ଗ-ମେଟାଲିକ୍**

**ମୀନ:** ଆର୍ଥିକ କଥାକୁ କେନ୍ଦ୍ର କରି ଅଶାନ୍ତି ଉପୁଜିପାରେ। ଚାକିରିରେ କାର୍ଯ୍ୟ ବହୁଳ ରହିବ। ରାଜନୀତିରେ ବିରୋଧୀ ବୃଦ୍ଧି ପାଇବେ। ବାଣିଜ୍ୟ ମାନ୍ଦା ରହିବ। ଶିକ୍ଷାର୍ଥୀ ଆଳସ୍ୟ ହେବେ। **ଶୁଭ ଅଙ୍କ-୩,ଶୁଭ ରଙ୍ଗ-କ୍ରିମ୍**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦






ସକାଳ
THE SAKALA
www.sakalaepaper.com




■ ଚାନ୍ଦିପୁର ପ୍ରତିରକ୍ଷା ଘାଟି ଗୁପ୍ତଚରୀ

# ଚାଳକବିହୀନ ବିମାନ ଡାଟା ଚୋରି ସନ୍ଦେହ

ଭୁବନେଶ୍ୱର/କଟକ,୨୨।୯ (ସମିସ): ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ଘଟଣାରେ ପଦାକୁ ଆସିଛି ଆଉ କିଛି ସଂଘାତିକ ତଥ୍ୟ। ପାଇଲଟ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ସଂକ୍ରାନ୍ତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଲିକ୍ ହୋଇଥିବା ସନ୍ଦେହରେ ତନାଘନା କରୁଛି ଏୟାରଫୋର୍ସର ଏକ ସ୍ୱତନ୍ତ୍ର ଟିମ୍। ୫ ଅଭିଯୁକ୍ତଙ୍କୁ ଏୟାରଫୋର୍ସର ଦୁଇ ଜଣିଆ ତଦନ୍ତକାରୀ ଟିମ୍ ଜେରା କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁଡେଇ ତୁଡେଇ ପଚରାଉଚରା କରାଯାଉଛି। କାରଣ ପାଇଲଟ୍ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ନିମନ୍ତେ ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ କାର୍ଯ୍ୟକ୍ରମ ଚାଲୁଥିଲା। ଯଦି ଏଭଳି ସୁରାକ୍ ଶତ୍ରୁ ରାଷ୍ଟ୍ରର ଗୁଇନ୍ଦା ହାତରେ ପଡ଼ିଲେ, ଭାରତୀୟ ବାୟୁସେନା ଏୟାରକ୍ରାଫ୍ଟର ସୂଚନା ପ୍ରଘଟ ହେବାର ଆଶଙ୍କା ରହିଛି। ତେଣୁ ବାୟୁସେନାର ତଦନ୍ତକାରୀ ଟିମ୍ ଅଧିକ ଖୋଳତାଡ କରୁଛି।

ସେହିପରି ଅଭିଯୁକ୍ତଙ୍କ 'ହନିଟ୍ରାପ' ଗୁମର ଧିରେ ଧିରେ ଫିଟୁଛି। ୨୦୨୦ ଫେବୃଆରୀ ମାସରୁ ଜଣେ ଅଭିଯୁକ୍ତ ସୁନ୍ଦରୀ ଯୁବତୀଙ୍କ ଯୋଗସୂତ୍ରରେ ଆସିଥିଲେ। ଏହାପରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପରେ ଆଉ ୪ ଅଭିଯୁକ୍ତ ଯୁବତୀଙ୍କ ଜାଲରେ ପଡ଼ିଥିଲେ। ଏଭଳି ଭାବେ ପ୍ରାୟ ଦେଢ଼ବର୍ଷ ହେବ ସୁନ୍ଦରୀ ଯୁବତୀଙ୍କ ସହ ୫ ଅଭିଯୁକ୍ତ ସମ୍ପର୍କରେ ରହିଥିଲେ। ସେମାନଙ୍କ ବିଭିନ୍ନ ପରିଚୟ ଦେଇ ଯୋଗାଯୋଗରେ ରହୁଥିଲେ ସୁନ୍ଦରୀ ଯୁବତୀ। କେତେବେଳେ ସୁନ୍ଦରୀ ତରୁଣୀ ଜଣକ ନିଜକୁ ରାଜସ୍ଥାନର ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କର୍ମଚାରୀ ତ ଆଉ କାହାକୁ ପୋର୍ଟବ୍ଲେୟାରରେ ନର୍ସ ଭାବରେ କାର୍ଯ୍ୟ କରୁଥିବା କହୁଥିଲେ। ଅନ୍ୟମାନଙ୍କୁ ସେ ମେସେଜ ଓ ମେସେଞ୍ଜର ଜରିଆରେ କରି କଥା ହେଉଥିଲେ। ଏମିତିକି ଯୁବତୀ ଜଣକ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କି ତଥ୍ୟ ଦେଇଛନ୍ତି। ସେସବୁକୁ ଜାଣିବା ଲାଗି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଚିଠି ଲେଖିବ କ୍ରାଇମ୍‌ବ୍ରାଞ୍ଚ୍।

ଅନ୍ୟପକ୍ଷରେ ଦୁବାଇରୁ ଜଣେ ଅଭିଯୁକ୍ତର ଜମାଖାତାକୁ ୨ଟି କିସ୍ତିରେ ଦୁବାଇରୁ ୩୮ ହଜାର ଟଙ୍କା ଆସୁଛି। ତେଣୁ ଉକ୍ତ ଟଙ୍କା କିଏ ପଠାଇଛି ଖୋଳତାଡ କରୁଛି

● ମାୟାବିନୀ ସୁନ୍ଦରୀଙ୍କ ସମ୍ପର୍କରେ ଥିଲେ ସମସ୍ତ ଅଭିଯୁକ୍ତ

● ବିବାହର ପ୍ରଲୋଭନ ଦେଇ ଅଭିଯୁକ୍ତଙ୍କୁ ଫସାଇଥିଲେ

ଯଥାକ୍ରମେ ବିଟ୍ରେନ ଲିଭରପୁଲରେ ମିଜାଇଲର ରିସର୍ଚ୍ଚ କରୁଥିବା, ଚଣ୍ଡିଗଡ଼ର ସେନାର ଲୋୟର ଡିଭିଜନ କ୍ଲର୍କ କାମ କରୁଥିବା କହି ବାର୍ତ୍ତାଳାପ କରୁଥିଲେ। ସବୁଠାରୁ ବଡ଼ କଥା ହେଲା ଯୁବତୀ ଜଣକ ୫ଜଣଙ୍କ ସହ ସମ୍ପର୍କ ରଖୁଥିଲେ ମଧ ପରସ୍ପର ଜାଣିପାରୁନଥିଲେ। ଏଭଳିଭାବେ ଯୁବତୀ ମାୟାଜାଲ ବିଛାଇ ଅଭିଯୁକ୍ତଙ୍କ ଠାରୁ ଗୋପନୀୟ ତଥ୍ୟ ନେଉଥିଲେ। ସେପଟେ ନିୟମିତ ସୁନ୍ଦରୀ ଯୁବତୀ ଅଭିଯୁକ୍ତଙ୍କ ସହ ସମ୍ପର୍କରେ ରଖିବା ସହ ବାରମ୍ବାର କଥା ହେଉଥିଲେ। ଦିନରେ ଜଣେ ଅଭିଯୁକ୍ତଙ୍କୁ ୧୦ରୁ ଉର୍ଦ୍ଧ୍ୱ ଥର ଫେସ୍‌ବୁକ୍ କଲ, ଭିଡ଼ିଓ କଲ୍, ଏପରିକି ଅଭିଯୁକ୍ତଙ୍କ ସହ ଯୁବତୀ ଅଶ୍ଳୀଳ ଭିଡ଼ିଓ ଚାଟିଂ କରୁଥିଲେ। ଟଙ୍କା ଲୋଭ, ବିବାହ ପ୍ରଲୋଭନ ଓ ଲଙ୍ଗଳା ଦେହ ଦେଖାଇ ଏହି କର୍ମଚାରୀମାନଙ୍କୁ ଚକ୍ରବ୍ୟୂହରେ ଫସାଇଥିଲେ ମାୟାବିନୀ ଯୁବତୀ। ଯୁବତୀଜଣକ ଇଂଲଣ୍ଡର ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତେଣୁ ୟୁକେ ସରକାରଙ୍କୁ ହ୍ୱାଟ୍ସଆପ୍ ନମ୍ବରର ଡିଟେଲ୍ସ ମଗାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସେହିପରି କେଉଁଠାରୁ ଆଇପି ଆଡ୍ରେସ୍ ବ୍ୟବହାର ହେଉଥିଲା ସେନେଇ ଖୋଳତାଡ କରାଯାଉଛି। ଏଥିସହି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଅଭିଯୁକ୍ତମାନେ କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଜଣେ ଯୁବତୀ ଏହାକୁ ଅପରେଟ୍ କରୁଥିଲେ ନା ଏଥିରେ ଆଉ କିଛି ଯୁବତୀଙ୍କ ସମ୍ପୃକ୍ତି ରହିଛି, ଏସବୁକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନାଘନା କରୁଛି। ସେଭଳି ରିମାଣ୍ଡର ୪ର୍ଥ ଦିନରେ ଅଭିଯୁକ୍ତଙ୍କ ଠାରୁ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତେଇଛି। ୭ଦିନିଆ ରିମାଣ୍ଡର ଆଉ ୩ଦିନ ବାକି ଥିବାରୁ ଅଭିଯୁକ୍ତଙ୍କ ଠାରୁ ଆଉ କିଛି ରୋଚକତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାସଲ କରିବ ବୋଲି ଆଶା ରଖିଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଧୋକାଦେଲା ଛତିଶଗଡ଼; ସମ୍ଭାଳିନେଲା ଓଡ଼ିଶା

ସମ୍ବଲପୁର,୨୨।୯ (ସମିସ) : ଏଥର ବେଶ୍ ସତର୍କତାର ସହ ମହାନଦୀ ବନ୍ୟାକୁ ରାଜ୍ୟ ସରକାର ପରିଚାଳନା କରିଛନ୍ତି। ଛତିଶଗଡ଼ ସରକାର ରୁଲ୍ କର୍ଭକୁ ବେଖାତିର କରି ହଠାତ ପାଣି ଛାଡ଼ିଦେଇଥିବାରୁ ଓଡ଼ିଶା ପାଇଁ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଆଗୁଆ ପ୍ରସ୍ତୁତି ଓ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ଠିକ୍ ସମୟରେ ପଦକ୍ଷେପ ଯୋଗୁ ମହାନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଟାଳିଦିଆଯାଇପାରିଛି।

ଗତ କିଛି ଦିନ ପୂର୍ବରୁ ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଏପରିକି ଡ୍ୟାମର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ରେ ମଧ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିଲା। ତେବେ ବିନା ଆଗୁଆ ସୂଚନାରେ ଛତିଶଗଡ଼ ତିଆରି କରିଥିବା ବ୍ୟାରେଜର ଗେଟ୍ ଖୋଲି ଥିଲା। ଏହା ଫଳରେ ଏକ ସଙ୍ଗରେ ବନ୍ୟା ପାଣି ହୀରାକୁଦ ଡ୍ୟାମ ମଧ୍ୟକୁ ପ୍ରବେଶ କରିଥିଲା। ଲକ୍ଷାଧିକ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ବିଚଳିତ ନ ହୋଇ ସୁପରିଚାଳନା କରିଥିଲେ। ଫଳରେ ଏକ ବଡ ଧରଣର ବନ୍ୟା ଟଳିଥିଲା। ପୂର୍ବରୁ ଏସଆରସି ଏକ ମଧ୍ୟମ ଧରଣର ବନ୍ୟା ହେବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ଭଲ ବର୍ଷା ହେଲା ନାହିଁ। ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳସ୍ତର ତଳେ ରହିଥିଲା। ତେବେ ସେପ୍ଟେମ୍ବର ମଧ ଭାଗରେ ଭଲ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ଅଗଷ୍ଟ ମାସରେ ୭୦ ପ୍ରତିଶତ ବର୍ଷା ହୋଇଥିଲେ ସୁଦ୍ଧା ଉପରମୁଣ୍ଡରୁ ମାତ୍ର ୩୧ ପ୍ରତିଶତ ପାଣି ଜଳଭଣ୍ଡାରରେ ପ୍ରବେଶ କରିଥିଲା। ଶେଷ ସମୟରେ ଜଳଭଣ୍ଡାରକୁ ଉପରମୁଣ୍ଡରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ କରିଥିଲା। ଗତ ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ସର୍ବାଧିକ ୩ ଲକ୍ଷ ୧୯ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରିଥିଲା। ରୁଲ କର୍ଭ ଅନୁଯାୟୀ ଗେଟ୍ ଖୋଲା ଯାଇଥିଲା। ଚଳିତ ବର୍ଷ ୟୁନିକ ହାଇଡ୍ରୋ ମେଟ୍ରୋଲିଜିକାଲ ଇୟର ଭାବେ ବିବେଚନା କରାଯାଇଛି। ହୀରାକୁଦ ନଦୀବନ୍ଧର ଜଳକୁ ନିୟନ୍ତ୍ରଣ

● ରୁଲ୍ କର୍ଭକୁ ବେଖାତିର

● ଏକାଥରକେ ଖୋଲିଦେଲା ଗେଟ୍



କରାଯାଇ ପାରୁଛି। ତେଲ ନଦୀର ଜଳକୁ ନିୟନ୍ତ୍ରଣ ପାଇଁ ସେଭଳି ବ୍ୟବସ୍ଥା ରହିନାହିଁ। ତେଲ ନଦୀ ଅବବାହିକାରେ ବର୍ଷା ହେଲେ ଜଳସ୍ତର ବୃଦ୍ଧି ପାଇଥାଏ। ଏଭଳି ସ୍ଥଳେ ତେଲ ନଦୀରେ ଭଲ ବର୍ଷା ହୋଇଥିଲା। ସେହି ବର୍ଷା ଜଳ ନିଷ୍କାସନ ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରିଥିଲେ ବୋଲି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ପଞ୍ଚାୟତ ନିର୍ବାଚନ

# ବୁଥ୍‌ରେ ନୁହେଁ; ବ୍ଲକରେ ଗଣତି

ଭୁବନେଶ୍ୱର,୨୨।୯ (ସମିସ): ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ କରିବା ଲାଗି ରାଜ୍ୟ ସରକାର ପାଗ ଭିଡିଛନ୍ତି। ଏଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ପଞ୍ଚାୟତିରାଜ ବିଭାଗ ନେଇଚାଲିଛି। କେତେ ଶୀଘ୍ର ରାଜ୍ୟ ନିର୍ବାଚନ କମିସନଙ୍କୁ ନିର୍ବାଚନ ପାଇଁ ସରକାର ସଙ୍କେତ ଦେବେ ସେଥିଲାଗି ବିଭାଗରେ ଏବେ ଜୋରଦାର କସରତ ଚାଲିଛି। ଏହି କ୍ରମରେ ଆଜି ବିଭାଗ ଆଉ ପାଦେ ଆଗେଇଛି।

ଭୋଟ ଗଣତି ଏଣିକି ବୁଥ୍‌ରେ ନୁହେଁ ବରଂ ବ୍ଲକ କାର୍ଯ୍ୟାଳୟରେ କରାଯିବ। ଏ ସଂକ୍ରାନ୍ତରେ ଆଇନରେ ସଂଶୋଧନ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ପରେ ଭୋଟ ବାକ୍ସକୁ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ତୁରନ୍ତ ସିଲ୍ କରାଯିବ



ଓ ଏହାକୁ ଅଧିକାରୀମାନେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିର୍ଦ୍ଧାରିତ ଭୋଟ ଗଣତି ଦିନ ଏହା ଖୋଲାଯିବ। ସେହିଦିନ ଭୋଟଗଣତି କେନ୍ଦ୍ରରେ ସିଲ୍ ଖୋଲାଯିବା ପୂର୍ବରୁ କେତେ ବ୍ୟକ୍ତି ଭୋଟ ଦେଇଛନ୍ତି ଓ ବାକ୍ସରେ କେତେ ବାଲଟ୍ ଅଛି, ତାହାର ମେଳ ହେବ। ଏହା ପରେ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଗଣତି ଆରମ୍ଭ ହେବ। ଯଦି ଗଣତି ବେଳେ କୌଣସି ବିବାଦ ନ ଥାଏ, ବିଲ୍ ବିଧାନସଭାରେ ଅନୁମୋଦନ ପରେ ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଗେଜେଟ୍ ବିଜ୍ଞପ୍ତି ଏଯାଏ ପ୍ରକାଶ ପାଇନାହିଁ। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେବ। ଏହା ପରେ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟା ତତ୍କାଳ

## ସଂଶୋଧନ ପରେ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

ତେବେ ସର୍ବାଧିକ ଭୋଟ ପାଇଥିବା ୱାର୍ଡମେମ୍ବର, ସରପଞ୍ଚ,ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରିଦିଆଯିବ।

ଅନ୍ୟପଟରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ସଂକ୍ରାନ୍ତ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେବେ। ସରକାର ଜିଲ୍ଲା ପରିଷଦ ଆସନ ସଂରକ୍ଷଣ କରିବେ ଓ ଅନ୍ୟ ସବୁ ପଦବି ଲାଗି ଜିଲ୍ଲାସ୍ତରରେ ସଂରକ୍ଷଣ ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବ। ଏସବୁ ସରିବା ପରେ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କୁ ସରକାର ଜଣାଇଦେବେ।

# ଆଇଏଏସ୍ ଚାକିରି ଛାଡୁଛନ୍ତି ମନୀଷ

ଭୁବନେଶ୍ୱର,୨୨।୯ (ସମିସ): ୨୦୦୦ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ମନୀଷ କୁମାର ବର୍ମା ସରକାରୀ ଚାକିରିକୁ ବାଏ ବାଏ କରିବାକୁ ଯାଉଛନ୍ତି। ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ତିନିମାସିଆ ନୋଟିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟ ସରକାର ଏହି ସମୟ ସୀମା ମଧ୍ୟରେ ଶ୍ରୀ ବର୍ମାଙ୍କ ଆବେଦନ ଉପରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ସରକାରଙ୍କ ଅନୁମତି ପରେ ତାଙ୍କୁ ସରକାରୀ ଚାକିରିରୁ ଅବ୍ୟାହତି ମିଳିବ।

ମାଲକାନଗିରି, ବାଲେଶ୍ୱର ଆଦି ଜିଲ୍ଲାରେ ଜିଲ୍ଲାପାଳ ଥିବା ଶ୍ରୀ ବର୍ମା ପରବର୍ତ୍ତୀ ସମୟରେ ଆନ୍ତଃ ରାଜ୍ୟ ଡେପୁଟେସନରେ ନିଜ ରାଜ୍ୟ ବିହାରକୁ ଯାଇଥଲେ। ସେଠାରେ ସେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆସ୍ଥାଭାଜନ ହେବା ସହିତ ଢେର୍ ସମୟ ଧରି ତାଙ୍କର ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ



ନିର୍ବାହ କରିଥିଲେ। ନୀତିଶଙ୍କ ସହିତ ତାଙ୍କର ଘନିଷ୍ଠତା ନେଇ ଅନେକ ଖବର ପୂର୍ବରୁ ଆସିଛି। ଏପରିକି ଶ୍ରୀ ବର୍ମାଙ୍କର ଡେପୁଟେସନ ମିଆଦ ପୂରିଯାଇଥିଲେ ବି କେନ୍ଦ୍ର ସରକାର ନିୟମ କୋହଳ କରି ତାଙ୍କୁ ବିହାରରେ କାମ କରିବା ଲାଗି ସୁଯୋଗ ଦେଇଥିଲେ।

ଇତିମଧ୍ୟରେ ଶ୍ରୀ ବର୍ମା ଓଡ଼ିଶାକୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କୌଣସି ଗୁରୁ ଦାୟିତ୍ୱ ହାତେଇବା ପୂର୍ବରୁ ଗତ ମେ' ୨୧ ତାରିଖରୁ ଛୁଟିରେ ଚାଲିଯାଇଥିଲେ। ମିଳିଥିବା ଖବର ଅନୁସାରେ, ଶ୍ରୀ ବର୍ମା ଓଡ଼ିଶା ଆସିଛନ୍ତି। ହେଲେ ଏଥର ପୂରା ଛୁଟିରେ ଯିବା ପାଇଁ। ଅର୍ଥାତ୍ ସେ ଆଇଏଏସ୍ ଚାକିରି ଛାଡି ଚାଲିଯାଉଥିବା ସୂଚନା ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ସେ ଭେଟି ସାରିଲେଣି ଓ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ସେ ବିହାରରେ ସକ୍ରିୟ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଓଡ଼ିଶା କ୍ୟାଡରରୁ ଅତିରିକ୍ତ ମୁଖ୍ୟସଚିବ ପାହ୍ୟାର ଅଫିସର ଡ. ୟୁ ଶରତଚନ୍ଦ୍ରନ୍, ଗଗନ ଧଳ ଏବଂ ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡଙ୍ଗୀ, ଡିଏନ୍ ଗୁପ୍ତା ଚାକିରି ଥାଇ ଅବ୍ୟାହତି ନେଇଥିଲେ। ସେମାନଙ୍କ ପୂର୍ବରୁ ଜେ ପି ଦାଶ ମଧ ଆଇଏଏସ ଚାକିରି ମୋହ ତୁଟାଇ ଛାଡି ଚାଲିଯାଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶାରୁ ରାଜ୍ୟସଭାକୁ ଓ ଅପରାଜିତା ଭୁବନେଶ୍ୱର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

# ଆଦିବାସୀ ଅଞ୍ଚଳର ଲୋକଙ୍କୁ ମିଳିବ ଶୀତଳ ଗୃହ

● ମିଳିବ ୮.୨୫ ଲକ୍ଷ ଓ ୧୦.୫୦ ଲକ୍ଷ ଟଙ୍କାର ସବ୍‌ସିଡି

● କୃଷି ଓ ଜଙ୍ଗଲ ଉତ୍ପାଦ ସଂରକ୍ଷଣ ହେବ ସହଜ

ଭୁବନେଶ୍ୱର,୨୨।୯ (ସମିସ): ଆଦିବାସୀ ଅଞ୍ଚଳର ବାସିନ୍ଦା ନିଜ କୃଷି ଏବଂ ଅନ୍ୟ ଉତ୍ପାଦ ସଂରକ୍ଷିତ ରଖିବା ପାଇଁ ସମର୍ଥ ହେବେ। ସେମାନଙ୍କୁ ସୌର ଏବଂ ବିଦ୍ୟୁତ ଚାଳିତ ଶୀତଳ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍‌ପି) ଅଧୀନରେ ଥିବା ୭ଟି ଆଦିବାସୀ ବହୁଳ ଜିଲ୍ଲାର ଚାଷୀଙ୍କୁ ଏହି ସୁବିଧା ମିଳିବ। ଆଠ ମେଟ୍ରିକ୍ ଟନ୍ କ୍ଷମତାର ଶୀଳ ଗୃହ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ସେହିପରି ଉକ୍ତ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନ ମଧ ନିଜ ଭାଗର ଖର୍ଚ୍ଚ ବହନ ସର୍ତ୍ତରେ ଏହି ସୁବିଧା ପାଇପାରିବେ। ଉଭୟ ସାଧାରଣ ଓ ଅନୁସୂଚିତ ଅଞ୍ଚଳର ବାସିନ୍ଦାଙ୍କୁ ଏହାର ଲାଭ ମିଳିବ। ତେବେ ସବ୍‌ସିଡି ପରିମାଣ ଭିନ୍ନ ହେବ। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ନେଇ ପ୍ରସ୍ତାବ ପଠାଇବା ପାଇଁ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କୁ କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ ମିଶନ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲ୍‌ଚର୍ (ଏମ୍‌ଆଇଡିଏଚ୍) ଅଧୀନସ୍ଥ ହିତାଧିକାରୀଙ୍କୁ ଶୀଳତ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସାଧାରଣ ଅଞ୍ଚଳରେ ଶୀତଳ ଗୃହ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ଭାବେ ୫୫ ପ୍ରତିଶତ ଅବା ସର୍ବାଧିକ ୮ ଲକ୍ଷ ୨୫ ହଜାର ଟଙ୍କା ଏବଂ ଅନୁସୂଚିତ ଅଞ୍ଚଳ ପାଇଁ ୭୦ ପ୍ରତିଶତ ସବ୍‌ସିଡି ଅବା ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ସରକାରୀ ପ୍ରତିଷ୍ଠାନ ମଧ ଏହି ସବ୍‌ସିଡି ସୁବିଧା ପାଇପାରିବେ। କିନ୍ତୁ ସେମାନେ ପ୍ରକଳ୍ପର ମୂଲ୍ୟର ନିଜ ଭାଗର ଖର୍ଚ୍ଚ ବହନ କରିବା ଜରୁରୀ। ଏ ନେଇ ଏମ୍‌ଆଇଡିଏଚ୍ ଅନୁଯାୟୀ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଓଟିଇଏଲ୍‌ପିକୁ କୁହାଯାଇଛି। ଏହି ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ମିଶନ କମିଟି (ଡିଏମ୍‌ସି)ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ପଠାଯିବ। ତେଣୁ ଜିଲ୍ଲା ସ୍ତରରେ ପ୍ରସ୍ତାବ ପ୍ରସ୍ତୁତ କରି ଦାଖଲ କରିବା ପାଇଁ କୁହାଯାଇଛି। ଓଟିଇଏଲ୍‌ପି ଅଧୀନରେ ଏବେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୩୦ଟି ପଛୁଆ ଆଦିବାସୀ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି।

ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ପ୍ରଥମ ଓଡ଼ିଆ ସିଏମ୍‌ଡି

# ସତ୍ୟଜିତ ତ୍ରିପାଠୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ ମୁଖ୍ୟ

ଭୁବନେଶ୍ୱର,୨୨।୯ (ସମିସ): ଦେଶର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ମୁଖିଆ ପଦରେ ବସିଛନ୍ତି ଜଣେ ଓଡ଼ିଆ ପୁଅ। ଦେଶର ଦ୍ୱିତୀୟ ବୃହତ୍ ସାଧାରଣ ବୀମା କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ଼ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବରେ ନିଯୁକ୍ତି ପାଇଛନ୍ତି ସତ୍ୟଜିତ ତ୍ରିପାଠୀ। ଶ୍ରୀ ତ୍ରିପାଠୀ ହେଉଛନ୍ତି ପ୍ରଥମ ଓଡିଆ ଅଧିକାରୀ ଯିଏକି ଏଭଳି ଏକ ଉଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସିଏମ୍‌ଓ ତଥା ପୂର୍ବତନ ନିର୍ଦ୍ଦେଶକ ଇଏସ୍‌ଆଇ ସ୍ୱର୍ଗତ ଡ଼ ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଏବଂ ସୁନାମଧନ୍ୟା କ୍ଷୁଦ୍ରଗଳ୍ପ ଲେଖିକା ଭାରତୀ ତ୍ରିପାଠୀଙ୍କ ସୁପୁତ୍ର। ସେ ଏନ୍‌ଆଇଟି ରାଉରକେଲା ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ପି କେ ଦାସ ଏବଂ ସ୍ୱର୍ଗତ ଜ୍ୟୋତି ଦାସଙ୍କ ଜାମାତା।



ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତିରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ସେ ଓୟୁଏଟିରୁ ସ୍ନାତକ ଏବଂ ଏକ୍ସଆଇଏମ୍‌ବିରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୮ ରେ ଜେନେରାଲ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଜିଆଇସି) ରେ ପ୍ରତ୍ୟକ୍ଷ ଅଧିକାରୀ ଭାବରେ ଯୋଗ ଦେଇଥିଲେ। ଶ୍ରୀ ତ୍ରିପାଠୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇସିରେ ମୁଖ୍ୟ ବିନିଯୋଗ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଚଳିତବର୍ଷ ଅଗଷ୍ଟରେ ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ଼ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତ ହୋଇଥିଲେ। ସେ ତାଙ୍କର ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦେଶର ପୂର୍ବ, ଉତ୍ତର ଏବଂ ପଶ୍ଚିମ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୯ (ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସୀତାରାମ ପଟେଲଙ୍କୁ ଅତିରିକ୍ତ ଆଇ.ଜି ପ୍ରିଜନ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହେବେ। ସେହିପରି ଅନିରୁଦ୍ଧ ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରାର, ଏଲଏଆର ଏଣ୍ଡ ଆର ଭାବେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଡକ୍ଟର ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅକ୍ଷୟ କୁମାର ଖେମୁଡୁଙ୍କୁ ମାଲକାନଗିରି ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନିଯୁକ୍ତି ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇଏସ୍‌ଏଲ୍ ହାତେଇଲା ଦ୍ୱିତୀୟ ଖଣି

ଭୁବନେଶ୍ୱର,୨୨।୯ (ସମିସ): ଇଏସ୍‌ଏଲ ଷ୍ଟିଲ୍ ଲିଃ ଲଗାତାର ଦ୍ୱିତୀୟ ଖଣି ହାତେଇଛି। ଲୁହାପଥର ଓ ମାଙ୍ଗାନିଜ୍ ଥିବା ନାଦିଡିହ (ଫ୍ରିଗ୍ରେଜ) ଖଣିକୁ ଇଏସ୍‌ଏଲ୍ ୯୨.୩% ପ୍ରିମିୟମ୍ ମୂଲ୍ୟରେ ହାତେଇଛି। ଏହା ପୂର୍ବରୁ ଏହି କମ୍ପାନୀ ନାଦିଡିହ ଲୁହାପଥର ବ୍ଲକ (ବିକୋ)କୁ ମଧ ୯୫.୬% ପ୍ରିମିୟମ୍ ମୂଲ୍ୟରେ ହାତେଇସାରିଛି। ନାଦିଡିହ (ଫ୍ରିଗ୍ରେଡ୍) ଲୁହାପଥର ଓ ମାଙ୍ଗାନିଜ୍ ଖଣି ପ୍ରାୟ ୧୫.୦୬ ମିଲିୟନ୍ ଟନ୍ ଲୁହାପଥର ଏବଂ ୦.୦୫୯ ମିଲିୟନ୍ ଟନ୍ ମାଙ୍ଗାନିଜ୍ ରହିଥିବା କୁହାଯାଉଛି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସ୍ଥିତ କର୍ଲାପାଟ ବକ୍ସାଇଟ୍ ବ୍ଲକ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

ସୀମା ବିବାଦ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

# ପଦକ୍ଷେପ ସ୍ୱାଗତଯୋଗ୍ୟ; ସନ୍ତୋଷଜନକ ନୁହେଁ

ଭୁବନେଶ୍ୱର,୨୨।୯ (ସମିସ): ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ସମାଧାନ ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡ଼ିଛି। ଏପରିକି ସୀମାନ୍ତବର୍ତ୍ତୀ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀରେ ପୂର୍ବରୁ ଆନ୍ଧ୍ର ନିର୍ବାଚନ କରାଇଥିବା ବେଳେ ଗତ ୧୯ ତାରିଖରେ ଫଳାଫଳ ଆସିଥିବା ନେଇ ଖବର ଆସିଥିଲା। ତେବେ କୋରାପୁଟ ଜିଲ୍ଲାପାଳ ଖବରକୁ ଖଣ୍ଡନ କରିବା ସହ ଆନ୍ଧ୍ର ନିଜ ସୀମାରେ ନିର୍ବାଚନ କରିଥିବା ନେଇ ସ୍ପଷ୍ଟ କରିବା ପରେ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ଏପରିକି ଆଗାମୀ ଦିନରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଓଡ଼ିଶା ପକ୍ଷରୁ ତ୍ରୀ-ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର୍ କହିଥିଲେ। ତେବେ ନିକଟ ଅତୀତରେ ଆନ୍ଧ୍ରର ବାରମ୍ବାର ଓଡ଼ିଶା ସୀମା ଅତିକ୍ରମଣ ଏବଂ ବେଆଇନ ନିର୍ମାଣ କାର୍ଯ୍ୟ କରିବାର ମସୁଧା ଦୁଇରାଜ୍ୟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପରିସ୍ଥିତିର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା କରୁଥିବା ବେଳେ କୋଟିଆ ପ୍ରସଙ୍ଗକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଗତ ଅଗଷ୍ଟରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରି ରାଜନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦୁଇରାଜ୍ୟକୁ ୬ ସପ୍ତାହର ମହଲତ୍ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ରାଜନୈତିକ ସ୍ତରରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିବା ବେଳେ ଠିକ୍ ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଧର୍ମେନ୍ଦ୍ର ଦୁଇରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ସରଗରମ୍ ଆଲୋଚନା ଆରମ୍ଭ ହୋଇଛି। ଧର୍ମେନ୍ଦ୍ରଙ୍କ ଜଗନଙ୍କୁ ଲେଖିଥିବା ଚିଠି ସ୍ୱାଗତଯୋଗ୍ୟ; କିନ୍ତୁ ସମସ୍ୟାର ସମାଧାନ ପାଇଁ ଏହା ଯଥେଷ୍ଟ ନୁହେଁ। କେନ୍ଦ୍ରମନ୍ତ୍ରୀ ଉକ୍ତ

● ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଧର୍ମେନ୍ଦ୍ର

ପ୍ରସଙ୍ଗକୁ ପ୍ରସଙ୍ଗକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ନିଅନ୍ତୁ। କାରଣ କେନ୍ଦ୍ର ସରକାର ଦୁଇରାଜ୍ୟ ମଧ୍ୟରେ ଉପୁଯିଥିବା ବିବୌଦର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏପରିସ୍ଥଳରେ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରାଳୟ ଯଦି ମଧ୍ୟସ୍ଥତା କରି ଆପୋଷ ବୁଝାମଣା ପାଇଁ ଆଗଭର ହେବ ତାହେଲେ ମାମଲାର ସହଜରେ ସମାଧାନ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମୌସୁମୀ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆନ୍ତଃରାଜ୍ୟ ସୀମା ବିବାଦକୁ ନେଇ ଲୋକସଭାରେ ଏକ ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଦେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ମୋଟ ୭ଟି ବିବାଦ ରହିଛି। ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ମନ୍ତ୍ରୀ ପ୍ରଦତ୍ତ ତାଲିକାରେ ଓଡ଼ିଶା ସହ ପଡ଼ୋଶୀଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଦୀର୍ଘଦିନ ହେବ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ପଡ଼ୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ସୀମା ବିବାଦକୁ ନେଇ ସନ୍ତୁଳି ହେଉଛି। ଏହାର ନିରାକରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ତାଙ୍କ ନିକଟରେ ଏନେଇ ତଥ୍ୟ ଉପଲବ୍ଧ ନଥିବା କଥା କହିବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅନ୍ୟ ୭ଟି ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ଗୃହ ମନ୍ତ୍ରାଳୟ ନିଜଆଡୁ ପଦକ୍ଷେପ ନେଇପାରୁଛି ତାହେଲେ ଓଡ଼ିଶାର କ୍ଷେତ୍ରରେ କେନ୍ଦ୍ର କାହିଁକି ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଧର୍ମେନ୍ଦ୍ର ଯଦି ପ୍ରକୃତରେ ବିବାଦର ସମାଧାନ ପାଇଁ ଉତ୍ସୁକ ଅଛନ୍ତି ତେବେ ଏହି ପ୍ରସଙ୍ଗକୁ ନିଜ ଆଡୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ନିକଟରେ ଉପସ୍ଥାପିତ କରନ୍ତୁ। କେନ୍ଦ୍ର ଗୃହମନ୍ତ୍ରୀ ଘଟଣାରେ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ଆଲୋଚନା କରି ଯଦି ଆପୋସ ବୁଝାମଣା କରନ୍ତି ତାହେଲେ ସମାଧାନର ରାସ୍ତା ବାହାରିପାରିବାର ସମ୍ଭାବନା ରହିଛି। ଓଡ଼ିଶା ସରକାର ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଧର୍ମେନ୍ଦ୍ର ଠିକଣା ସମୟରେ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧର୍ମେନ୍ଦ୍ର ନିଜଆଡୁ ଏହା କରିପାରନ୍ତି ତାହା ଅଧିକ ଫଳପ୍ରଦ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ପ୍ରସ୍ତାବ

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଚିଠି ଲେଖି ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଉପରେ ଜୋର୍ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟ ପ୍ରସ୍ତାବ ସ୍ୱରୂପ ଏହି ବିବାଦରେ ଆଗାମୀ ଦିନର ରୋଡମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓ୍ୱର୍କି କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।



# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ମିଶ୍ରଣ ବୈଠକ

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରୁ ୯୬ ଜଣ ଛାତ୍ରଛାତ୍ରୀ ଓ ୨୭ ଅଧ୍ୟାପକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆସିବେ

**ଗୋପାଳପୁର,୨୨।୯ (ସମିସ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ନିୟୁ ସିଣ୍ଡିକେଟ ହଲଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ମିଳିତ ବୈଠକ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି, କୁଳସଚିବ ପ୍ରଦୀପ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ.ସୁରେନ୍ଦ୍ର ସେଠୀ, ଉପ କୁଳସଚିବ ଡ.ବାବୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ, ସମୂହ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ବିତ୍ତ ନିୟନ୍ତ୍ରକ ତୁଷାର କାନ୍ତି ଖଟୁଆ, ଡ.ଶଙ୍କର ମାଝୀ, ରବି ପାଣିଗ୍ରାହୀ ଏବଂ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, କୁଳସଚିବ ଦିଲ୍ଲୀପ କୁମାର ବଳ, ପିଜି କାଉନସିଲ ଅଧ୍ୟକ୍ଷ ଯୋଗେଶ୍ୱର ପାଣିଗ୍ରାହୀ, ବିତ୍ତ ନିୟନ୍ତ୍ରକ ମୀନତି ସାହୁ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ପହିଲାରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବାୟୋ ସାଇନ୍ସ ଆଣ୍ଡ ବାୟୋ ଇନଫରମେଟ୍ରିକ୍ସ, ନେଚ୍ୟୁରାଲ ରିସୋର୍ସ ମ୍ୟାନେଜମେଣ୍ଟ ଏଣ୍ଡ ଜିଓ ଇନଫରମେଟ୍ରିକ୍ସ, ଲାଇବ୍ରେରୀ ଏଣ୍ଡ ଇନ୍‌ଫରମେସନ୍ ସାଇନ୍ସ, ଟ୍ରାଭେଲ୍ ଏଣ୍ଡ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିଜିନେସ୍ ଇକୋନୋମିକସ୍, କମ୍ୟୁନିକେସନ ଆଣ୍ଡ ମିଡିଆ ଟେକ୍ନୋଲୋଜି ବିଭାଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ଷମ ହେବ। ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉକ୍ତ ବିଭାଗର ପରୀକ୍ଷା ପରିଚାଳନା ଠାରୁ ଆରମ୍ଭ କରି ନଥିପତ୍ର କିପରି ପ୍ରସ୍ତୁତ କରାଯିବ ତାହା ମଧ୍ୟ ଆଲୋଚନା ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମିଲ ହୋଇଥିବା ବିଭାଗ ପାଇଁ କେନ୍ଦ୍ରୀୟ ଯାନ୍ତ୍ରିକ କେନ୍ଦ୍ର, ଆଇଆର୍ ଏଣ୍ଡ ପିଏମ୍ କୋଠା, ଏମ୍‌ବିଏ କୋଠା, ଭାଷା ବିଜ୍ଞାନ କୋଠା, ପ୍ରାଣୀ ବିଜ୍ଞାନ କୋଠା ଏବଂ ଅନ୍ୟାନ୍ୟ କୋଠା ବ୍ୟବହାର ପାଇଁ ପ୍ରସ୍ତୁତି ହୋଇଥିବା କୁଳପତି ପ୍ରଫେସର ଚକ୍ରପାଣି କହିଛନ୍ତି। ଏହି ପାଠ୍ୟକ୍ରମ ୨୦୨୧-୨୨ ଶିକ୍ଷାବର୍ଷ ପର୍ଯ୍ୟନ୍ତ ଚାଲିବ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହାନ୍ତି ଛାତ୍ରଛାତ୍ରୀଙ୍କ ପାଠପଢ଼ା, ପରୀକ୍ଷା, ଆର୍ଥିକ ହିସାବ, ନଥିପତ୍ର ଉପରେ ଆଲୋଚନା କରିଥିଲେ। ଚଳିତ ମାସରୁ ହିଁ ମିଳିଥିବା କୋଠାରେ ସିଫ୍ଟିଂ କରିବା ସହ ପ୍ରାୟ ୯୬ ଜଣ ଛାତ୍ରଛାତ୍ରୀ ଏବଂ ୨୭ ଅଧ୍ୟାପକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆସିବେ ବୋଲି କହିଥିଲେ।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ୨୩ ଜଣିଆ ପ୍ରତିନିଧି ଦଳ



**ଗଞ୍ଜାମ,୨୨।୯ (ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମାଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକ ଚାଲୁ ରହିଛି। ଏହି ଉନ୍ନୟନ କାର୍ଯ୍ୟଗୁଡ଼ିକର ତଦାରଖ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଗଞ୍ଜାମ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରେୟ ଭାଉ ସାହେବ, ଗଞ୍ଜାମ ବିଡିଓ ବିଶ୍ୱଜିତ ରାୟଙ୍କ ସହ ଏକ ୨୩ ଜଣିଆ ପ୍ରତିନିଧି ଦଳ ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ଗୁଡ଼ିକର ଅନୁଧ୍ୟାନ କରିଛନ୍ତି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶତ୍ରୁସୋଲ ଗ୍ରାମରେ ଆଦର୍ଶ ଗୁହାଳ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ସହ ପରିଦର୍ଶନ କରିଥିଲେ। କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ବଟେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା କଲ୍ୟାଣମଣ୍ଡପ, ରୁରାଲ ପାର୍କ, ଆଦର୍ଶ ପୁଷ୍କରିଣୀ ପରିଦର୍ଶନ କରିବା ପରେ ନିଳାଦ୍ରୀପୁର ଗ୍ରାମ ସ୍ଥିତ ସ୍ମାର୍ଟ ସ୍କୁଲ, ହୁମ୍ମାର ପଞ୍ଚାୟତ କାର୍ଯ୍ୟାଳୟ, ମଲାଡ଼ ପଞ୍ଚାୟତର ପଣିବନ୍ଧ ଗ୍ରାମରେ ଜିମ ସେମ୍‌ସିସି, ମିଶନ ଶକ୍ତି ଗୃହ, ସନ୍ତୋଷପୁର ପଞ୍ଚାୟତର କାର୍ତ୍ତିକଢ଼ି ଗ୍ରାମରେ ରହିଥିବା ସ୍ୱାମୀ ବିବେକାନନ୍ଦ ଗ୍ରାମାଞ୍ଚଳ ପାର୍କ ପରିଦର୍ଶନ କରିବା ସହ ଅନୁଧ୍ୟାନ କରିଥିଲେ। ଏହି ଟିମ୍‌ରେ ୧୦ଜଣ ବିଡିଓ, ୧୨ଜଣ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜେଇ ରହିଛନ୍ତି। ତାଙ୍କ ସହ ପାଳିବନ୍ଧ ସରପଞ୍ଚ ଦିଲୀପ ଛୋଟରାୟ, ନିରଞ୍ଜନ ରେଡ଼ି, ବଟେଶ୍ୱର ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର ତରାଇ ପ୍ରମୁଖଙ୍କ ସହ ଅନ୍ୟମାନେ ପରିଦର୍ଶନରେ ଆସିଥିବା ଟିମକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଆଲୋଚନା କରିଥିଲେ।

## ରଷିକୂଲ୍ୟା ନଦୀରେ ଭାସିଗଲେ ବୃଦ୍ଧ

ଛତ୍ରପୁର,୨୨।୯ (ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ବଡ଼ମାଧପୁର ପଞ୍ଚାୟତ ଗୋବା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ରଷିକୂଲ୍ୟା ନଦୀର ସ୍ରୋତରେ ଭାସି ଯାଇଛନ୍ତି ଜଣେ ବୃଦ୍ଧ। ବୃଦ୍ଧ ଜଣକ ହେଲେ ଗୋବା ଗ୍ରାମର ଗୋବିନ୍ଦ ଦାସ (୬୨)। ଗୋବିନ୍ଦ କୌଣସି କାମରେ ନଦୀ ପାର ହୋଇ ପ୍ରତାପପୁର ଗ୍ରାମକୁ ଯାଉଥିବା ସମୟରେ ଗଭୀର ଖାଲକୁ ଗୋଡ଼ ଖସି ଯାଇ ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ପରେ ଛତ୍ରପୁର ପୁଲିସ ଓ ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜା ଖୋଜି ଚଳାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ବୃଦ୍ଧ ଗୋବିନ୍ଦଙ୍କ ପତ୍ତା ମିଳିପାରିନାହିଁ। ଗୋବିନ୍ଦଙ୍କ ପରିବାରର ସମସ୍ତ ସଦସ୍ୟ ବାହାର ରାଜ୍ୟରେ ଥିବା ବେଳେ ସେ ଏକକୀ ନିଜ ଗାଁରେ ରହୁଥିଲେ।

## ବ୍ଲକ୍‌ସ୍ତରୀୟ ମେଗା ସମନ୍ୱୟ ମେଳା

କବିସୂର୍ଯ୍ୟନଗର,୨୨।୯ (ସମିସ): ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କବିସୂର୍ଯ୍ୟନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ଏକ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୧୯୮ଟି ମହିଳା ଗୋଷ୍ଠୀକୁ ବ୍ୟାଙ୍କ ତରଫରୁ ୩କୋଟି ୨୬ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବିଡିଓ ବାସୁଦେବ ନାୟକ, ଶିଶୁ ବିକାଶ ଅଧିକାରୀ ବୀଣାପାଣି ମିଶ୍ର, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ଜୀବିକା ମିଶନର ବ୍ଲକ ପରିଚାଳକ ରାଜ କିଶୋର ସାହୁ, ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ ଶୁଭାଶିଷ ସେଠୀ, ବ୍ଲକ ଜୀବିକା ସଂଯୋଜକ ରାକେଶ କୁମାର ପାତ୍ର ଓ ଗଣେଶ କୁମାର ସାହୁ, ସୁକାନ୍ତ ସାହୁ ଯୋଗ ଦେଇଥିଲେ। ଏଥିରେ ୯ଟି ବ୍ୟାଙ୍କର ଶାଖା ପରିଚାଳକ ଉପସ୍ଥିତ ଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ବ୍ୟାଙ୍କଠାରୁ ଋଣ ନେଇ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବା ସହିତ ଋଣକୁ ସଠିକ୍ ଭାବରେ ପରିଶୋଧ କରିହେବ ତା' ପ୍ରତି ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା।

## ସାମ୍ବାଦିକଙ୍କ ପିତୃ ବିୟୋଗ

ପାତ୍ରପୁର,୨୨।୯ (ସମିସ): ପାତ୍ରପୁର ବ୍ଲକରେ ସାମ୍ବାଦିକ ନୀଳାଞ୍ଚଳ ପଟ୍ଟନାୟକ ଓ ଅଞ୍ଚଳେଶ୍ୱର ପଟ୍ଟନାୟକଙ୍କ ପିତା ରାମଚନ୍ଦ୍ର ପଟ୍ଟନାୟକ(୮୪)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଛି। ତାଙ୍କର ମୂତ୍ରନଳୀରେ ମାଂସ ବଢ଼ିଯାଇଥିଲା। ଗତ ସୋମବାର ବ୍ରହ୍ମପୁରର ଏକ ଘରୋଇ ଚିକିତ୍ସାଳୟରେ ଅସ୍ତ୍ରୋପ୍ରଚାର ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଅସୁସ୍ଥ ଅନୁଭବ କରିବାରୁ ଏମକେସିଜିକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। କିନ୍ତୁ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। ରାମଚନ୍ଦ୍ରଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁଅ ସିମାଞ୍ଚଳ, ନିଳାଞ୍ଚଳ, ଅଞ୍ଚଳେଶ୍ୱର, ପୁତ୍ର ବଧୂ, ଚାରି ଝିଅ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ରାମଚନ୍ଦ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଧର୍ମପରାୟଣ ବ୍ୟକ୍ତି ଥିବା ବେଳେ ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ରାଜ୍ୟ ସୁଇମିଂ ପ୍ରତିଯୋଗିତାରେ ଗଞ୍ଜାମର ୧୧ ପ୍ରତିଯୋଗୀ



**ଛତ୍ରପୁର,୨୨।୯ (ସମିସ)**

ଆସନ୍ତା ୨୫ ଓ ୨୬ ତାରିଖରେ ଓଡ଼ିଶା ସୁଇମିଂ ସଂଘ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ସୁଇମିଂ ପୁଲରେ ୬୧ତମ ରାଜ୍ୟ ସୁଇମିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଗଞ୍ଜାମ ଜିଲ୍ଲାରୁ ୧୧ଜଣ ପ୍ରତିଯୋଗୀ ଜିଲ୍ଲା ଆଥଲେଟିକ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଭାଗ ନେବେ। ଏହି ୧୧ଜଣ ପ୍ରତିଯୋଗୀ ହେଲେ ଗଞ୍ଜାମ ଜିଲ୍ଲା କେମପି ସ୍ପୋର୍ଟସ ଏକାଡେମୀର ସିନିୟର ବର୍ଗର ଇ.ଲଳିତ କୁମାର, ନିତେଶ କୁମାର ମହାନ୍ତି, ଶିବ ପ୍ରସାଦ ଜେନା, ସୁବ୍ରନ୍ତ ପାତ୍ର, ରାଜା ଗୌଡ, ପ୍ରେମ କୁମାର ଦାସ, ଜିତେନ୍ଦ୍ର ଗୋଡ, ଗଣେଷ ମହାରଣା ଓ ଜୁନିୟର ବର୍ଗର ବି.ବସନ୍ତ ରେଡ୍ଡୀ ଓ ସବ ଜୁନିଅର ବର୍ଗର ଦୁଖା ନାୟକ। ସେହିପରି ଜୁନିୟର ପାରା ସୁଇମିଂ ବର୍ଗରେ ପ୍ରୀତମ ବେହେରା ଅଂଶଗ୍ରହଣ କରିବେ।

## ୨୦୦ ଏସ୍‌ଏଚ୍‌ଜିକୁ ୩.୮୪କୋଟି ଋଣ ସହାୟତା

ପୁରୁଷୋତ୍ତମପୁର,୨୨।୯ (ସମିସ): ପୁରୁଷୋତ୍ତମପୁର ବ୍ଲକ ସମ୍ମିଳନୀ କକ୍ଷରେ ମିଶନ ଶକ୍ତି ପକ୍ଷରୁ ବ୍ଲକସ୍ତରୀୟ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତର ପ୍ରାୟ ୨୦୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩କୋଟି ୮୪ ଲକ୍ଷ ଟଙ୍କା ୮ଟି ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। ଅନ୍ୟପଟେ ମହିଳା ଗୋଷ୍ଠୀର ବିଭିନ୍ନ ପ୍ରକଳ୍ପ ପାଇଁ କିପରି ଋଣ ପରିମାଣ ବୃଦ୍ଧି କରାଯିବ ସେନେଇ ବ୍ୟାଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଏବଂ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ମହିଳା ଗୋଷ୍ଠୀକୁ ଋଣ ଟଙ୍କା ପ୍ରଦାନ କରିଥିଲେ। ଏହି ମେଳାରେ ବିଡିଓ ବିଜୟ କୁମାର ବେହେରା, ଅତିରିକ୍ତ ବିଡିଓ ମଧୁସୂଦନ ମହାରଣା, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ସିଡିପିଓ ସବିତାଚ୍ୟାଉ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପି.ନାରାୟଣ ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ବିପିଏମ ସଙ୍ଗୀତା ପଣ୍ଡା ଅଙ୍ଗନବାଡ଼ି ସୁପରଭାଇଜର ସମସ୍ତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

## ଶ୍ୟାମ ଷ୍ଟିଲ କମ୍ପାନୀ ପକ୍ଷରୁ ନିର୍ମାଣ ବନ୍ଧୁ କାର୍ଯ୍ୟକ୍ରମ

ଭଞ୍ଜନଗର,୨୨।୯ (ସମିସ): ଭଞ୍ଜନଗର ଅଞ୍ଚଳର ଲଣ୍ଡେଇ ସାହି ସ୍ଥିତ ଛେଦାଭୂମି ରୋଡରେ ଥିବା ମହାଲକ୍ଷ୍ମୀ ଏଜେନ୍ସି ଠାରେ ରାଜମିସ୍ତ୍ରିମାନଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ଶ୍ୟାମ ଷ୍ଟିଲ କମ୍ପାନୀ ପକ୍ଷରୁ ନିର୍ମାଣ ବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଠାରେ ମୁଖ୍ୟ ଅତିଥି ଭାବେ କମ୍ପାନୀର ପରିଚାଳକ ମନୋଜ ଆଚାର୍ଯ୍ୟ, ଇଂଜିନିୟର ସୁରେନ୍ଦ୍ର ଓ ମାର୍କେଟିଂ ଅଫିସର ମିହିର ଆଚାର୍ଯ୍ୟ ଯୋଗ ଦେଇଥିଲେ। ବିଶ୍ୱକର୍ମା ପୂଜା ଉପଲକ୍ଷେ କମ୍ପାନୀ ପକ୍ଷରୁ ସମସ୍ତ ରାଜମିସ୍ତ୍ରୀଙ୍କୁ ନେଇ ଏକ ସମ୍ମିଳନୀ କରାଯାଇଥିଲା। ମିସ୍ତ୍ରୀମାନେ ଘର ନିର୍ମାଣ କରୁଥିବା ବେଳେ ସମସ୍ତ ଜିନିଷ ସଠିକ୍ ମାନ ଅନୁସାରେ ଘର ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଶ୍ୟାମ ଷ୍ଟିଲ୍ କମ୍ପାନୀର ଲୁହା ଛଡ଼ ଘରକୁ ମଜବୁତ ରଖିବା ସହ ଏହା ଅନ୍ୟ କମ୍ପାନୀର ଲୁହା ଛଡ଼ ତୁଳନାରେ ଅଧିକ ଶକ୍ତ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହାପରେ ମହାଲକ୍ଷ୍ମୀ ଏଜେନ୍ସି ମାଲିକ ରଞ୍ଜିତ ବାରିକ ସମ୍ମିଳନୀରେ ଯୋଗ ଦେଇଥିବା ସମସ୍ତ ରାଜମିସ୍ତ୍ରୀ ମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରଜିତ ବାରିକ ସହଯୋଗ କରିଥିଲେ।

## ଗଞ୍ଜାମ ଜିଲ୍ଲା ଏସ୍‌ପିଙ୍କ ହିଞ୍ଜିଳି ଥାନା ପରିଦର୍ଶନ

**ହିଞ୍ଜିଳିକାଟୁ,୨୨।୯ (ସମିସ)**

ଗଞ୍ଜାମ ଏସ୍‌ପି ବ୍ରିଜେଶ ରାଏ ବୁଧବାର ହିଞ୍ଜିଳିକାଟୁ ଗସ୍ତ କରି ହିଞ୍ଜିଳି ଥାନା ପରିଦର୍ଶନ କରିଛନ୍ତି। ସେ ଥାନା ପରିସର ବୁଲି ଦେଖିବା ସହ ସ୍ୱଚ୍ଛତା ରହିଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଥାନାର ରେକର୍ଡ ପତ୍ର ଯାଞ୍ଚ କରିଥିଲେ। ହିଞ୍ଜିଳି ଅଞ୍ଚଳର ଆଇନ ଶୃଙ୍ଖଳା ଉପରେ ଆଇଆଇସି ଅଭିମନ୍ୟୁ ଦାସଙ୍କ ସହ ଆଲୋଚନା କରିଥିଲେ। ଏସଆଇ ବାସୁଦେବ ଭୋଇ, ଏଏସଆଇ ରାଜନ ବିଷୋୟୀ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଗବତ ଜୟନ୍ତୀ ପାଳିତ

ଗଞ୍ଜାମ,୨୨।୯ (ସମିସ): ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ୧୧ ନମ୍ବର ୱାର୍ଡରେ ରହିଥିବା ଭାଗବତ ଟୁଙ୍ଗିରେ ଭାଗବତଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ବୈଷ୍ଣବାଧର୍ମୀ ଚରଣ ବେହେରା, ବାଉରୀ ବେହେରା, ସୀମାଞ୍ଚଳ ବେହେରା, ବାସନ୍ତୀ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଠାକୁରଙ୍କ ଜନ୍ମ ମହୋତ୍ସବ ପାଳନ କରିଥିଲେ। ବହୁ ପୁରାତନ ଭାଗବତ ଟୁଙ୍ଗିରେ ଭଜନ କୀର୍ତ୍ତନ, ବାଦ୍ୟବାଜଣାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ସୋରଡ଼ା,୨୨।୯ (ସମିସ): କରୋନା ଆଘାତ ବିଧବାଙ୍କୁ ଭତ୍ତା ଯୋଗାଇ ଆଶା ଦେଖାଇଛନ୍ତି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ଆଜି ସୋରଡା ବ୍ଲକର ହୁକୁମା, ଅସୁରବନ୍ଧ, ଭାଗବାନପୁର, ଗୋଛା, ଗାଜଲବାଡି, ବଡ଼ବଦାଙ୍ଗି ପଞ୍ଚାୟତର ଲୋକଙ୍କୁ ବ୍ଲକ ସଭାଗୃହ ଠାରେ ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ବଣ୍ଟନ କରାଯାଇଛି। ଏଥିସହ ମାସ୍କ ଓ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ଋଣ ବଣ୍ଟନ କରାଯାଇଥିଲା। ଏହି ବ୍ଲକର ପ୍ରାୟ ୧୩ଜଣ କୋଭିଡ ଆକ୍ରାନ୍ତରେ ସ୍ୱାମୀଙ୍କୁ ହରାଇଥିବା ବିଧବାଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ୧୧୨ ଜଣ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସମାଜ ମଙ୍ଗଳ ଅଧିକାରୀ ଆରତ ସାମନ୍ତରାୟ, ବିଡିଓ ସିମାଞ୍ଚଳ ମଣ୍ଡଳ, ଏବିଡ଼ିଓ ସଞ୍ଜୀବରାଜ ସେନାପତି, ସହକାରୀ ଯନ୍ତ୍ରୀ ଅମୀୟ ପ୍ରଧାନ, ବ୍ଲକ ଅଧ୍ୟକ୍ଷ୍ୟା ସାଇବାଣୀ ମଳିକ, ବିଜେଡି ବ୍ଲକ ସଭାପତି ବସନ୍ତ ସ୍ୱାଇଁ ଉପସ୍ଥିତ ଥିଲେ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଶ୍ରାଦ୍ଧ ଦିବସ ପାଳିତ

ଛତ୍ରପୁର,୨୨।୯ (ସମିସ): ଚମାଖଣ୍ଡି ସ୍ଥିତ ସିପିଆଇ କାର୍ଯ୍ୟାଳୟ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଏନ୍.ସିମାଞ୍ଚଳ ରେଡ୍ଡୀଙ୍କ ୧୧ତମ ଶ୍ରାଦ୍ଧ ଦିବସ ପୂର୍ବତନ ସରପଞ୍ଚ ସିମାଞ୍ଚଳ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ସିପିଆଇ ରାଜ୍ୟ ନେତା ତଥା ପୂର୍ବତନ ବିଧାୟକ ଏନ୍.ନାରାୟଣ ରେଡ୍ଡୀ ଯୋଗ ଦେଇ ସ୍ୱର୍ଗତ ରେ‡ୀଙ୍କ ଗୁଣଗାନ କରିବା ସହ ଆସନ୍ତା ୨୭ରେ ଭାରତ ବନ୍ଦକୁ ସଫଳ କରିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସିପିଆଇ ଜିଲ୍ଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଛତ୍ରପୁର ଜୋନାଲ ସମ୍ପାଦକ ଏସ.କ୍ରିଷ୍ଣା ରେଡ୍ଡୀ, ସହସମ୍ପାଦକ ଡି.ଆଦି ନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲା ସମ୍ପାଦକ ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ, ସହସମ୍ପାଦକ ଏନ.ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, ନାରୀନେତ୍ରୀ ଏନ.ଭାନନୁମତି ରେଡ୍ଡୀ, ଆର.ସନ୍ତୋଷ ରେଡ୍ଡୀ, ସୁକାନ୍ତ ନାହାକ, ପ୍ରଫୁଲ ପାଣିଗ୍ରାହୀ, ଏନ.କାମରାଜୁ ରେଡ୍ଡୀ, ଶ୍ରମିକ ନେତା କେଶବ ନାହାକ ଓ ଦୁର୍ଯ୍ୟୋଧନ ନାହାକ, ଭାସ୍କର ପାତ୍ର, ଆଦିକନ୍ଦ ପାତ୍ର, ସିମାଞ୍ଚଳ ମହାରଣାଙ୍କ ସମେତ ବହୁ ସିପିଆଇ କର୍ମୀ ଓ ନେତା ଯୋଗଦେଇ ସ୍ୱର୍ଗତ ରେଡ୍ଡୀଙ୍କ ସ୍ମୃତି ଚାରଣ କରିଥିଲେ।

# ଶିଶୁ ସୁରକ୍ଷା, ଅଧିକାର, ଯୌନମୁକ୍ତ ଓ ଆଇନ ସମ୍ବନ୍ଧୀୟ କର୍ମଶାଳା

**ଛତ୍ରପୁର,୨୨।୯ (ସମିସ)**

ସ୍ଥାନୀୟ ଶିବକୁମାର ପଟ୍ଟନାୟକ ରିଡିଂ ରୁମ୍ ପରିସରରେ ପ୍ରଥମ କରି ଶିଶୁ ସୁରକ୍ଷା, ଅଧିକାର, ଯୌନମୁକ୍ତ ଓ ଆଇନ ସମ୍ବନ୍ଧୀୟ ଏକ କର୍ମଶାଳା ଛତ୍ରପୁର, ଗଞ୍ଜାମ ଓ ରମ୍ଭା ଅଞ୍ଚଳର ଖବରଦାତାମାନଙ୍କୁ ନେଇ ଭାଇ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ




ହୋଇଯାଇଛି। ଏଥିରେ ସଂଗଠନର ରାଜ୍ୟ ସଂଯୋଜକ ଦେବାନନ୍ଦ ମହନ୍ତ ଅଧ୍ୟକ୍ଷତା କରି ଶିଶୁ ସୁରକ୍ଷା ଓ ଅଧିକାର ଉପରେ ଆଲୋକପାତ କରିଥିଲେ। ଛତ୍ରପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ୟୁୟର୍ସ ସମ୍ପାଦକ ଅରୁଣ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହିଭଳି ଏକ ଗଠନମୂଳକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଯାହାକି ସରକାରୀ ବେସରକାରୀ ସ୍ତରର ବ୍ୟବସ୍ଥାକୁ ଲୋକଲୋଚନକୁ ଆଣିବାରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାସହ କୋଭିଡ ମହାମାରୀ ସମୟରେ ସାମ୍ବାଦିକମାନେ ଶିଶୁମାନଙ୍କ ସୁରକ୍ଷା ଠାରୁ ଆରମ୍ଭ କରି କୋଭିଡ ସଚେତନତା ବାର୍ତ୍ତା ପୁରପଲ୍ଲୀ, ସହରରେ ସଚେତନତା ସୃଷ୍ଟି କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଶିଶୁ ସୁରକ୍ଷା, କନ୍ୟା ସନ୍ତାନର ସୁରକ୍ଷା, ବାଲ୍ୟ ବିବାହ, ଶିଶୁମାନଙ୍କ ସାମାଜିକ ଓ ମାନସିକସ୍ତରରେ ବିକାଶ ଏବଂ କର୍ମଶାଳାର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା କୁମାରୀ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଧିକାରୀ ଶରତ କୁମାର ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା, ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ, ଜିଲ୍ଲା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ସାଧନା ଚନ୍ଦ୍ର ଦାଶ, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ତଥା ଆଇନଜୀବୀ ଅମିୟ କୁମାର ତ୍ରିପାଠୀଙ୍କ ସମେତ ବହୁ ସାମ୍ବାଦିକ ଶିଶୁ ସୁରକ୍ଷା ଆଇନ ଉପରେ ଆଲୋକପାତ କରିଥିଲେ। ଏଥିରେ ଛତ୍ରପୁର ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣା, ଉପସଭାପତି ସୁଧୀର କୁମାର ନାହାକ, ଦିଲ୍ଲିପ କୁମାର ସାମଲ, ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ଯୁଗ୍ମ ସମ୍ପାଦକ କେ.ସତ୍ୟନାରାୟଣ ରେଡ୍ଡୀ, କୋଷାଧ୍ୟକ୍ଷ ସରୋଜ କୁମାର ସାମଲ, ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, ରବୀନ୍ଦ୍ର ନାଥ ପଣ୍ଡା ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, ଗଞ୍ଜାମ ପ୍ରେସ କ୍ଲବର ସଭାପତି ଶବର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ଉପଦେଷ୍ଟା ଉମାକାନ୍ତ ବେହେରା, କ୍ଷେତ୍ରବାସୀ ସାହୁ, ସନ୍ତୋଷ ମିଶ୍ର, ବିସ୍ମୟ ପ୍ରଧାନ, ଅଜିତ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ରବୀନ୍ଦ୍ର ନାହାକ, ଦେବବ୍ରତ ପଣ୍ଡା, ସନ୍ତୋଷ କୁମାର ସାହୁ, ଅଶୋକ କୁମାର ବେହେରା, ଗୌରପ୍ରସାଦ ମହାପାତ୍ର, ବଟକୃଷ୍ଣ ରାଉଳ, ପ୍ରଦୀପ କୁମାର ପଣ୍ଡା, ଲକ୍ଷ୍ମୀଚରଣ ପାଢ଼ୀ, ନୀଳାଞ୍ଚଳ ସେନାପତି, ଆର୍.ମୁରଲୀଧର ପ୍ରଧାନ, କେ.ରଜନୀକାନ୍ତ ରେଡ୍ଡୀ, ମନୋଜ ପ୍ରଧାନ, ନୀଳାଞ୍ଚଳ ସେନାପତି, ବନବାସୀ ସେଠି ଉପସ୍ଥିତ ଥିଲେ।

# ଛତ୍ରପୁର ବ୍ଲକ୍‌ସ୍ତରୀୟ ମେଗା ସମନ୍ୱୟ ମେଳା

**ଛତ୍ରପୁର,୨୨।୯ (ସମିସ)**



ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ରୋଜଗାରକ୍ଷମ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଉଛି। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରୁଛି। ଏହି ଅବସରରେ ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଛତ୍ରପୁର ପଞ୍ଚାୟତ ସମିତି ଦ୍ୱାରା ଆୟୋଜିତ ଓଡ଼ିଶା ଜୀବିକା ମିଶନ ଓ ମିଶନ୍ ଶକ୍ତି ଆନୁକୂଲ୍ୟରେ ଏକ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଛତ୍ରପୁର ବ୍ଲକର ୩୫୯ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମୋଟ ୧୦ କୋଟି ୨୪ ଲକ୍ଷ ୬୦ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ସହାୟତାରେ ଋଣ ପ୍ରଦାନ କରାଯାଇଛି। ଯଥାଶୀଘ୍ର ଗଞ୍ଜାମ ଜିଲ୍ଲାର ମହିଳାଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ମାର୍କେଟିଂ କରାଯିବା ପାଇଁ ବିଭିନ୍ନ ପ୍ରକଳ୍ପ କରାଯାଇଛି ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି। ଅନ୍ୟତମ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ ଏବଂ ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିପିଏମ ମାନିନୀ ଜେନା ପରିଚାଳନା କରିବା ସହ ଧନ୍ୟବାଦ ଜଣାଇଥିଲେ।





# ଜିଲ୍ଲାରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ବଢୁଛି




**ବ୍ରହ୍ମପୁର,୨୨।୯(ସମିସ):** ଜିଲ୍ଲାରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଗଷ୍ଟ ମାସରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ହୋଇନଥିବା ବେଳେ ଚଳିତ ମାସ ପ୍ରଥମ ସପ୍ତାହରେ ଦୁଇ ଅଙ୍କ ବିଶିଷ୍ଟରେ ପହଞ୍ଚିବା ପରେ ପୁଣି ଥମି ଯାଇଥିଲା। କିଛି ଦିନ ହେଲା ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଅଙ୍କ ବିଶିଷ୍ଟ ରହୁଥିବା ବେଳେ ଏବେ ଦୁଇ ଅଙ୍କରେ ପହଞ୍ଚିଛି। ଗତ ୧୮ ତାରିଖରୁ ପୁଣି ଦୁଇ ଅଙ୍କ ବିଶିଷ୍ଟ ହୋଇ ୧୨ ଜଣ ଚିହ୍ନଟ ହୋଇଥିଲେ। ୧୯ ତାରିଖରେ ମଧ୍ୟ ୧୨ ଜଣ ଚିହ୍ନଟ ହୋଇଥିବା ବେଳେ ୨୦ ତାରିଖରେ ମଧ୍ୟ ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୧ ଏବଂ ୨୨ ତାରିଖରେ ଦୁଇ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଏପରି ପରିସ୍ଥିତିରେ

- ଡିସିଏଚ୍-୧ରେ ୧୨ ଆକ୍ରାନ୍ତଙ୍କ ମଧ୍ୟରେ ୩ ଡାକ୍ତର, ୩ ନର୍ସ
- ପାର୍ବଣ ଋତୁରେ ଲୋକେ ସଜାଗ ନ ହେଲେ ପରିସ୍ଥିତି ଖରାପ ହେବ
- ପଡ଼ୋଶୀ ଜିଲ୍ଲାରେ ଦୈନିକ ଚିହ୍ନଟ ହେଉଛନ୍ତି ଶହ ଶହ ଆକ୍ରାନ୍ତ

ଏମ୍‌କେସିଜିରେ ଥିବା ଡିସିଏଚ୍-୧ରେ ପୁଣି ରୋଗୀଙ୍କ ପ୍ରବେଶ ଧୀରେ ଧୀରେ ବଢୁଥିବା ଲକ୍ଷ୍ୟ କରାଯାଇଛି। ଗତ ମାସରେ ଏଠାରେ ମାତ୍ର ୨ରୁ ୩ ଜଣ ରୋଗୀ ରହିଥିବା ବେଳେ ବର୍ତ୍ତମାନ ୧୨ ଜଣ ରୋଗୀ ଚିକିତ୍ସିତ ହେଉଥିବା ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡାକ୍ତର ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ ଡାକ୍ତର ଏବଂ ୩ ଜଣ ନର୍ସ ଚିକିତ୍ସିତ ହେଉଥିବା ସେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସେ କହିଛନ୍ତି। ସେମାନଙ୍କ ଶରୀରରେ କୋଭିଡ୍ ଲକ୍ଷଣ ନଥିଲେ ମଧ୍ୟ ଅସୁସ୍ଥ ଅନୁଭବ କରିବାରୁ କୋଭିଡ ପରୀକ୍ଷା କରାଯାଇଥିଲା। ପଜିଟିଭ ଆସିବାରୁ କୋଭିଡ୍ ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ଋତୁ ପରିବର୍ତ୍ତନ ସହ ବର୍ଷା, ଗୁଳୁଗୁଳି ଆଦି ଲଗାତର ହେଉଥିବା ଯୋଗୁଁ ଜିଲ୍ଲା ତଥା ସହରରେ ସାଧାରଣ ଲୋକେ ଥଣ୍ଡା, କାଶରେ ପୀଡ଼ିତ ହେଉଛନ୍ତି। ଏପରିକି ଭାଇରଲ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। କେତେକଙ୍କ ମନରେ ଡେଙ୍ଗୁ ଜ୍ୱର ଭୟ ରହିଥିବା ବେଳେ ଆଉ କେତେକଙ୍କ ମନରେ କରୋନାର ଭୟ ମଧ୍ୟ ରହୁଛି। କରୋନା ପରୀକ୍ଷାରେ ପଜିଟିଭ ଆସିବା ସତ୍ତ୍ୱେ ସେପରି କୌଣସି ଗୁରୁତର ଅବସ୍ଥା ନଥାଇ ଅନେକ ଲୋକ ଘରେ ରହି ଚିକିତ୍ସିତ ହୋଇ ସୁସ୍ଥ ହେଉଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି ମେଡିକାଲରେ ଚିକିତ୍ସିତ ହେବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ କମିବା ପରେ ଏମ୍‌କେସିଜି କୋଭିଡ୍ ହସ୍‌ପିଟାଲ୍ ଡିସିଏଚ୍-୧କୁ ଛାଡିଦେଲେ ଅନ୍ୟ ସବୁ କୋଭିଡ୍ ହସ୍‌ପିଟାଲ୍ ଏବଂ ସେଣ୍ଟରକୁ ବନ୍ଦ କରିଦିଆଯାଇଛି। ତୃତୀୟ ଲହର ପାଇଁ ସରକାର ପ୍ରସ୍ତୁତ ରହିଥିଲେ ମଧ୍ୟ ଲୋକଙ୍କ ମନରେ ଭୟ ରହିଛି। ତୃତୀୟ ଲହର ଶିଶୁଙ୍କ ପାଇଁ ଅଧିକ ମାରାତ୍ମକ ହେବ ସନ୍ଦେହରେ ଶିଶୁମାନଙ୍କ ଡିସିଏଚ୍-୧ରେ ୫୦ ଶଯ୍ୟା ବିଶିଷ୍ଟ ଉପଲବ୍ଧ କରିଦିଆଯାଇଛି। ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାରୁ ଦୋକାନ ବଜାର ସବୁ ଗହଳି ରହୁଛି। ଲୋକେ ଯଦି ଏହା ଉପରେ ଗୁରୁତ୍ୱ ନ ଦେବେ ତେବେ କରୋନା ନିଶ୍ଚିତ ଭାବେ ପୁଣି ବୃଦ୍ଧି ପାଇବ ଏଥିରେ ଦ୍ୱିମତ ନାହିଁ। ରାଜ୍ୟର ଅନେକ ଜିଲ୍ଲାରେ ଏବେ ବି କରୋନା ସକ୍ରିୟ ରହିଛି। ପଡୋଶୀ ଜିଲ୍ଲାରେ ଆଜି ମଧ୍ୟ ୩ ଶହରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ସେଭ୍ ଦି ଚିଲଡ୍ରେନ୍‌ର ଜିଲ୍ଲାସ୍ତରୀୟ କର୍ମଶାଳା

## 'ଶିଶୁମାନଙ୍କ ଯତ୍ନ ନିତ୍ୟାନ୍ତ ଜରୁରୀ'



**ବ୍ରହ୍ମପୁର,୨୨।୯(ସମିସ):** ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକ ସ୍ଥିତ ରାଜସ୍ୱ ଡାକବଙ୍ଗଳାଠାରେ ସେଭ୍ ଦି ଚିଲେଡ୍ରେନ୍, ପିପିଏଚ୍‌ଏଫ୍ ଓ ୟୁନିଲିଭରର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁରେଖା ମଲ୍ଲିକ, ସିଡିପିଓ ପୁଷ୍ପାଞ୍ଜଳୀ ମିଶ୍ର, ଗୀତାଞ୍ଜଳୀ ପାଣିଗ୍ରାହୀ, ସାମ୍ବାଦିକ ମନୋଜକାନ୍ତ ଦାସ, ପୋପାଳ ପଟ୍ଟନାୟକ ଓ ନାରାୟଣ ମହାଙ୍କୁଡ଼ ପ୍ରମୁଖ ଯୋଗଦେଇଥିଲେ। କରୋନା କାଳରେ ଶିଶୁମାନଙ୍କ ଯତ୍ନ ଜରୁରୀ ଓ ୫ବର୍ଷରୁ କମ୍ ଶିଶୁ ଓ ମା'ମାନେ ସାବୁନ୍‌ରେ ହାତ ଧୋଇବା ଅଭ୍ୟାସ କରିବା ଉଚିତ୍ ବୋଲି ଏଠାରେ କୁହାଯାଇଛି। କରୋନା ସଂକ୍ରମଣକୁ ହ୍ରାସ କରିବାକୁ ହେଲେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବା ସହ ନିମୋନିଆ ଭଳି ରୋଗକୁ ମୁକ୍ତି ପାଇବାକୁ ହେଲେ ହାତ ଧୁଆକୁ ଗୁରୁତ୍ୱ ଦେବାକୁ ହେବ ବୋଲି ଅତିଥିମାନେ ଏଠାରେ କହିଛନ୍ତି। ସେହିଭଳି ଗଣମାଧ୍ୟମ ପ୍ରତିନିଧି ମାନେ ମଧ୍ୟ ସ୍ୱଚ୍ଛତା ଓ ହାତଧୁଆ ଉପରେ ଧ୍ୟାନ ଦେଲେ ସଂକ୍ରମଣ କମିବା ସହ ପ୍ରାମାଣିକ ପରିବର୍ତ୍ତନ ଅଣାଯାଇପାରିବ ବୋଲି କର୍ମଶାଳା ଆଲୋଚନା ହୋଇଛି। ଏଚ୍‌ବିସିସିର ସଂଯୋଜକ ବିଦ୍ୟାଧର ମେହର ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ, ମା' ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଏମ୍‌ଏସିଟି କୋର୍ଟ ଓକିଲ ସଂଘର ଜରୁରୀ ବୈଠକ

## ପୂର୍ବତନ ସଭାପତି ସଂଘରୁ ବହିଷ୍କୃତ

**ବ୍ରହ୍ମପୁର,୨୨।୯(ସମିସ):** ଜଣେ ଓକିଲ ହୋଇ ଆଇନ ବିରୋଧ କାମ କରିବା ସହ ଆଇନଜୀବୀ ଏବଂ କୋର୍ଟଙ୍କ ସମ୍ମାନ ପ୍ରତି ଆଞ୍ଚ ଆଣିଥିବା ଅଭିଯୋଗରେ ବ୍ରହ୍ମପୁର ଦ୍ୱିତୀୟ ମୋଟର ଦୁର୍ଘଟଣା ଜନିତ କୋର୍ଟ (ଏମଏସିଟି) ଓକିଲ ସଂଘ ପକ୍ଷରୁ ପୂର୍ବତନ ସଭାପତି ତଥା ଆଇନଜୀବୀ ଶ୍ୟାମସୁନ୍ଦର ସାହୁଙ୍କୁ ବହିଷ୍କୃତ କରାଯାଇଛି। ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମତାମତ ଗ୍ରହଣ କରାଯିବା ସହ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ଘଟଣାକୁ ମଧ୍ୟ ନିନ୍ଦା କରାଯାଇଛି। ସଂଘର ନିଷ୍ପତି କ୍ରମେ ଏହାର ଏକ ନକଲ ଗଞ୍ଜାମ ଓକିଲ ସଂଘକୁ ଦିଆଯାଇଛି। ସେହିଭଳି ରାଜ୍ୟ ବାର କାଉନସିଲ୍ ଏବଂ ଜିଲ୍ଲା ଜଜ୍‌ଙ୍କୁ ମଧ୍ୟ ଆସନ୍ତାକାଲି ଏହାର ନକଲ ଦିଆଯିବ ବୋଲି ସମ୍ପାଦକ କମଳଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ଆଜି ସ୍ଥାନୀୟ ଏମ୍‌ଏସିଟି କୋର୍ଟ ପରିସରରେ ସଭାପତି ରଜନୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଡକାଯାଇ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଏମ୍‌ଏସିଟି କୋର୍ଟ ଓକିଲ ସଂଘର ଆଜିର ଏହି ନିଷ୍ପତିକୁ ଗଞ୍ଜାମ ଓକିଲ ସଂଘର ଅନେକ ଆଇନଜୀବୀ ସ୍ୱାଗତ ପଦକ୍ଷେପ ବୋଲି କହିଛନ୍ତି।



**ରାଜ୍ୟ ବାର୍ କାଉନସିଲ୍ ଓ ଜିଲ୍ଲାଜଜ୍‌ଙ୍କୁ ନିଷ୍ପତ୍ତିର ନକଲ ପଠାଯିବ**

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲ୍ ୧୦ ତାରିଖରେ ହାଇକୋର୍ଟଠାରେ ଅନୁଷ୍ଠିତ ଲୋକ ଅଦାଲତରେ ଏକ ଦୁର୍ଘଟଣା ଜନିତ ମକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ଏଥିରେ କ୍ଷତିପୂରଣ ବାବଦକୁ ଆବେଦନକାରୀଙ୍କୁ ୫ଲକ୍ଷ ୫୫ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ମଧ୍ୟ ହୋଇଥିଲା। ନିର୍ଦ୍ଦେଶ ହେବା ପରେ ରିଲାଏନ୍ସ ଇନ୍ସ୍ୟୁରାନ୍ସ କମ୍ପାନୀ ମେ' ୨୪ ତାରିଖରେ ଉକ୍ତ ଟଙ୍କା ୩ଟି ଚେକ୍ ଏଡିଜେ-୨ କୋର୍ଟରେ ଦାଖଲ କରିଥିଲେ। ତେବେ ଜୁନ୍ ୭ ତାରିଖରେ ଦାଖଲ ହୋଇଥିବା ଚେକ୍‌ଗୁଡିକ କୋର୍ଟରୁ ହଠାତ୍ ଗାଏବ୍ ହୋଇଯାଇଥିଲା। ଏନେଇ ସେଠାକାର ଜଣେ କିରାଣି ଜଜ୍‌ଙ୍କୁ ଅବଗତ କରିଥିଲେ। ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସମସ୍ତ ଚେକ୍ ୟୁବିଆଇ ବ୍ୟାଙ୍କରେ ଜମା ହେବା ସହ ସେଥିରୁ ୧ଲକ୍ଷ ୪୦ହଜାର ଟଙ୍କା ଏମ୍‌ଏସିଟି ଓକିଲ ଶ୍ୟାମସୁନ୍ଦର ସାହୁଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଜଣାପଡ଼ିଥିଲା। ଘଟଣା କେବଳ ଏତିକି ନୁହଁ; ଯେଉଁ ଆବେଦନକାରୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ମାମଲା ଏମ୍‌ଏସିଟି କୋର୍ଟରେ ଆବେଦନ କରିଥିଲେ ଉକ୍ତ ମହିଳା ଚନ୍ଦ୍ରମା ବେହେରାଙ୍କ ମଧ୍ୟ ବିଚାରଣା ସମୟରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ମଧ୍ୟ ଆଇନଜୀବୀ ଜଣକ କୋର୍ଟକୁ ଅବଗତ କରିନଥିଲେ। ମୃତ ବ୍ୟକ୍ତିଙ୍କ ଟଙ୍କା ମଧ୍ୟ ବିନା ଲିଗାଲ୍‌ହେରରେ ଉଠା ଯାଇଥିଲା। ଏହାକୁ ନେଇ ଜିଲ୍ଲାଜଜ୍‌ଙ୍କ ନିକଟକୁ ଖବର ଯିବା ପରେ ସେ ତୁରନ୍ତ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ମାସ ୩ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ଏମଏସିଟି ଓକିଲ ଶ୍ରୀ ସାହୁଙ୍କ ସମେତ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କ ନାମରେ କ୍ରାଇମ୍‌ବ୍ରାଞ୍ଚ ଏସପିଙ୍କ ନିକଟରେ ଏତଲା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏମଏସିଟି କୋର୍ଟ ଓକିଲ ସଂଘର ଉପସଭାପତି ଭାସ୍କର ଦାସ, ସମ୍ପାଦକ କମଳ ଲୋଚନ ପଣ୍ଡା, ସଦସ୍ୟ ନୟନ ମହାପାତ୍ର, ଜନାର୍ଦ୍ଦନ ସୁବୁଦ୍ଧି, ରାମକୃଷ୍ଣ ପାଣିଗ୍ରାହୀ, ଜ୍ୟୋତି ଛୋଟରାୟ, ଅରୁଣ ଦାଶ, ଶିବ ନାରାୟଣ ସାହୁ, ଦିଲୀପ କୁମାର, ପ୍ରଦୀପ ପଟ୍ଟନାୟକ, ସୁବ୍ରତ ସାହୁ, ପ୍ରତାପ ପାଣିଗ୍ରାହୀ ଏବଂ ନିଳମାଧବ ମହାପାତ୍ରଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ

**ବ୍ରହ୍ମପୁର,୨୨।୯(ସମିସ):** ଭାରତୀୟ ବିକାଶ ପରିଷଦ ପକ୍ଷରୁ ବ୍ରହ୍ମପୁର ରେଲୱେ ଷ୍ଟେସନ୍ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ପୂର୍ବଭଳି ସ୍ଥାନୀୟ ପାସେଞ୍ଜର ଟ୍ରେନ୍‌ରେ ସ୍ୱଳ୍ପ ମୂଲ୍ୟରେ ଖୋଲା ଟିକେଟ୍ ବିକ୍ରୟ କରିବା ସହ ଏକ୍ସପ୍ରେସ୍ ଓ ସୁପରଫାଷ୍ଟ ଟ୍ରେନ୍‌ରେ ପୂର୍ବଭଳି ଲୋକାଲ୍ ଟିକେଟ୍‌ର ବିକ୍ରୟ ବ୍ୟବସ୍ଥା କରିବା ଓ ସମସ୍ତ ଟ୍ରେନ୍ ଚଳାଚଳ କରିବାକୁ ଏଠାରେ ଦାବି କରାଯାଇଛି। କରୋନା ପ୍ରଭାବରେ ଗତବର୍ଷ ଠାରୁ ଓଡ଼ିଶାର ମଧ୍ୟବିତ୍ତ ଓ ଗରୀବ ଶ୍ରେଣୀର ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ଏଭଳି ସ୍ଥଳେ ରେଳ ବିଭାଗର ନୂଆ ନୂଆ ନୀତି ଓ ସ୍ପେସାଲ୍ ଟ୍ରେନ୍ ଚାଲିଲେ ସାଧାରଣ ଲୋକଙ୍କ ପକ୍ଷେ ଟିକଟ କରି ଯିବା କଷ୍ଟସାଧ୍ୟ ହେଉଛି ବୋଲି ଏଠାରେ କୁହାଯାଇଛି। ଆଜି ପ୍ରତିବାଦ ସଭାରେ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, କିଶୋର ଚନ୍ଦ୍ର ପାତ୍ର, ଗୁରୁ ଚରଣ ପାତ୍ର, ଗୁରୁଦେବ ବେହେରା, ରାଜନ୍ଦ୍ରେ ଦଳ ବେହେରା, ପଞ୍ଚୁ ବେହେରା, ସୁଦାମ ବେହେରା, ବିନୋଦ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

### ରହସ୍ୟରେ କନଷ୍ଟେବଲ ଉଦ୍ଧାର ଘଟଣା

## ଆଇସିୟୁରେ ଭର୍ତ୍ତି ଜଗନ୍ନାଥଙ୍କ ଚେତା ଫେରିନି

**ବ୍ରହ୍ମପୁର,୨୨।୯(ସମିସ):** ମଙ୍ଗଳବାର ଭୋରରୁ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନିକଟ ବାବାଜୀ ଢାବା ସମ୍ମୁଖରେ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିବା ବ୍ରହ୍ମପୁର ପୁଲିସ ଜିଲ୍ଲାର କନଷ୍ଟେବଲ ଜଗନ୍ନାଥ ପ୍ରଧାନଙ୍କୁ ବ୍ରହ୍ମପୁର ପୁଲିସ ଉଦ୍ଧାର କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏମ୍‌କେସିଜି ଓ କଟକ ସ୍ଥାନାନ୍ତର ପରେ ଆଜି ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କର ଚେତା ଫେରି ନଥିବା ସୂଚନା ମିଳିଛି। ତାଙ୍କ ମୁହଁରେ କ୍ଷତ ଚିହ୍ନ ହୋଇଥିବା ବେଳେ ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତ ଚିହ୍ନ ନଥିବାରୁ ପୁଲିସ ପ୍ରଥମେ ଏହାକୁ ଏକ ଆକ୍ରମଣ ଘଟଣା ବୋଲି ସନ୍ଦେହ କରିଥିଲା। ତେବେ ଧୀରେ ଧୀରେ ତଦନ୍ତ ବଢ଼ିବା ପରେ ଏହା ଦୁର୍ଘଟଣା ମଧ୍ୟ ହୋଇଥାଇପାରେ ବୋଲି ସନ୍ଦେହ ହେଉଛି। କନଷ୍ଟେବଲ ଜଗନ୍ନାଥ ଧରିଥିବା ବାଇକ୍‌ର କୌଣସି କ୍ଷତି ହୋଇନଥିବା ଯୋଗୁଁ ପୁରା ଘଟଣା ଏବେ ରହସ୍ୟ ଘେରରେ ରହିଛି। ସାଇଣ୍ଟିଫିକ୍ ଟିମ୍ ସହ ଟାଉନ୍ ଏସଡିପିଓ ଏବଂ ଅନ୍ୟ ଥାନାର ଅଧିକାରୀମାନେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନିକଟରେ ଥିବା ଏକ ଢାବା, ଏକ ରାଇସ୍ ମିଲ୍ ଓ ଏକ ମାର୍ବଲ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ପୁଲିସ ସଂଗ୍ରହ କରିଛି। ତେବେ ସେଥିରେ ସେପରି କିଛି ଖାସ୍ ସୁରାକ୍ ପୁଲିସ ପାଇପାରିନାହିଁ। ଘଟଣା ଜାଣିବା ପାଇଁ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଏବଂ ଟାଉନ୍ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ଜଗନ୍ନାଥଙ୍କ ଗ୍ରାମ କେ.ନୂଆଗାଁ ଥାନା ଅନ୍ତର୍ଗତ ତଣ୍ଡିପୁର ଯାଇ ତଦନ୍ତ କରି ଫେରିଛନ୍ତି। ଜଗନ୍ନାଥଙ୍କ ଘରେ କେହି ନଥିବା



ବେଳେ ପୁଲିସ ଆଖପାଖ ପଡ଼ିଶା ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏପରିକି ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥୀଙ୍କଠାରୁ ଜଗନ୍ନାଥଙ୍କ କେହି ଶତ୍ରୁ ଅଛନ୍ତି କି ନାହିଁ ପଚାରି ବୁଝିଛନ୍ତି। ଜଗନ୍ନାଥଙ୍କ ଗ୍ରାମରେ କୌଣସି ଶତ୍ରୁ ନଥିବା ପୁଲିସ ଜାଣିବାକୁ ପାଇଛି। ଜଗନ୍ନାଥଙ୍କ ପକେଟରୁ କିଛି ମୋଟା ଅଙ୍କର ଟଙ୍କା ଜବତ ହୋଇଥିବା ବେଳେ ତାହାକୁ ମଧ୍ୟ ପୁଲିସ ତଦନ୍ତ ପରିସରରେ ରଖିଛି। ଉକ୍ତ ଟଙ୍କା ନେବା ପାଇଁ ହୁଏତ ତାଙ୍କୁ କେହି ଆକ୍ରମଣ କରିଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। କନଷ୍ଟେବଲ ଜଗନ୍ନାଥ ଯେଉଁଠାରେ ରକ୍ତାକ୍ତ ହୋଇ ଅଚେତ ଅବସ୍ଥାରେ ପଡ଼ିଥିଲେ ସେଠାରୁ ପ୍ରାୟ ୭୦ ମିଟର ପର୍ଯ୍ୟନ୍ତ ଗାଡି ଘୋଷାଡି ହୋଇ ଯାଇଥିବା ଦେଖାଯାଇଛି। ଏହି ସବୁ ବିଷୟକୁ ନେଇ ପୁଲିସର ତଦନ୍ତ ଜାରି ରହିଛି। ବର୍ତ୍ତମାନ ଏହା ଆକ୍ରମଣ ନା ଦୁର୍ଘଟଣା ସେ ନେଇ ସସ୍‌ପେନ୍ସ ଜାରି ରହିଛି। ପୁଲିସ କନଷ୍ଟେବଲଙ୍କ ଉପରେ ହୋଇଥିବା ଆକ୍ରମଣକୁ ଏସପି ପିନାକ ମିଶ୍ର ଗୁରୁତ୍ୱର ସହ ନେଇଛନ୍ତି। ବୈଦ୍ୟନାଥପୁର ଥାନା ଅଧିକାରୀ ରାମ କୁମାର ମୁର୍ମୁଙ୍କୁ ଘଟଣାର ତଦନ୍ତ ଭାର ଦେଇଛନ୍ତି। ଜଗନ୍ନାଥଙ୍କ ଚେତା ଆସିବା ପରେ ସମସ୍ତ ଘଟଣାରୁ ପରଦା ଉଠିଯିବ।

### ପାଦଚଲା ବ୍ରିଜ୍ କଥା ଭୁଲିଗଲେ

## ଧାରଣାରେ ଚାଲିକି ଆସିଲେ ରେଳ ଅଧିକାରୀ

**ବ୍ରହ୍ମପୁର, ୨୨।୯ (ସମିସ):** ଷ୍ଟେସନ ପରିସରରେ ରେଳ ଧାରଣାରେ ଯିବା ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଏଥିରୁ ରକ୍ଷା ପାଇବା ପାଇଁ ରେଳ ବିଭାଗ ପକ୍ଷରୁ ସଚେତନତା କରାଯାଉଛି। ବିଭିନ୍ନ ସମୟରେ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ସ୍ଥାନୀୟ ରେଳବାଇ ପୁଲିସ୍ ଏ ଦିଗରେ ତୀକ୍ଷ୍ଣ ନଜର ମଧ୍ୟ ରଖୁଛି। ପାଦଚଲା ବ୍ରିଜ୍ ଓ ରାସ୍ତାରେ ଚାଲିବାକୁ ରେଳବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ରେଳ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ ଆଜି ଏ ନିୟମର ଉଲ୍ଲଙ୍ଘନ କରିଛନ୍ତି। ଶୀତଳାପଲ୍ଲୀଠାରେ ୱାଗନ୍ ଫେକ୍ଟ୍ରି ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ପଡ଼ିରହିଥିବା ସ୍ଥାନ ପରିଦର୍ଶନ କରିବାକୁ ପୂର୍ବତଟ ରେଳବିଭାଗ ଖୋର୍ଦ୍ଧାରୋଡ୍‌ର ମହାପ୍ରବନ୍ଧକଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଏଠାକୁ ଆସିଥିଲେ। ଏହି ଅବସରରେ ସେ ସ୍ୱତନ୍ତ୍ର ରେଳ ଯୋଗେ ଆସି ଜଗନ୍ନାଥପୁର ଷ୍ଟେସନଠାରେ ଓହ୍ଲାଇଥିଲେ। ଏଠାରେ ଓହ୍ଲାଇବା ପରେ ଅଧିକାରୀମାନେ ପାଦଚଲା ରାସ୍ତାରେ ନ ଯାଇ ରେଳଟ୍ରାକ୍ ଦେଇ ଷ୍ଟେସନ୍ ବାହାରକୁ ଆସିଥିଲେ। ଯାହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ନିୟମ ଉଲ୍ଲଙ୍ଘନ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି।



# ଅଫିସ ଖାଁ ଖାଁ; ବେଳାଭୂମିରେ ଚାଲିଛି ଭୋଜିଭାତ ଆସର

**ବ୍ରହ୍ମପୁର,୨୨।୯(ସମିସ):** କାହାର ସର୍ବନାଶ ତ କାହାର ପୁଷମାସ। କରୋନା ସମୟରେ ଅନେକ ଲୋକ ବର୍ତ୍ତମାନ ଜୀବନ ଜୀବିକାକୁ ନେଇ ସଂଘର୍ଷ କରୁଛନ୍ତି। ତେବେ କିଛି ସରକାରୀ କର୍ମଚାରୀ ଅଛନ୍ତି ଯେଉଁମାନେ କି ନିଜର ମଉଜ ମଜଲିସ୍ ପାଇଁ କାର୍ଯ୍ୟାଳୟ ଖୋଲାମେଲା କରି ୨୦ କିଲୋମିଟର ଦୂର ସୁନାପୁର ବେଳାଭୂମିରେ ଭୋଜିଭାତ କରି ମଦ ଆସର କରୁଛନ୍ତି। ଏହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜଳସମ୍ପଦ ବିଭାଗର ଯାନ୍ତ୍ରିକ ବିଭାଜନ ନିର୍ବାହୀଯନ୍ତ୍ରୀ କାର୍ଯ୍ୟାଳୟର ସରକାରୀ ବାବୁମାନେ ଏହିପରି ମଉଜ ମଜଲିସ୍ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଭାଇରଲ ହେବା ପରେ ଉକ୍ତ ବିଭାଗର କାର୍ଯ୍ୟରତ କର୍ମଚାରୀମାନେ ମୁହଁ ଲୁଚାଇ ବୁଲୁଛନ୍ତି। କିଛି ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ କରିବାର ଆଳ ଦେଖାଉଥିବା ବେଳେ ଆଉ କେତେକ ଚୁପ୍ ରହୁଛନ୍ତି। ଗୋଟିଏ ପଟେ

**ଜଳସମ୍ପଦ ଯାନ୍ତ୍ରିକ ବିଭାଜନ କାର୍ଯ୍ୟାଳୟରେ ଛୁଟିଦିନ ଭଳି ପରିସ୍ଥିତି**





କରୋନା କଟକଣା ସମ୍ପୂର୍ଣ୍ଣ ଭାବେ କୋହଳ ହୋଇ ନଥିବା ବେଳେ ଭୋଜି ଭାତ ଏବଂ ମୂର୍ତ୍ତି ବିସର୍ଜନରେ ଲୋକଙ୍କ ଭିଡ ଉପରେ ସରକାର ଓ ପ୍ରଶାସନ ରୋକ୍ ଲଗାଇଛନ୍ତି। ଏପରି ପରିସ୍ଥିତିରେ ଏହି ବିଭାଗର ବାବୁ ଓ କର୍ମଚାରୀମାନେ ଅଫିସ ସମୟରେ କାର୍ଯ୍ୟାଳୟକୁ ଖୋଲାମେଲା କରି ବେଳାଭୂମିକୁ ମଉଜ କରିବାକୁ ଯାଇ ସରକାରୀ ଗାଡ଼ିର ବ୍ୟବହାର କରିଛନ୍ତି। ସୂଚନାଯୋଗ୍ୟ ଯେ, ଯାନ୍ତ୍ରିକ ବିଭାଜନର ବ୍ରହ୍ମପୁର କାର୍ଯ୍ୟାଳୟର କର୍ମଚାରୀମାନେ ପୂର୍ବ ଯୋଜନା ମୁତାବକ ସୁନାପୁର ବେଳାଭୂମିରେ ଭୋଜି ଭାତର ଆୟୋଜନ କରିଥିଲେ। କୌଣସି ଛୁଟି ଦିନରେ ଏହା ନ କରି କାର୍ଯ୍ୟ ଦିବସରେ କରିଥିଲେ। ହାତରେ ମଦ ଗ୍ଲାସ୍ ଧରିବା ସହ ମଦ୍ୟପାନ କରି ବେଶ୍ ଉପଭୋଗ କରୁଥିଲେ। ଏନେଇ କିଛି ଗଣମାଧ୍ୟମ ପ୍ରତିନିଧିମାନେ ଖବର ପାଇବା ପରେ ଉକ୍ତ କାର୍ଯ୍ୟାଳୟକୁ ଯିବା ବେଳେ ତାହା ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରଶ୍ନ ପଚରାଯିବା ବେଳେ ସେ ବିଭିନ୍ନ ବାହାନା ଦେଖାଇଥିଲେ। ଭିନ୍ନ ଭିନ୍ନ ଆଳ ଦେଖାଇ ପ୍ରଶ୍ନକୁ ଅଣଦେଖା କରୁଥିଲେ। ଖବରଦାତା ପ୍ରଶ୍ନ କରିବା ସମୟରେ କ୍ୟାମେରା ବନ୍ଦ କର, ଏପଟକୁ ଆସ, ସିକ୍ରେଟ କଥା ହେବା ବୋଲି ନିର୍ବାହୀ ଯନ୍ତ୍ରୀ କହିଥିଲେ। ସରକାରୀବାବୁମାନଙ୍କ ଏହିପରି ଦାୟିତ୍ୱହୀନ କାର୍ଯ୍ୟକୁ ସବୁସ୍ତରରେ ନିନ୍ଦା କରାଯାଇଛି।



### 'ସିଡ୍ୟୁଲ-୧' ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ପଦକ୍ଷେପ

# ପୁରୀ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ

ପୁରୀ,୨୨।୯ (ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। କିନ୍ତୁ ସଚେତନତା ଅଭାବ ଏବଂ ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣି ନ ଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦ କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ଏ ନେଇ 'ସକାଳ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପରେ ଓଡ଼ିଶା ବନ ବିଭାଗ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ଜବତ କରିବା ଦିଗରେ ଆଗ୍ରହ ଦେଖାଇଛି। ପ୍ରଥମଥର ପାଇଁ ପୁରୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପି. ରାମାସ୍ୱାମୀ ଏ ଦିଗରେ ତତ୍ପରତା ଦେଖାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବୁଧବାର ପୁରୀ ବନ୍ୟପ୍ରାଣୀ ଡିଭିଜନ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ କରିଛି। ତେବେ କେଉଁଠାରୁ ବ୍ୟବସାୟୀମାନେ କୋରାଲ ପାଉଛନ୍ତି ଏ ଦିଗରେ ଅନୁସନ୍ଧାନ ଚାଲିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି






'ସକାଳ' ପ୍ରଭାବ

ଗତ କିଛିବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ରତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନ କାନୁନ ରହିଛି ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉ ନ ଥିବାରୁ ଶଙ୍ଖ, ଶାମୁକା ଭଳି ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେ ଧୀରେ ହଜିଯିବାକୁ ବସିଲେଣି। ତେବେ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଆରମ୍ଭ ହୋଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସବୁଠୁ ଖୁସିର କଥା ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ବନ ବିଭାଗ ଏବେ ଆଗ୍ରହ ଦେଖାଇଛି। ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ସହ ମିଶି ବିଭାଗୀୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। କେଉଁ ପ୍ରଜାତି କ'ଣ ବୋଲି ତାହା ସେମାନଙ୍କୁ ଚିହ୍ନାଯିବ।

ଗୋପାଳାପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବରିଷ୍ଠ ବୈଜ୍ଞାନିକ ଅନୀଲ ମହାପାତ୍ର କହିଛନ୍ତି, ପୁରୀ ବନ୍ୟପ୍ରାଣୀ ଡିଭିଜନର ଏହା ଏକ ଭଲ ପଦକ୍ଷେପ। ଓଡ଼ିଶାରେ ଏମିତି କୋରାଲ ଜବତ କରିବା ଦିଗରେ ବନ ବିଭାଗ ଆଗ୍ରହ ପ୍ରକାଶ କରିବା ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଏକ ଭଲ ସଙ୍କେତ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଗୋପାଳପୁର ବେଳାଭୂମିରେ ସିଡ୍ୟୁଲ-୧ ଶ୍ରେଣୀର ଗର୍ଗନିଆ ମଧ୍ୟ ଖୋଲାଖୋଲି ବିକ୍ରି କରାଯାଉଛି। ଗୋପାଳପୁର ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବ ବୋଲି ଆଶା କରୁଛୁ। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ବେଳଭୂମିରୁ ଏଭଳି ସାମୁଦ୍ରିକ ଜୀବଙ୍କ ବିକ୍ରି ବନ୍ଦ ହୋଇପାରିବ।

## ଭୂମିହୀନ କୁଷ୍ଠ ରୋଗୀଙ୍କୁ ମିଳିବ ଘର ଡିହ

ଭୁବନେଶ୍ୱର,୨୨।୯ (ସମିସ): କୁଷ୍ଠ ରୋଗୀ କଲୋନୀରେ ରହୁଥିବା ଭୂମିହୀନ ପରିବାର ଗୁଡ଼ିକୁ ବସୁନ୍ଧରା ଯୋଜନାରେ ଘର ଡିହ ଯୋଗାଇ ଦିଆଯିବ। ସେଥିପାଇଁ ରାଜସ୍ୱ ବିଭାଗ ତରଫରୁ ଆଶ୍ୟକୀୟ ବିଜ୍ଞପ୍ତି ଜାରି କରିବାକୁ ସମ୍ପୃକ୍ତ ବିଭାଗକୁ ନିବେଦନ କରାଯାଇଛି। ସାମାଜିକ ସୁରକ୍ଷା ବିଭାଗ ତରଫରୁ କୁଷ୍ଠ ରୋଗୀଙ୍କୁ ଗ୍ରେଡ୍-୨ ଏମସିଆର୍ ଚପଲ ଦେବାକୁ ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମ୍ବଲପୁର ଓ ଭଦ୍ରକକୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଥିବା ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକିରଣ ବିଭାଗ, ରାଜ୍ୟ ବୈଷୟିକ କମିଟିର ୩ୟ ବୈଠକରେ ଆଲୋଚନା ହୋଇଛି। ବିଭାଗର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ କୁଷ୍ଠ ରୋଗୀ ମୁକ୍ତ ବ୍ୟକ୍ତି ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଥଇଥାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନ ହୋଇଥିଲା।

ବିଭାଗର ଅତିରିକ୍ତ ଶାସନସଚିବ ଅଭୟ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୁଗ୍ମ ନିର୍ଦ୍ଦେଶକ ଡ. ନିରୋଜ କୁମାର ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା କୁଷ୍ଠରୋଗ ବିଭାଗର ସଞ୍ଚାଳକ ଡ. ରାଜେନ୍ଦ୍ର ପତି, ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ପରାମର୍ଶଦାତା ଡ. ଡମ୍ବରୁଧର ଭୂୟାଁ ଯୋଗଦେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୁଷ୍ଠରୋଗ ବ୍ୟକ୍ତିମାନଙ୍କ କଲ୍ୟାଣ, ଥଇଥାନ ଓ ଚିକତ୍ସା ନିମନ୍ତେ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନସଚିବ ସୁଶାନ୍ତ ମିଶ୍ର ଯୋଗଦେଇ କୁଷ୍ଠ କଲୋନୀ ମାନଙ୍କରେ ପାନୀୟ ଜଳ ଓ ପାଇଖାନା ବନ୍ଦୋବସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ

- ବସୁନ୍ଧରା ଯୋଜନାରେ ବ୍ୟବସ୍ଥା
- ରାଜ୍ୟ ବୈଷୟିକ କମିଟିରେ ସର୍ବମତ

ବିଭାଗ ଉପ ଶାସନସଚିବ ଗୃହ ନିର୍ମାଣ ଯୋଜନାରୁ ଗ୍ରାମାଞ୍ଚଳରେ ଯେଉଁ କୁଷ୍ଠରୋଗୀ ପରିବାର ବାସଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଆଗ୍ରାଧିକାର ଭିତ୍ତିରେ ବାସଗୃହ ଯୋଗାଇ ଦେବାକୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ଉଦ୍ୟମ କରିବ ବୋଲି କହିଥିଲେ। ତାଲିମପ୍ରାପ୍ତ କୁଷ୍ଠ କର୍ମୀମାନଙ୍କୁ ପ୍ରତ୍ୟେକ ବ୍ଲକ ଓ ନଗରପାଳିକାରେ ଥିବା ଡାକ୍ତରଖାନା ମାନଙ୍କରେ ନିଯୁକ୍ତି ଦେଇ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ କୁଷ୍ଠରୋଗୀଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଦିଲ୍ଲୀ ଓ ହରିୟାଣା ସରକାରଙ୍କ ପରି ମାସିକ ୫ଶହରୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ରାଜ୍ୟ ସଭାପତି ଉମେଶ ଚନ୍ଦ୍ର ନାୟକ ଦାବି କରିଥିଲେ। ବୈଠକରେ କମିଟିର ଆବାହକ ତଥା ସାମାଜିକ ସୁରକ୍ଷା ଅଧିକାରୀ ମୁଖ୍ୟାଳୟ, ସନ୍ନ୍ୟାସୀ ବେହେରାଙ୍କ ସମେତ କଟକ, ସମ୍ବଲପୁର, ବାରିପଦା, ବରଗଡ଼, ବାଲେଶ୍ୱର, ମୟୁରଭଞ୍ଜ, ଖୋର୍ଦ୍ଧା ଆଦି ଜିଲ୍ଲାର କୁଷ୍ଠ କଲୋନୀ ପ୍ରତିନିଧିମାନେ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ତ୍ୱରାନ୍ୱିତ ହେବ ଆକାଂକ୍ଷୀ ଜିଲ୍ଲାର ବିକାଶ

ଭୁବନେଶ୍ୱର,୨୨।୯ (ସମିସ): ଆକାଂକ୍ଷୀ ଜିଲ୍ଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନାଙ୍କୁ ମୁଖ୍ୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମୀନା ସାମଗ୍ରୀକ ଭାବେ ଆକାଂକ୍ଷୀ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବେ। ନିଜ ବିଭାଗର ସହିତ ଆକାଂକ୍ଷୀ ଜିଲ୍ଲାର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ମୀନା ରାଜ୍ୟ ସରକାର, ନୀତି ଆୟୋଗ ଏବଂ ସମ୍ପୃକ୍ତ ୧୦ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗ ରାଜ୍ୟ ନୋଡାଲ ଅଧିକାରୀ ଶ୍ରୀ ମୀନାଙ୍କୁ ସହାୟତା ପ୍ରଦାନ କରିବ। ଭାରତ ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ବଲାଙ୍ଗିର, ରାୟଗଡ଼ା, କୋରାପୁଟ, ଗଜପତି, ନୂଆପଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ ଓ ମାଲକାନଗିରି ଜିଲ୍ଲା ରହିଛି।

# 'ଓଡ଼ିଶା-ମୋ ପରିବାର'ର ମହନୀୟତା

## ନୂଆଦିଲ୍ଲୀରୁ ଆସିଲା ଶ୍ରମିକଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର,୨୨।୯ (ସମିସ): ଏକ ଦୁର୍ଘଟଣାର ଶିକାର ହୋଇ ନୂଆଦିଲ୍ଲୀରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ମୃତ ଦେହକୁ ଫେରାଇ ଆଣିବାରେ ସହଯୋଗ କରିଛି 'ଓଡ଼ିଶା-ମୋ ପରିବାର'। ହସ୍ତଗତ ସୂଚନା ଅନୁସାରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତନୁପୁର ଗ୍ରାମର ୫୮ ବର୍ଷୀୟ ବିଚିତ୍ରାନନ୍ଦ ପାତ୍ର ନୂଆଦିଲ୍ଲୀରେ ରହି ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ୨୦ ତାରିଖରେ ଘରେ ପୂଜା କରୁଥିବା ସମୟରେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ସେଠାରେ ଆଇନଗତ ପ୍ରକ୍ରିୟା ଶେଷ କରି ମୃତଦେହକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବିଚିତ୍ରନନ୍ଦଙ୍କ ପରିବାର ଲୋକ ଅସମର୍ଥ ଥିଲେ। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟକୁ ଆସିବା ପରେ ଏ ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଅବଗତ କରାଯାଇ ସହାୟତା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆଦିଲ୍ଲୀ ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ ଏବଂ ସେଠାରେ ଓଡ଼ିଶା-ମୋ ପରିବାରର ସଦସ୍ୟ ଅକ୍ଷୟ ସାମଲଙ୍କ ସହ ସମନ୍ୱୟ ରକ୍ଷା କରି ସ୍ୱର୍ଗତ ବିଚିତ୍ରନନ୍ଦଙ୍କର ନୂଆଦିଲ୍ଲୀ ଏମ୍ସରେ ଶବ ବ୍ୟବଛେଦ



କରାଇଥିଲେ। ଓଡ଼ିଶା-ମୋ ପରିବାର ସମସ୍ତ ଖର୍ଚ୍ଚ ବହନ କରି ବିମାନରେ ମୃତଦେହ ଓଡ଼ିଶାକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ନୂଆଦିଲ୍ଲୀରୁ ବିମାନରେ ମୃତଦେହ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲା। ଏଠାରେ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ଉପଦେଷ୍ଟା ସତ୍ୟଜିତ ଦାଶ, ସିଇଓ ଆଦିତ୍ୟ ଦାସ ପ୍ରମୁଖ ଉପସ୍ଥିତ ରହି ମୃତଦେହ ଗ୍ରହଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ବିଚିତ୍ରାନନ୍ଦଙ୍କ ଅନ୍ତିମ ସଂସ୍କାର ପାଇଁ ପରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇଥିଲା।

## ଓମାନରୁ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଭୁବନେଶ୍ୱର,୨୨।୯ (ସମିସ): ସୁଦୂର ଓମାନରେ ଫସିଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ତାଙ୍କ ଜନ୍ମ ମାଟିକୁ ଫେରାଇ ଆଣିବାରେ ସହାୟତାର ହାତ ବଢ଼ାଇଛି ଓଡ଼ିଶା-ମୋ ପରିବାର। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅନ୍ତର୍ଗତ କମଳାପଦର ଗ୍ରାମର ପ୍ରଦୀପ ପାହନ ଓମାନ୍‌ର ରାଜଧାନୀ ମସ୍କାଟ୍‌ରେ ଏକ କମ୍ପାନୀରେ କାମ କରୁଥିଲେ। ତେବେ ଗତ ୧୪ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ ପରେ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ବାହାରିନ ଓଡ଼ିଶା-ମୋ ପରିବାର ସ୍ୱକ୍ (ସିଙ୍ଗଲ୍ ଫଏଣ୍ଟ ଅଫ୍ କଣ୍ଟାକ୍ଟ) ଡ଼ ଅରୁଣ ପ୍ରହରାଜ ଭାରତୀୟ ଦୂତାବାସ, ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରାଯାଇଥିଲା। ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଏହି ସୂଚନା ପାଇବା ପରେ ମୃତଦେହ ଆଣିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସହଯୋଗ ଲୋଡ଼ିଥିଲେ। ପରେ ପ୍ରଦୀପଙ୍କ



ପାର୍ଥିବ ଶରୀର ଓମାନରୁ ଭାୟା ମୁମ୍ବଇ ଦେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ବରିଷ୍ଠ ବିଜେଡି ନେତା ଭରଦ୍ୱାଜ ମିଶ୍ର, ଓଡ଼ିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ରହି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଦୀପଙ୍କ ମୃତଦେହ ଗ୍ରହଣ କରିଥିଲେ। ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବା ପରେ ଏକ ଆମ୍ବୁଲାନ୍ସ ଯୋଗାଡ଼ କରାଯାଇ ତାଙ୍କ ଗ୍ରାମକୁ ପଠା ଯାଇଥିଲା।

## କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା

ଅତାବିରା,୨୨।୯ (ସମିସ): ଅତାବିରା ବ୍ଲକ ଅନ୍ତର୍ଗତ ହିଲ୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରାର ଚାଷୀ ବୃନ୍ଦାବନ ଭୁଏ (୬୨) ମଙ୍ଗଳବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ଗୋଡଭଗା ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଥିଲା; ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ମଝିଆ ପୁଅ ଗଣନାଥ ଭୁଏ କହିଛନ୍ତି। ଗତ ଖରିଫ ଋତୁରେ ପ୍ରାୟ ୧୦ ଏକର ନିଜ ଜମିରେ ଧାନ ଚାଷ କରିଥିଲେ। ଟୋକନ ସମସ୍ୟା କାରଣରୁ ତାଙ୍କର ୧୦୦ ବସ୍ତା ଧାନ ଆଜିଯାଏଁ ବିକ୍ରି ନ ହୋଇ ଖଳାରେ ପଡ଼ିରହିଛି। ଚାଷ ପାଇଁ ସୋସାଇଟିରୁ ୩ ଲକ୍ଷ ଟଙ୍କା ଋଣ ଏବଂ ମହାଜନୀ ଋଣକୁ ନେଇ ସେ ସର୍ବଦା ଚିନ୍ତିତ ଥିଲେ। ତେଣୁ ସେ କିପରି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପୁଅ ପ୍ରକାଶ କରିଛନ୍ତି। ତାଙ୍କର ୩ ପୁଅ ଓ ଦୁଇ ଝିଅ ଅଛନ୍ତି। ବଡପୁଅ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିବାବେଳେ ସାନପୁଅ ମାଟ୍ରିକ ପଢ଼ି ଘରେ ରହିଛନ୍ତି।

## ନବରଙ୍ଗପୁର ଜିଲ୍ଲା ବିଜେଡି କମିଟି କର୍ମକର୍ତ୍ତା ମନୋନୀତ

ଭୁବନେଶ୍ୱର,୨୨।୯ (ସମିସ): ବିଜୁ ଜନତା ଦଳ ନବରଙ୍ଗପୁର ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲ୍ଲା ସଭାପତି ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି। ଜିଲ୍ଲା କମିଟିରେ ୧୨ ଜଣ ଉପସଭାପତି, ୧୩ ଜଣ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଛି।

ହସ୍ତଗତ ସୂଚନା ଅନୁସାରେ ନବରଙ୍ଗପୁର ବିଜେଡି ଜିଲ୍ଲା କମିଟିରେ ଉପ ସଭାପତି ଭାବେ ବଦ୍ରିନାରାୟଣ ସିଂହ, ଖାଡ଼େଶ୍ୱର ମହାନ୍ତି, ମୋତିରାମ ନାୟକ, ରବି ପଟ୍ଟନାୟକ, ସ୍ୱାଧୀନ ପଟ୍ଟନାୟକ, ମଧୁସୂଦନ ନାଗେଶ ଦାୟିତ୍ୱ ପାଇଛନ୍ତି। ସେହିପରି ଶୁକଦେବ ଗୋଣ୍ଡ, ରମେଶ ସାହୁ, ରଜନୀକାନ୍ତ ପଟ୍ଟନାୟକ, ଉଦ୍ଧବ ନାୟକ, ଇନ୍ଦ୍ର ଭତ୍ରା ଏବଂ ଦିବ୍ୟାନନ୍ଦ ସୁନାଙ୍କୁ ଉପ ସଭାପତି ଦାୟିତ୍ୱ ମିଳିଛି। ଜିଲ୍ଲା କମିଟିରେ ସାଧାରଣ ସମ୍ପାଦକ ଭାବେ ଆଶିଷ ରଞ୍ଜନ ପଟ୍ଟନାୟକ, ପଦମ ମାଲି, ପ୍ରଫୁଲ୍ଲ ପଣ୍ଡା, ଏମ୍ ବୁଲୁ ରାଓ, ଅବ୍ଦୁଲ ତାଜୁଦ୍ଦିନ୍, ମୋହନ ମାଝୀ, ଡମ୍ବରୁ ଭତ୍ରା, ଜତୀନ୍ଦ୍ର ଗୋଣ୍ଡ, ମୋହନ ପ୍ରଧାନୀ, ସୁବୋଧ ଚନ୍ଦ୍ର ବେନିଆ, ବୀରସିଂ ମାଝୀ, ମୃତ୍ୟୁଞ୍ଜୟ ସିଂହ ଏବଂ ସାରସ ଚନ୍ଦ୍ର ଜାଲଙ୍କୁ ନିଯୁକ୍ତି ମିଳିଛି। ଅପରପକ୍ଷେ ନବ ନିଯୁକ୍ତ ସମ୍ପାଦକ ମାନଙ୍କ ମଧ୍ୟରେ ତ୍ରିନାଥ ପ୍ରଧାନ, ତାରିକ୍ ହୁସେନ୍ ଖାନ୍, ସୁଧୀର ଖୁରା, ଯୁଗେଶ୍ୱର ନାଗ, ପ୍ରଶାନ୍ତ ସାହୁ, ସନ୍ତୋଷ ଷଡ଼ଙ୍ଗୀ, କମଳ ବଚ୍ଛର, ପ୍ରଣବ ଭୂୟାଁ, ଜଗା ଗୋଣ୍ଡ, ସହଦେବ ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ପରିଚ୍ଛା, ତ୍ରିନାଥ ଭଟ୍ଟ ଏବଂ ପଦ୍ମନ ସନ୍ତ ରହିଛନ୍ତି। ଚିତ୍ତ ରଞ୍ଜନ ଗୋଣ୍ଡ ଜିଲ୍ଲା କମିଟିରେ କୋଷାଧ୍ୟକ୍ଷ ଦାୟିତ୍ୱରେ ରହିବେ ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

### ଚୂଡ଼ାନ୍ତ ତାରିଖରେ ହଠାତ ପରିବର୍ତ୍ତନ

## ପ୍ରଫେସର ପଦ ପାଇଁ ଆବେଦନରୁ ବଞ୍ଚିତହେଲେ ପ୍ରାର୍ଥୀ

କଟକ,୨୨।୯ (ସମିସ): ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ର ବିଚିତ୍ର ନିଷ୍ପତ୍ତି ଯୋଗୁଁ ବହୁ ପ୍ରାର୍ଥୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ଥିବା ପ୍ରଫେସର ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡ଼ାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ବଦଳରେ ସେପ୍ଟେମ୍ବର ୨୧ ତାରିଖକୁ ହ୍ରାସ କରାଯାଇଥିଲା। ଏ ସମ୍ପର୍କରେ ବହୁ ପ୍ରାର୍ଥୀ ଜାଣି ନଥିବା କହିଛନ୍ତି। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ ମଧ୍ୟ ଆବେଦନ ପତ୍ରକୁ ଚୂଡ଼ାନ୍ତ ଦାଖଲ କରିନାହାନ୍ତି। କିଛି ମଧ୍ୟ ଫି' ଦେଇନାହାନ୍ତି। ଓପିଏସସିର ଏଭଳି ନିଷ୍ପତ୍ତି ଯୋଗୁଁ ପ୍ରଫେସର ପଦ ପାଇଁ ପରୀକ୍ଷା ଦେବାରୁ ଶତାଧିକ ପ୍ରାର୍ଥୀ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। କିଛି ପ୍ରାର୍ଥୀ ଓପିଏସ୍‌ସିର ଚେୟାରମ୍ୟାନ ସତ୍ୟଜିତ ମହାନ୍ତିଙ୍କୁ ଟୁଇଟ କରି ଅଭିଯୋଗ ଜଣାଇଛନ୍ତି। ଏନେଇ ଓପିଏସସି ସଚିବ ଅଶୋକ କୁମାର ଦାଶଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

ମିଳିଥିବା ସୂଚନା ମୁତାବକ, ଓପିଏସସି ପକ୍ଷରୁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରାୟ ୧୮୩ଟି ପ୍ରଫେସର ପଦ ପାଇଁ ଗତ ଜୁନ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୩୬ଟି ପ୍ରଫେସର ପଦ ରହିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩ଟି ପଦ ରହିଥିଲା। ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୨ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୨ଟି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୧୫ଟି, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨୬ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୯ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୯ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୮ଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୬ଟି, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୭ଟି ପ୍ରଫେସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀମାନେ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ, ପଞ୍ଜୀକରଣ ଏବଂ ଫି' ପ୍ରଦାନ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡ଼ାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଓପିଏସସି ପକ୍ଷରୁ ହଠାତ ତାରିଖରେ ପରିବର୍ତ୍ତନ କରାଯାଇଥିଲା।

### ମିଶନ ଶକ୍ତି ବଦଳାଇଦେଲା ଭାଗ୍ୟ

## ଅଣ୍ଡାଦିଆ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ମହିଳା ଗୋଷ୍ଠୀ

ମୋହନା, ୨୨।୯ (ସମିସ): ଦିନ ଥିଲା ଚୁଲି ମୁଣ୍ଡରେ ଜୀବନ ବିତୁଥିଲା; କିନ୍ତୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସେମାନଙ୍କୁ ଗାଁ ଦାଣ୍ଡକୁ ବାହାର କରିଛି। ମିଶନଶକ୍ତିର ସହଯୋଗ ଓ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା ଗୋଷ୍ଠୀ। ଏବେ କୁକୁଡ଼ା ଏବଂ ଅଣ୍ଡା ବିକ୍ରି କରି ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ ମଧ୍ୟ କରିପାରୁଛନ୍ତି। କ୍ଷେତ ମଝିରେ କୁକୁଡ଼ା ଫାର୍ମ ଏବଂ ଫାର୍ମଟିକୁ ଚଳାଉଛନ୍ତି କିଛି ମହିଳା।

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲା ଅନ୍ତର୍ଗତ ଉପାନ୍ତ ମୋହନା ବ୍ଲକର ପିଣ୍ଡିକି ଗ୍ରାମର ମା' ସିଦ୍ଧେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ମିଶନଶକ୍ତି ଜରିଆରେ ଏବଂ ବ୍ଲକ ପ୍ରାଣୀସମ୍ପଦ ବିକାଶ ବିଭାଗର ସହାୟତାରେ ଏହି ସଫଳତା ପାଇପାରିଛନ୍ତି ମହିଳାମାନେ। କୁକୁଡ଼ା ଫାର୍ମ ଟି ନିର୍ମାଣ କରିବା ପାଇଁ ଖର୍ଚ୍ଚ ହୋଇଛି ଦୁଇ ଲକ୍ଷ ଟଙ୍କା। ସେଥିରୁ ଏକ ଲକ୍ଷ ଟଙ୍କାର ସରକାରୀ ରିଆତି ମିଳିଥିବା ବେଳେ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କାର ଲୋନ୍ ଆଣିଛନ୍ତି ମହିଳା ଗୋଷ୍ଠୀ। ଏଥି





ନିମନ୍ତେ ରାଜ୍ୟ ସରକାରଙ୍କ ଭୁବନେଶ୍ୱରସ୍ଥିତ ଓଡ଼ିଶା ପୋଲଟ୍ରି ଫେଡରେସନ୍ ଲିମିଟେଡ୍, ରୋଡ୍ ଆଇଲାଣ୍ଡ ରେଡ୍ (ଆରଆଇଆର) ପ୍ରଜାତିର କୁକୁଡ଼ା ଯୋଗାଇ ଦେଇଛି। ସ୍ଥାନୀୟ ପ୍ରାଣୀ ସମ୍ପଦ ବିଭାଗ ପ୍ରତିଦିନ କୁକୁଡ଼ା ଗୁଡିକର ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକୀୟ ଔଷଧ ଏବଂ ଟିକା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଫାର୍ମରେ ୧୫୦ରୁ ଉର୍ଦ୍ଧ୍ୱ କୁକୁଡ଼ା ରହିଛନ୍ତି। ପ୍ରତ୍ୟେକ ଦିନ ୬୦ରୁ ୭୦ ଅଣ୍ଡା ଉତ୍ପାଦନ ହେଉଛି। ଅଣ୍ଡା ଗୁଡିକ ଦେଖିବା ପାଇଁ ଅବିକଳ ଦେଶୀ କୁକୁଡ଼ାର ଅଣ୍ଡା ଭଳି। ତେଣୁ ଏହାର ବଜାର ଚାହିଦା ମଧ୍ୟ ଭଲ ରହିଛି। ଗୋଟିଏ ଅଣ୍ଡା ୬ରୁ ୭ ଟଙ୍କାରେ ବିକ୍ରି କରାଯାଉଛି। ଏହାସହ ଗଞ୍ଜା କୁକୁଡ଼ାକୁ ଗୋଟା ପିଛା ୫୦୦ରୁ ୬୦୦ ଟଙ୍କାରେ ବିକ୍ରି କରାଯାଉଛ। ମୋହନା ସମେତ ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼ ଏବଂ ବ୍ରହ୍ମପୁର ବଜାରକୁ ବିକ୍ରି ପାଇଁ ପଠାଯାଉଛି ଅଣ୍ଡା। ମହିଳା ସଙ୍ଘର ସଦସ୍ୟାମାନେ ପ୍ରତ୍ୟେକ ଦିନ ପାଳିକରି କୁକୁଡ଼ା ଫାର୍ମକୁ ସଫାସୁତରା କରିବା ସହ କୁକୁଡ଼ାଗୁଡିକୁ ଦାନା ଏବଂ ପାଣି ଦେଇ ସେମାନଙ୍କ ଲାଳନପାଳନ କରୁଛନ୍ତି। ଦିନେ ଘର ଖର୍ଚ୍ଚ ପାଇଁ ମୁରବିଙ୍କ ହାତକୁ ଚାହିଁ ରହୁଥିବା ମହିଳାମାନେ ଏବେ ଅଣ୍ଡା ଏବଂ କୁକୁଡ଼ା ବିକ୍ରି କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିବାରେ ମୁଖ୍ୟ ଭୂମିକା ତୁଲାଉଛନ୍ତି। ସିଦ୍ଧେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀର ଏସବୁ ସମ୍ଭବ ହୋଇପାରିଛି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପାଇଁ। ଆଗକୁ କିଭଳି ଅଧିକରୁ ଅଧିକ ଏହି ଅଣ୍ଡାଦିଆ କୁକୁଡ଼ା ଚାଷ କରି ମହିଳାମାନଙ୍କୁ ଆର୍ଥିକ ରୋଜଗାରକ୍ଷମ କରାଯାଇପାରିବ ସେଥିନିମନ୍ତେ ପ୍ରୟାସ ଚାଲିଥିବା ସୂଚନା ଦେଇଛନ୍ତି ମୋହନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା। ଆଗାମୀ ଦିନରେ ଏହାର ସଫଳ ରୂପାୟନ ହୋଇପାରିଲେ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମହିଳାମାନେ ନିଶ୍ଚିତ ଭାବେ ଉପକୃତ ହୋଇପାରିବେ।







## ଗହନା ବଶିଷ୍ଟଙ୍କ ଗିରଫ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପର୍ଣ୍ଣ ଫିଲ୍ମ(ଅଶ୍ଳୀଳ ଚଳଚ୍ଚିତ୍ର) ମାମଲାରେ ଅଭିନେତ୍ରୀ ଗହନା ବଶିଷ୍ଠଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ତାଙ୍କ



ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଗହନାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଏବଂ ତଦନ୍ତରେ ସହଯୋଗ କରିବାକୁ ଅଭିନେତ୍ରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଏକ ୱେବସାଇଟରେ ଅଶ୍ଳୀଳ ଭିଡିଓ ଅପଲୋଡ ଏବଂ ସୁଟିଂ ଅଭିଯୋଗରେ ଗହନାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ମାଲୱାନୀ ଥାନାରେ ରୁଜୁ ମାମଲାକୁ ମୁମ୍ବଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପର୍ଣ୍ଣ ଭିଡିଓ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରାଙ୍କ ସହିତ ତାଙ୍କ କମ୍ପାନୀର ୩ରୁ ୪ ଫିଲ୍ମ ନିର୍ମାତାଙ୍କ ବିରୋଧରେ ଜଣେ ମଡେଲ ଏଫଆଇଆର ରୁଜୁ କରିଥିଲେ। ରାଜ କୁନ୍ଦ୍ରାଙ୍କ ପୂର୍ବରୁ ଫେବୃଆରୀରେ ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ଗହନା ବଶିଷ୍ଠଙ୍କୁ ଗିରଫ କରାଯାଇଥିଲା। ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ତାଙ୍କ ବିରୋଧରେ ରୁଜୁ ଏଫଆଇଆରରେ ଗରିଫ ଭୟରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ସେସନ କୋର୍ଟ ଏବଂ ବମ୍ବେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

## ଜମ୍ମୁ-କାଶ୍ମୀରର ୬ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର,୨୨।୯(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ୬ କର୍ମଚାରୀଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଲିଙ୍କର ତଦନ୍ତ ଲାଗି କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିଶ କ୍ରମେ ଏହି କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ଭାରତୀୟ ପିଙ୍ଗଳ କୋଡର ଧାରା ୩୧୧ (୨)(c) ଅନୁଯାୟୀ ଏହି କମିଟି ଗଠନ ହୋଇଥିଲା। ଏହା ପୂର୍ବରୁ ଜୁଲାଇରେ ୧୧ ଜଣ କର୍ମଚାରୀଙ୍କୁ ଚାକିରୀରୁ ବିହିଷ୍କାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆତଙ୍କବାଦୀ ସଂଗଠନ ମୁଜାହିଦ୍ଦିନର କମାଣ୍ଡର ସୟଦ ସଲାହୁଦ୍ଦିନଙ୍କ ପୁଅ ସାମିଲ ଥିଲା।

## କେନ୍ଦ୍ର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

# ନଭେମ୍ବରରୁ ମହିଳାଙ୍କୁ ଏନ୍‌ଡିଏରେ ସାମିଲ କର

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି)**

ଚଳିତ ବର୍ଷ ନ୍ୟାସନାଲ ଡିଫେନ୍ସ ଏକାଡେମି(ଏନଡିଏ) ପ୍ରବେଶିକା ପରୀକ୍ଷାରେ ମହିଳାଙ୍କୁ ଅନୁମତି ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏବେ ଆସନ୍ତା ନଭେମ୍ବର ମାସରୁ ମହିଳା ଏନଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ। ଆମେ ମହିଳାଙ୍କୁ ଏନଡିଏରେ ପ୍ରବେଶ କରାଇବା ସମୟକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବୁ ନାହିଁ। ଏହା କହି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ ଏସକେ କାଉଲଙ୍କ ନେତୃତ୍ୱାଧିନ ଖଣ୍ଡପୀଠଙ୍କ ନିକଟରେ ସରକାର ଚଳିତ ବର୍ଷ ଏନଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ କରାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ନଭେମ୍ବର ୧୪ରେ ଆଗାମୀ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଛି। ଏଥିରେ ମହିଳାଙ୍କୁ ଅନୁମତି ଦିଆ ନଯିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। କାରଣ ଏବେ ପ୍ରଶିକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇନାହିଁ। ଏହା ପ୍ରସ୍ତୁତ କରିବାକୁ ୨୦୨୨ ମେ ପର୍ଯ୍ୟନ୍ତ ସମୟ ଲାଗିବ। ତେବେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଚଳିତ ବର୍ଷରୁ ଏହି ପରୀକ୍ଷାରେ ସାମିଲ କରାଇବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। କୋର୍ଟ କହିଛନ୍ତି ଯେ ୨୦୨୧ ନଭେମ୍ବରରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ। ଗୋଟିଏ ବର୍ଷ ପାଇଁ ଏହାକୁ ସ୍ଥଗିତ କରିହେବ ନାହିଁ। ଡାକ୍ତରୀ ମାନକକୁ ପରୀକ୍ଷାମୂଳକ ଭାବରେ ସୂଚିତ କରାଯିବା ଉଚିତ୍। ୟୁପିଏସସି ନଭେମ୍ବରରେ ହେବାକୁ ଥିବା ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତି ଜାରି କରୁ।ସୂଚନା ମୁତାବକ ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ୨୦୨୨ରେ ହେବାକୁ ଥିବା ଏନ୍‌ଡିଏ ପରୀକ୍ଷାରେ ଝିଅମାନଙ୍କୁ ସାମିଲ କରାଇବା ପାଇଁ କୋର୍ଟକୁ କହିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ



ଯୋଗ୍ୟତା ପର୍ଯ୍ୟାୟରେ ଫିଜିକାଲ ଫିଟନେସର ମାନଦଣ୍ଡ ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ଯେମିତି ପୁରୁଷ କ୍ୟାଡେଟଙ୍କ ପାଇଁ ମାନଦଣ୍ଡ ଅଛି ସେହିପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ତେବେ ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା।ତେବେ ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଚଳିତ ବର୍ଷଠାରୁ ଝିଅମାନେ ଏହି ପରୀକ୍ଷାରେ ସାମିଲ ହେବେ। ପରୀକ୍ଷା ପରେ ଯଦି କୌଣସି ସମସ୍ୟା ଆସୁଛି ତେବେ କେନ୍ଦ୍ର ସରକାର କୋର୍ଟକୁ ଜଣାଇବେ। ଏକ ବର୍ଷ ବିଳମ୍ବ ହେବା ଅର୍ଥ ସବୁକିଛି ଶେଷ କରିଦେବ। ଆଜି କୌଣସି ପରୀକ୍ଷା ନାହିଁ, କାଲି ପରୀକ୍ଷା ହେବା' ଏହା ମହିଳାଙ୍କ ଆକାଂକ୍ଷା ବିରୋଧରେ ଯିବ। ମହିଳାଙ୍କ ଅଧିକାରକୁ ସ୍ଥଗିତ ରଖାଯାଇପାରିବ ନାହିଁ। ସରକାର ଏହା ଭାବିବା ଉଚିତ। ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ଟାଳିବା ଏକ ସଠିକ୍ ସଙ୍କେତ ହେବ ନାହିଁ, ଏହାକୁ ଚଳିତ ବର୍ଷଠାରୁ ଆରମ୍ଭ କରିବାକୁ କେନ୍ଦ୍ରକୁ କହିଛନ୍ତି।

## ଭାରତର ଚେତାବନୀ ପରେ କୋଭିସିଲ୍ଡକୁ ମଞ୍ଜୁରି ଦେଲା ବ୍ରିଟେନ

**ଲଣ୍ଡନ,୨୨।୯(ଏଜେନ୍ସି):** ଭାରତର ଚେତାବନୀ ପରେ ବ୍ରିଟେନ ନିଜର ଟିକା ନୀତିରେ ପରିବର୍ତ୍ତନ କରିଛି। ଏବେ ସଂଶୋଧିତ ଯାତ୍ରା ନିୟମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କରୋନା ଟିକା 'କୋଭିଶିଲ୍ଡ' କୁ ବ୍ରିଟେନ ମଞ୍ଜୁରି ଦେଇଛି। ତେବେ ଭାରତର ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିନାହିଁ । ଏହା ଉପରେ ଭରଷା କରାଯାଇପାରିବ ନାହିଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ବ୍ରିଟେନ ଗସ୍ତ କରୁଥିବା ଭାରତୀୟମାନଙ୍କୁ ସେଠାରେ ୧୦ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡିବ ଏବଂ ପରୀକ୍ଷା କରାଇବାକୁ ହେବ। ବ୍ରିଟେନର ଏହି ନିଷ୍ପତ୍ତି ବର୍ଣ୍ଣବୈଷମ୍ୟ ଆଧାରିତ ବୋଲି ଭାରତୀୟ ନାଗରିକ କହିଥିଲେ। ଭାରତ ସରକାର ମଧ୍ୟ ବ୍ରିଟେନର ନୂଆ ଟିକା ନୀତିକୁ ତୀବ୍ର ବିରୋଧରେ କରିଥିଲେ ଏବଂ 'ଯେସାକୁ ତେସା' ନୀତି ଗ୍ରହଣ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚେତାବନୀ ଦେଇଥିଲେ। ବ୍ରିଟେନର ସଂଶୋଧିତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ ଅକ୍ଟୋବର ୪ରୁ ବ୍ରିଟେନ, ୟୁରୋପ, ଆମେରିକା ତଥା ଅନ୍ୟ କିଛି ଦେଶ ଦ୍ୱାରା ଅନୁମତି ପାଇଥିବା ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ଦେଶରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏବେ ଆଉ କିଛି ଟିକାକୁ ସ୍ୱୀକୃତିପ୍ରାପ୍ତ ତାଲିକାରେ ସାମିଲ କରାଯାଉଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରାଜେନେକା କୋଭିସିଲ୍ଡ, ଅଷ୍ଟ୍ରାଜେନେକା ଭାକ୍ସଜେଭରିଆ ଓ ମଡର୍ଣ୍ଣା ଟାକେଟା ସାମିଲ ରହିଛି। ଏହି ଟିକାର ଉଭୟ ଡୋଜ୍ ନେଇଥିଲେ ବ୍ରିଟେନରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ମାର୍ଗଦର୍ଶିକାରେ କୁହାଯାଇଛି ଯେ କୋଭିସିଲ୍ଡର ଉଭୟ ଡୋଜ୍ ନେଇଥିଲେ ମଧ୍ୟ ଭାରତୀୟଙ୍କୁ ସଙ୍ଗରୋଧରେ

### ଟିକା ପ୍ରମାଣପତ୍ରକୁ ଦେଲାନି ସ୍ୱୀକୃତି

ରହିବାକୁ ପଡ଼ିବ। କୋଭିସିଲ୍ଡକୁ ନେଇ ଆମର କୌଣସି ଅସୁବିଧା ନାହିଁ। କିନ୍ତୁ ଭାରତରେ ଦିଆଯାଉଥିବା ଟିକା ପ୍ରମାଣପତ୍ର ଉପରେ ସନ୍ଦେହ ରହିଛି। ଭାରତ ସରକାରଙ୍କ ସହ ଟିକା ପ୍ରମାଣପତ୍ରର ମାନ୍ୟତାର ସୀମା ବୃଦ୍ଧି କରିବାକୁ କାର୍ଯ୍ୟ କରୁଛୁ।

ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ଏୟାର ମାର୍ଶାଲ ଭିଆର୍ ଚୌଧୁରୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି



■ ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା

## ଆଉ ଜଣେ ବିଜେପି ନେତାଙ୍କ ମୃତ୍ୟୁ

**କଲକାତା,୨୨।୯(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ହୋଇଥିବା ହିଂସାରେ ଆହତ ହୋଇ ଚିକିତ୍ସିତ ହେଉଥିବା ମଥୁରାପୁର ବିଜେପି ଉପାଧ୍ୟକ୍ଷ ମାନସ ଶାହା ବୁଧବାର ପ୍ରାଣ ହରାଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ଦିନ ଅର୍ଥାତ୍ ମେ' ୨ ତାରିଖରେ ମାନସ ଶାହା ସମେତ ବିଜେପି କର୍ମୀ ଓ ସମର୍ଥକଙ୍କ ଉପରେ ତୃଣମୂଳ କଂଗ୍ରେସ(ଟିଏମସି) ସମର୍ଥକମାନେ ଆକ୍ରମଣ କରିଥିଲେ। ଡାଇମଣ୍ଡ ହାର୍ବର କଲେଜ ମତଗଣନା କେନ୍ଦ୍ରରୁ ଫେରିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଏଥିରେ ମାନସ ଗୁରୁତର ଅସୁସ୍ଥ ଥିଲେ।



ବିଜେପି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ମାନସ ଶାହାଙ୍କୁ ବୁଧବାର ସକାଳେ ଠାକୁରପୁକୁରର ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବିଜେପି ସାଂସଦ ଅର୍ଜୁନ ସିଂ ହସ୍ପିଟାଲରେ ପହଞ୍ଚି ତାଙ୍କ ପରିବାର ସଦସ୍ୟ ଓ ବିଜେପି କର୍ମଚାରୀଙ୍କ ସହ କଥା ହୋଇଥିଲେ। ବିଜେପି ନେତାଙ୍କ ପରିବାର ସଦସ୍ୟ ପୁଲିସ ଏଫଆଇଆର ଦାଖଲ କଲେ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ଆଉ ଏକ ଏଫ୍‌ଆଇଆର୍ ରୁଜୁ କରିଛି। ଏ ପର୍ଯ୍ୟନ୍ତ ମୋଟ ୩୯ ଏଫଆଇଆର ରୁଜୁ କରାଗଲାଣି।

## ଦିନକରେ ୨୬ ୯ ୬୪ ନୂଆ ସଂକ୍ରମିତ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ଭାରତରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୨୬୯୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୩୮୩ ଆକ୍ରାନ୍ତ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୪୪୫୭୬୮କୁ ଏବଂ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୫୩୧୪୯୮କୁ ବୃଦ୍ଧି ପାଇଛି। ଏବେ ୩,୦୧,୯୮୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ୧୮୬ ଦିନରେ ସର୍ବନିମ୍ନ। ମୋଟ ସଂକ୍ରମଣରେ ସକ୍ରିୟ ରୋଗୀସଂଖ୍ୟା ୦.୯୦ ପ୍ରତିଶତ ରହିଛି। ଏହା ଗତ ବର୍ଷ ମାର୍ଚ୍ଚ ମାସ ପରଠାରୁ ସବୁଠାରୁ କମ। ଏହି ସମୟରେ ୩୪,୧୬୭ ରୋଗୀ ମଧ୍ୟ ସୁସ୍ଥ ହୋଇଛନ୍ତି। ଏବେ ଦୈନିକ ସଂକ୍ରମଣ ହାର ୧.୬୯ ପ୍ରତିଶତ ଏବଂ ସାପ୍ତାହିକ ସଂକ୍ରମଣ ହାର ୨.୦୮ ପ୍ରତିଶତ ରହିଛି। ଆରୋଗ୍ୟ ହାର ୯୭.୭୭ ପ୍ରତିଶତ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୫୯୨୩୯୫ ନମୁନା ପରୀକ୍ଷା କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ ୫୫୬୭୫୪୨୮୨ ନମୁନା ପରୀକ୍ଷା କରାଗଲାଣି।

- ସକ୍ରିୟ ରୋଗୀସଂଖ୍ୟା ୧୮୪ ଦିନରେ ସର୍ବନିମ୍ନ
- ଦୈନିକ ସଂକ୍ରମଣ ହାର ୧.୬୯%

■ ଆମେରିକା ଗଲେ ପ୍ରଧାନମନ୍ତ୍ରୀ

## ଆଫଗାନିସ୍ତାନ ଦେଇ ଗଲାନି ମୋଦୀଙ୍କ ବିମାନ



**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଫଗାନିସ୍ତାନ ବାୟୁସୀମା ଦେଇ ତାଙ୍କ ବିମାନ ଯାଇନାହିଁ। ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆମେରିକା ଯିବା ପାଇଁ ପାକିସ୍ତାନ ବାୟୁସୀମାକୁ ବ୍ୟବହାର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଏୟାରଫୋର୍ସ ୱାନରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ସମେତ ବରିଷ୍ଠ ଅଧିକାରୀ ଆମେରିକା ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ବିମାନ ଲାଗି ପାକିସ୍ତାନ ବାୟୁସୀମା ବ୍ୟବହାର ଲାଗି ଅନୁମତି ମଗା ଯାଇଥିଲା। ଇସଲାମାବାଦ ଏ ନେଇ ମଞ୍ଜୁରୀ ଦେଇଥିଲା। ଭାରତରୁ ଆମେରିକା ଯିବା ପାଇଁ ପାକିସ୍ତାନ କିମ୍ବା ଆଫଗାନ ବାୟୁସୀମା ଦେଇ ଯିବାକୁ ପଡିଥାଏ। ଏହା ପରେ ବିମାନ ତାଜାକିସ୍ତାନ ସୀମା ଦେଇ ଉତ୍ତର ଆଟଲାଣ୍ଟିକ ସାଗର ଉପରେ ଯାଇଥାଏ। ତେବେ ଅନ୍ୟ ଆମେରିକୀୟ ସହରକୁ ଯିବାକୁ ହେଲେ ଯାତ୍ରାପଥରେ ପରିବର୍ତ୍ତନ ହୋଇଥାଏ। ନୂଆଦିଲ୍ଲୀରୁ ଆମେରିକା ପହଞ୍ଚିବା ଲାଗି ପ୍ରଧାନମନ୍ତ୍ରୀଙ୍କ ବିମାନକୁ ୧୫ ଘଣ୍ଟା ଲାଗିବ। ତେବେ ଆଫଗାନ ଦେଇଗଲେ ଅଧିକ ସମୟ ଲାଗିଥାଏ। ଆଫଗାନକୁ କବ୍‌ଜା କରିବା ପରେ ତାଲିବାନ ଅଗଷ୍ଟ ୧୬ରେ ବାଣିଜ୍ୟିକ ଉଡାଣ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। ଭାରତ ସରକାର ମଧ୍ୟ ଏୟାରଲାଇନ କମ୍ପାନୀଗୁଡିକୁ ଆଫଗାନ ବାୟୁସୀମା ବ୍ୟବହାର ନ କରିବାକୁ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନକୁ ନିଜ ବାୟୁସୀମା ବ୍ୟବହାର ପାଇଁ ପାକିସ୍ତାନ ଅନୁମତି ଦେଇନଥିଲା। ଭାରତ ଏହି ପ୍ରସଙ୍ଗ ସିଭିଲ ଆଭିଏସନ ଅର୍ଗାନାଇଜେସନ(ଆଇସିଏଓ)ରେ ଉଠାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଏହି ୪ ଦିନିଆ ଗସ୍ତରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୟୁଏନଜିଏ ବୈଠକକୁ ସମ୍ବୋଧନ କରିବେ। ସେ କ୍ୱାଡ ରାଷ୍ଟ୍ରଗୁଡିକର ସମ୍ମିଳନୀରେ ମଧ୍ୟ ସାମିଲ ହେବେ। ଏହି ଗସ୍ତ ପୂର୍ବରୁ ମୋଦୀ କହିଛନ୍ତି ଯେ ସେ ବାଇଡେନଙ୍କ ଆମନ୍ତ୍ରଣରେ ୨୦୨୧ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ଏହି ଅବସରରେ ବାଇଡେନଙ୍କ ସହ ଭାରତ-ଆମେରିକା ବ୍ୟାପକ ଅନ୍ତର୍ଜାତୀୟ ରଣନୀତିକ ସହଯୋଗିତା ଓ ପରସ୍ପର ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ସେ ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ଉପରେ ଆଲୋଚନ କରିବେ । ଏହା ବ୍ୟତୀତ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏବଂ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗାଙ୍କ ସହ ବ୍ୟକ୍ତିଗତ ଭାବେ ପ୍ରଥମ କ୍ୱାଡ ନେତା ଶିଖର ସମ୍ମିଳନୀରେ ସାମିଲ ହେବେ । ଏହି ସମ୍ମିଳନୀରେ ଚଳିତବର୍ଷ ମାର୍ଚ୍ଚରେ ହୋଇଥିବା ନିର୍ଣ୍ଣୟସଗୁଡ଼ିକର ପ୍ରଗତି ସଂକ୍ରାନ୍ତରେ ବିଚାରବିମର୍ଶ କରାଯିବ। ଏହା ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ନିମନ୍ତେ ମିଳିତ ଦୃଷ୍ଟିକୋଣ ଆଧାରରେ ଭବିଷ୍ୟତ କାର୍ଯ୍ୟକଳାପର ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ ପାଇଁ ସୁଯୋଗ ପ୍ରଦାନ କରିବ ।ଏହି ଗସ୍ତରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋରିସନ ଓ ଜାପାନ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ମଧ୍ୟ ମୋଦୀ ସାକ୍ଷାତ କରି ଦ୍ୱିପାକ୍ଷିକ ସମ୍ପର୍କ ବାବଦରେ ତଥା ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା କରିବେ।

## ୟୁଏନଜିଏରେ କାଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

# ସାଇପ୍ରସକୁ ନେଇ କଡ଼ା ଜବାବ ଦେଲେ ଜୟଶଙ୍କର

**ନ୍ୟୁୟର୍କ, ୨୨।୯(ଏଜେନ୍ସି)**

ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ୭୬ତମ ଅଧିବେଶନରେ ତୁର୍କୀକୁ କଡ଼ା ଜବାବ ଦେଇଛି ଭାରତ। ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏରୋଡଗାନ ୟୁଏନଜିଏରେ ଅଭିଭାଷଣ ରଖି କାଶ୍ମୀର ପ୍ରସଙ୍ଗ ଉଠାଇବାରୁ ଏହାର କଡା ଜବାବ ଦେଇଥିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ସାଇପ୍ରସ ପ୍ରସଙ୍ଗ ଉଲ୍ଲେଖ କରି ତୁର୍କୀକୁ ଘେରିଥିଲେ। ତୁର୍କୀ ଅନେକ ଦଶନ୍ଧି ହେଲା ସାଇପ୍ରସର ସିଂହ ଭାଗକୁ ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ପ୍ରସଙ୍ଗରେ ଜାତିସଂଘରେ ମଧ୍ୟ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତୁର୍କୀ ଏହାକୁ ମାନୁନାହିଁ। ଜୟଶଙ୍କର ନିଜର ସାଇପ୍ରସ ସମକକ୍ଷ ନିକୋସ କ୍ରିଷ୍ଟୋଡୌଲାଇଡ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ସମୟରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବ ପାଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଜୟଶଙ୍କର ବୁଧବାର ଟ୍ୱିଟ କରି କହିଛନ୍ତି ଯେ ଉଭୟ ଦେଶ ଆର୍ଥିକ ସମ୍ବନ୍ଧକୁ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଜୟଶଙ୍କର କ୍ରିଷ୍ଟୋଡୌଲାଇଡ୍ସଙ୍କ ଆଞ୍ଚଳିକ ଜ୍ଞାନକୁ ପ୍ରଶଂସା କରିଛନ୍ତି। ସମସ୍ତେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବକୁ ପାଳନ କରିବା ଉଚିତ ବୋଲି ସେ କହିଥିଲେ।




ଏରୋଡଗାନ ମଙ୍ଗଳବାର ୟୁଏନଜିଏରେ କହିଥିଲେ ଯେ କାଶ୍ମୀରକୁ ନେଇ ୭୪ ବର୍ଷ ହେଲା ଜାରି ରହିଥିବା ସମସ୍ୟାକୁ ଉଭୟ ରାଷ୍ଟ୍ର ଆଲୋଚନା ତଥା ଜାତିସଂଘର ପ୍ରାସଙ୍ଗିକ ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବା ଉଚିତ। ଏହା ପୂର୍ବରୁ ମଧ୍ୟ ସେ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ତେବେ ଭାରତ ଏହାକୁ କଡା ବିରୋଧ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୪ରେ ୟୁନାନ ସରକାରର ସମର୍ଥନରେ ସେନା କ୍ଷମତା ଦଖଲ କରିବା ପରଠାରୁ ସାଇପ୍ରସରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହା ପରେ ତୁର୍କୀ ୟୁନାନର ଉତ୍ତର ଭାଗରେ ଆକ୍ରମଣ କରିଥିଲା। ଭାରତ ଜାତିସଂଘ ପ୍ରସ୍ତାବ ମାଧ୍ୟମରେ ଏହି ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ଦାବି କରିଛି। ପାକିସ୍ତାନ ପରେ ତୁର୍କୀ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ବନିଯାଇଛି। ରିପୋର୍ଟ ଅନୁଯାୟୀ କେରଳ ଏବଂ କାଶ୍ମୀର ସମେତ ଦେଶର ଅନେକ ଭାଗରେ ଚାଲିଥିବା ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତୁର୍କୀ ପାଣି ଯୋଗାଉଛି। ତୁର୍କୀ ଭାରତରେ ମୁସଲମାନଙ୍କ ମଧ୍ୟରେ ଚରମପନ୍ଥୀ ଚିନ୍ତାଧାର ବୃଦ୍ଧି କରୁଛି ଏବଂ ସେମାନଙ୍କୁ ନିଯୁକ୍ତି କରିବାକୁ ପ୍ରୟାସ କରୁଛି। ଦକ୍ଷିଣ ଏସିଆର ମୁସଲମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ତୁର୍କୀ ଏପରି କରୁଛି।

## ଜାତିସଂଘ ପ୍ରତିନିଧିଙ୍କ ନାମ ଘୋଷଣା କଲା ତାଲିବାନ

**କାବୁଲ, ୨୨।୯(ଏଜେନ୍ସି):** ଆଫଗାନିସ୍ତାନକୁ କବ୍‌ଜା କରି ସରକାର ଗଠନ କରିବା ପରେ ତାଲିବାନ ବିଶ୍ୱ ସମୁଦାୟର ସ୍ୱୀକୃତି ପାଇବା ଉଦ୍ୟମ ଆରମ୍ଭ କରିଛି। ତାଲିବାନ ଏଥିପାଇଁ ବିଶ୍ୱ ନେତାଙ୍କୁ ସମ୍ବୋଧନ କରିବାକୁ ଚାହୁଁଛି। ମିଳିତ ଜାତିସଂଘ ମହାସଭା(ୟୁଏନଜିଏ)ରେ କହିବା ପାଇଁ ଏହି ଚରମପନ୍ଥୀ ସଂଗଠନ ଅନୁମତି ମାଗିଛି। ତାଲିବାନର ମୁଖପାତ୍ର ସୁହେଲ ସାହିନକୁ ଜାତିସଂଘ ପାଇଁ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ତାଲିବାନକୁ ବୟକଟ୍ ନ କରିବା ପାଇଁ ବିଶ୍ୱ ନେତାଙ୍କୁ କତାରର ଏମିର(ମୁଖ୍ୟ ଶାସକ) ତମିମ ବିନ ହମଦ ଅଲ ଥାନି ନିବେଦନ କରିଛନ୍ତି। ଏଭଳି କରିବା ଦ୍ୱାରା କୌଣସି ସମଧାନ ହେବ ନାହିଁ। ବିଶ୍ୱ ତାଲିବାନକୁ ମାନ୍ୟତା ଦେଉ ବୋଲି ସେ ଚାହୁଁଛନ୍ତି। ତେବେ ତାଲିବାନ ସହ ଆଲୋଚନା କରିବାକୁ ଚାହୁଁନଥିବା ରାଷ୍ଟ୍ରମାନଙ୍କ ଉଦେଶ୍ୟରେ ସେ ଏପରି କହିଛନ୍ତି।

ସୋମବାର ତାଲିବାନର ବୈଦେଶିକ ମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସେଙ୍କୁ ଚିଠି ଲେଖି ୟୁଏନଜିଏ ଉଚ୍ଚସ୍ତରୀୟ ବୈଠକରେ ସମ୍ବୋଧନ ଲାଗି ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏହି ଚିଠି ଗୁତରେସେ ପାଇଥିବା ମଧ୍ୟ କହିଛନ୍ତି। ଆଫଗାନର ପୂର୍ବତନ ରାଷ୍ଟ୍ରଦୂତ ଗୁଲାମ ଏସ ଇସାକଜଇଙ୍କୁ ତାଲିବାନ ହଟାଇବାକୁ ଚାହୁଁଛି। ତେବେ ଏହି ଅନୁରୋଧ ଉପରେ କମିଟି ନିଷ୍ପତ୍ତି ନେବ ବୋଲି ମହାସଚିବଙ୍କ ମୁଖପାତ୍ର କହିଛନ୍ତି।



ସକାଳ
THE SAKALA

# ସଂପାଦକୀୟ

ବିଶ୍ୱ ଇତିହାସରେ ସବୁବେଳେ ସତ୍ତାଧାରୀ ଶକ୍ତି ଓ ସାମାଜିକ ନ୍ୟାୟ ମଧ୍ୟରେ ହିଁ ସଂଘର୍ଷ ହୋଇଆସିଛି
-ବିଶ୍ୱବିଖ୍ୟାତ ଐତିହାସିକ ଆରନଲ୍ଡ ଟୟନବି

### ଓଡ଼ିଶାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

## ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ପାନ

ଓଡ଼ିଶାରେ କରୋନା ସଂକ୍ରମଣ କମିଛି ସତ; କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ସଂକ୍ରମଣ ସଂଖ୍ୟା କ୍ରମାଗତ ଭାବେ କିଛିଦିନ ଧରି ୫୦୦ ତଳେ ରହୁଛି। ଏବେ କେବଳ ଖୋରଧା ଜିଲ୍ଲାର ସଂକ୍ରମଣସ୍ଥିତି ଚିନ୍ତାଜନକ ଅଛି। ଏଠାରେ ସଂକ୍ରମିତଙ୍କ ହାର ମୋଟ ରାଜ୍ୟ ସଂକ୍ରମିତଙ୍କ ହାରର ପ୍ରାୟ ୪୦ ଶତାଂଶ। ରାଜଧାନୀ ଭୁବନେଶ୍ୱର ଭଳି ଜନବହୁଳ ସହର ପାଇଁ ଖୋରଧା ଜିଲ୍ଲାରେ ଯେ ସଂକ୍ରମଣ ହାର ଅଧିକ ରହୁଛି ଏହା ସ୍ପଷ୍ଟ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଭୁବନେଶ୍ୱର ନଗରୀ ଉପରେ ଦୃଷ୍ଟି କେନ୍ଦ୍ରୀତ କରିନାହାନ୍ତି, ଅନ୍ୟାନ୍ୟ ସଂକ୍ରମଣ ପ୍ରବଣ ଜିଲ୍ଲା ଓ ସହର ଉପରେ ମଧ୍ୟ ଧ୍ୟାନ ଦେଇ କାମ କରୁଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସବୁ ବୟସବର୍ଗର ଲୋକଙ୍କୁ ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ଦେବେ। ସମୟ କମ୍ ଥିବା ଦୃଷ୍ଟିରୁ ଲକ୍ଷ୍ୟ ବଡ଼ ଲାଗୁଛି; କିନ୍ତୁ ଅସମ୍ଭବ ନୁହେଁ। ଆବଶ୍ୟକୀୟ ଦ୍ରୁତ ଟିକାକରଣ ପାଇଁ ରାଜ୍ୟରେ ଯଥେଷ୍ଟ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି ଏବଂ ଏହା ଆଗରୁ ମଧ୍ୟ ଦୈନିକ ରେକର୍ଡ ଟିକାଦାନ ସଂଖ୍ୟା ହାସଲ କରାଯାଇପାରିଛି। ଆଗଭଳି ଏବେ ଆଉ ଟିକା ନେବା ପାଇଁ ଲୋକଙ୍କ ମନରେ ଦ୍ୱିଧା ନାହିଁ।

ଚଳିତବର୍ଷ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୨.୮୩ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇସାରିଲାଣି। ବ୍ୟକ୍ତି ହିସାବରେ ଗଣନା କଲେ ୨.୦୮ କୋଟି ଲୋକ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ମାତ୍ର ୭୫ ଲକ୍ଷଙ୍କୁ ସମ୍ପୂର୍ଣ୍ଣ (ଦୁଇଡୋଜ୍) ଟିକା ଦିଆଯାଇଛି। ଅବଶ୍ୟ ଆମକୁ ମନେ ରଖିବାକୁ ପଡ଼ିବ ଯେ ଏବେ ମଧ୍ୟ ରାଜ୍ୟର ପ୍ରାୟ ୩ କୋଟି ଲୋକ ପ୍ରଥମ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ଏଥିରେ ୧୮ ବର୍ଷରୁ ତଳ କିଶୋର,କିଶୋରୀ ଓ ଶିଶୁ ସାମିଲ୍ ଅଛନ୍ତି। ରାଜ୍ୟରେ ଯେଉଁ ବେଗ ଓ ଗତିରେ ଟିକାଦାନ ଚାଲିଥିଲା କେନ୍ଦ୍ରରୁ ଟିକା ମିଳିବାରେ ବିଳମ୍ବ ଯୋଗୁଁ ତାହା ଧିମେଇ ଯାଇଥିଲା। ଏବେ ଟିକା ଯୋଗାଣ ବଢ଼ିବା ପରେ ପୁନର୍ବାର ସେ କାମ ତ୍ୱରାନ୍ୱିତ ହେଉଛି। ସଂକ୍ରମଣ ଧିମେଇବା ସତ୍ତ୍ୱେ ଟିକାଦାନ କେନ୍ଦ୍ରରେ ଲୋକଙ୍କର ଅସମ୍ଭବ ଭିଡ଼ ହେଉଛି ଏବଂ କେତେକ ସ୍ଥାନରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ତେଣୁ ଏହି ଟିକାଦାନ ପ୍ରକ୍ରିୟାକୁ ଅଧିକ ସୁସଂହତ ତଥା ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି।

ରାଜ୍ୟ ପାଖରେ ଗତ ମଙ୍ଗଳବାର ସୁଦ୍ଧା ୨୦.୫୧ ଲକ୍ଷ ଡୋଜ୍ କୋଭିସିଲ୍ଡ ଓ ୧.୮୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ମହଜୁଦ୍ ଥିଲା। ଟିକାର ଅଭାବ ନଥିବାରୁ ରେକର୍ଡ ୪.୧୬ ଲକ୍ଷ ଲୋକଙ୍କୁ ଗୋଟିଏ ଦିନରେ ଟିକା ପ୍ରଦାନ କରାଯାଇପାରିଛି। ଏହି ହାର ଅବ୍ୟାହତ ରହିଲେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ପୂରଣ ହେବା ଅସମ୍ଭବ ମନେ ହୁଏ ନାହିଁ। ଏହାସହିତ ପିଲାଙ୍କ ପାଇଁ ଯଦି କୋଭିଡ୍ ଟିକା ଶୀଘ୍ର ଆସିଯାଏ, ତା'ହେଲେ ଟିକାଦାନ କ୍ଷେତ୍ରରେ ଏହି ସମୟରେ ଅତିରିକ୍ତ ଚାପ ନିଶ୍ଚିତ ପଡ଼ିବ।

ଟିକା ନେଲେ ଯେ କରୋନା ହେବ ନାହିଁ- ଏ କଥା ନୁହେଁ, କିନ୍ତୁ ଗୋଟିଏ ହେଉ ଅବା ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ ସଂକ୍ରମିତ ହେଲେ ରୋଗ ବିଶେଷ ପ୍ରଭାବ ଦେଖାଇ ପାରୁନାହିଁ ଓ ମୃତ୍ୟୁ ଆଶଙ୍କା ଅନେକାଂଶରେ ଦୂର ହେଉଛି। ସେଥିପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଉଛି। ଟିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରସ୍ତରରେ ପହଞ୍ଚିଲାଣି। ଆସନ୍ତା ମାସରୁ କେନ୍ଦ୍ର ସରକାର ବିଦେଶକୁ ଟିକା ରପ୍ତାନୀ କରିବାକୁ ନିଷ୍ପତ୍ତିରୁ ପ୍ରତୀୟମାନ ହେଉଛି ଯେ ଆଉ ରାଜ୍ୟମାନଙ୍କୁ ଟିକା ଯୋଗାଣରେ ଅସୁବିଧା ହେବ ନାହିଁ। ଏବେ ଦୁଇ ଡୋଜ୍ ଟିକା ନେବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥିଲା ତାହା ମଧ୍ୟ କମିବା ଉଚିତ୍। ତାହା ହେଲେ ଟିକାଦାନ ପ୍ରକ୍ରିୟାର ଗତି ତ୍ୱରାନ୍ୱିତ ହେବ।

ଗୋଟିଏ ଦିନରେ ରେକର୍ଡ ଚାରିଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ପ୍ରଶଂସା କରି ସେମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ସଫଳତା ପ୍ରମାଣିତ କରିଛି ଯେ ଆମର ବହୁ ଅଧିକ ଟିକା ଦେବାର ସାମର୍ଥ୍ୟ ରହିଛି। ତେଣୁ ସମ୍ଭାବ୍ୟ ତୃତୀୟ ଲହର ଆସୁ କି ନ ଆସୁ ଆମେ ସମସ୍ତେ ଯେତେଶୀଘ୍ର ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ନେଇପାରିବା ସେତେ ଭଲ ହେବ।

ଟିକାଦାନ ତ୍ୱରାନ୍ୱିତ ବେଗରେ ଚାଲୁ; ଏଥିସହିତ ସାଧାରଣ କୋଭିଡ୍ ନିୟମ ପାଳନ ମଧ୍ୟ ଜାରି ରହୁ। ଆମେ ଦେଖୁଛନ୍ତି ଯେ ଭିଡ଼, ଗହଳି, ଅସାବଧାନତା ଓ ତ୍ରୁଟିବିଚ୍ୟୁତିର ସୁଯୋଗ ନେଇ କରୋନା ନୂଆ ରୂପରେ ଆକ୍ରମଣ କରୁଛି। ଆସନ୍ନ ପାର୍ବଣ ସମୟ ସେ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରକାର ଓ ଜନସାଧାରଣ ଉଭୟଙ୍କୁ ବିଶେଷ ସତର୍କ ରହିବାକୁ ପଡ଼ିବ।

### ତାଲିବାନ୍ କବଳରେ ଆଫଗାନିସ୍ତାନ

## ଭାରତୀୟ କୂଟନୀତି ପାଇଁ ଜଟିଳ ପ୍ରଶ୍ନ



ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪

ଆଫଗାନିସ୍ତାନରୁ ମାର୍କିନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ତାଲିବାନ ପୁଣି ଥରେ ସେଠାରେ ଶାସନ କ୍ଷମତା ଦଖଲ କରିଛି। ବିଗତ ୨୦ ବର୍ଷ ଧରି କିଛିଟା ଆଶ୍ୱସ୍ତ ଥିବା ଆଫ୍‌ଗାନିସ୍ତାନବାସୀ ପୁଣି ଥରେ ଆତଙ୍କିତ ଓ ଅସ୍ଥିର ଅବସ୍ଥାରେ ରହିଛନ୍ତି। ଆଫଗାନିସ୍ତାନ ତାଲିବାନୀ ହାତକୁ ଆସିବା ପରେ କେବଳ ସେଠାରେ ଶାନ୍ତି ଓ ସ୍ଥିରତା ବ୍ୟାହତ ହୋଇନାହିଁ, ବରଂ ଦକ୍ଷିଣ-ମଧ୍ୟ-ଏସିଆରେ ରାଜନୀତି ଓ କୂଟନୀତିର ନୂଆ ସମୀକରଣ ସୃଷ୍ଟି ହୋଇଛି।

୨୦୦୧ରେ ଆତଙ୍କବାଦୀ ସଂଗଠନ ଅଲକାଏଦାର ଭୟଙ୍କର ଆକ୍ରମଣରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଦୁଇଟି ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ ହେବା ପରେ ଆମେରିକୀୟ ଓ ନାଟୋ ମେଣ୍ଟର ମିଳିତ ସେନାବାହିନୀ ଆଫ୍‌ଗାନିସ୍ତାନରେ ଆକ୍ରମଣ କରି ତାଲିବାନକୁ ସେଠାକାର ଶାସନ କ୍ଷମତାରୁ ବିତାଡ଼ିତ କରିଥିଲେ। ଘନଘନ ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ସେତେବେଳେ ଆଫଗାନିସ୍ତାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ ସହିତ ରେଳ ଓ ସଡ଼କ ପଥଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ଆଫ୍‌ଗାନିସ୍ତାନର ପୁନଃନିର୍ମାଣ ସହିତ ସେଠାରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଥିଲା ମୁଖ୍ୟ ଆହ୍ୱାନ। ଏହାର ଭାର ଆମେରିକା ନେଇଥିଲେ ହେଁ ଆଫ୍‌ଗାନିସ୍ତାନ ପୁନଃନିର୍ମାଣରେ ଭାରତର ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଭାରତ ଓ ଆଫଗାନିସ୍ତାନ ସମ୍ପର୍କ ବହୁ ପୁରାତନ। ତେଣୁ ଯୁଦ୍ଧବିଧ୍ୱସ୍ତ ଆଫ୍‌ଗାନିସ୍ତାନରେ କେବଳ ପରିଯୋଜନାର ରୂପରେଖ ପ୍ରସ୍ତୁତ କରିବା କିମ୍ବା ପୁଞ୍ଜି ବିନିଯୋଗରେ ଭାରତର ଭୂମିକା ସୀମିତ ନ ଥିଲା। ତିନି ଶହରୁ ଅଧିକ ଭାରତୀୟ ଯନ୍ତ୍ରୀ ଓ ୧୫୦୦ରୁ ଅଧିକ ଶ୍ରମିକ ଆଫଗାନିସ୍ତାନରେ ଦିବାରାତ୍ର ଅକ୍ଳାନ୍ତ ପରିଶ୍ରମ କରି ଏହାକୁ ଆଧୁନିକ ମାନବ ବାସ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ଭାରତର ରାଷ୍ଟ୍ରଦୂତ ଓ ଉନ୍ନୟନ ଅଧିକାରୀମାନେ ମୁଖ୍ୟତଃ ଆଫ୍‌ଗାନିସ୍ତାନର ଦାରିଦ୍ର୍ୟ ଦୂରୀକରଣ, ଜୀବନ ଶୈଳୀରେ ଉନ୍ନତିକରଣ, ନାରୀଶିକ୍ଷା ଓ ମହିଳାଙ୍କ ସଶକ୍ତୀକରଣ ଦିଗରେ ଅଧିକ ଧ୍ୟାନ ଦେଇଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟମ ବେଶ୍ ସଫଳ ମଧ୍ୟ ହୋଇଥିଲା ଏବଂ ଭାରତ-ଆଫ୍‌ଗାନିସ୍ତାନ ଦୁଇପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା।

୨୦୨୦, ନଭେମ୍ବର ୨୦୨୦ରେ ଜେନେଭାଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବୈଦେଶିକ ମନ୍ତ୍ରୀ ସୁବ୍ରମନ୍ୟମ ଜୟଶଙ୍କର ସୂଚନା ଦେଇଥିଲେ ଯେ ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତର ଚାରିଶହରୁ ଅଧିକ ଯୋଜନା ଚାଲିଛି। ଭାରତ ସରକାର ଆଫଗାନିସ୍ତାନର ବିଭିନ୍ନ ଭିତ୍ତିଭୂମି ବିକାଶ ଯୋଜନାରେ ତିନିଶହ କୋଟି ଡଲାରରୁ ଅଧିକ ନିବେଶ କରିଛନ୍ତି। ଅନ୍ୟ ଦେଶର ଭିତ୍ତିଭୂମି ବିକାଶ ପାଇଁ ଏଯାବତ ଭାରତ ସରକାରଙ୍କ ଏହା ସର୍ବବୃହତ୍ ପୁଞ୍ଜି ବିନିଯୋଗ ରୂପେ ପରିଗଣିତ ହୋଇ ଆସୁଛି। ଭାରତ ୨୦୦୩ରୁ ସ୍କୁଲ ବହି ଛାପି ଆଫ୍‌ଗାନିସ୍ତାନରେ ମାଗଣାରେ ବିତରଣ କରିବାଠାରୁ ଆରମ୍ଭ କରି ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ କୁଣ୍ଠାବୋଧ କରିନାହିଁ। ଆଫଗାନିସ୍ତାନର



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତାଲିବାନୀମାନେ ନିଜର ଶିବିର ସ୍ଥାପନ କରି ନିଜ ଅକ୍ତିଆରରେ ରଖିଥିଲେ। ଆମେରିକୀୟ ସୈନିକମାନେ ସେଠାରୁ ତାଲିବାନୀମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେଠାରେ ପୂର୍ବପରି ଶିକ୍ଷାଦାନ ବ୍ୟବସ୍ଥା ବାହାଲ କରିବା ସମ୍ଭବ ହୋଇ ପାରି ନ ଥିଲା। କୋଠା, ବେଞ୍ଚ, ଟେବୁଲ, ପରୀକ୍ଷାଗାର ସରଞ୍ଜାମ ସବୁ ନଷ୍ଟ ହୋଇସାରିଥିଲା। ତାଲିବାନୀମାନେ ଶୀତ ଋତୁରେ ନିଜନିଜର କକ୍ଷକୁ ଉଷ୍ମ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପାଠାଗାରର ପୁସ୍ତକସବୁକୁ ଜାଳି ଦେଉଥିଲେ। ଆଫ୍‌ଗାନିସ୍ତାନର ଧ୍ୱଂସପ୍ରାପ୍ତ ଅନେକ ବିଶ୍ୱବିଦ୍ୟାଳୟର ଅଟ୍ଟାଳିକାକୁ ଭାରତ ସରକାର ପୁନଃନିର୍ମାଣ କରିବା ସହିତ ପରୀକ୍ଷାଗାର ଓ ପାଠାଗାରର ପୁନରୁଦ୍ଧାର କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ର ବୃତ୍ତି ମାଧ୍ୟମରେ ପ୍ରତିବର୍ଷ ଦୁଇହଜାର ଛାତ୍ରଛାତ୍ରୀଙ୍କୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରୁଛନ୍ତି। ସେଠାକାର ଚିକିତ୍ସାଳୟର ପୁନଃନିର୍ମାଣ, ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ପ୍ରଦାନ କରିବାରେ ମଧ୍ୟ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଥିଲା। ଏତଦ୍‌ବ୍ୟତୀତ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ଗ୍ରୀଡ୍ ଓ ସବ୍‌ଷ୍ଟେସନ ନିର୍ମାଣ, ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶରେ ଭାରତ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା।

୨୦୧୧ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭାଗୀଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ଭାରତର ଦାୟିତ୍ୱ ଅଧିକ ବଢ଼ି ଥିଲା। ୪୨ ମେଗା ୱାଟ ବିଶିଷ୍ଟ ସଲମା ଡ୍ୟାମ ନିର୍ମାଣ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ୟାମଟି ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱ ଡ୍ୟାମ ନାମରେ ପରିଚିତ। ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ସହିତ ଏହି ଡ୍ୟାମ ମାଧ୍ୟମରେ ଜଳସେଚନ ପ୍ରଣାଳୀକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯାଇଛି। ସଡ଼କ ପଥରେ ଗମନାଗମନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭାରତ ଜରଞ୍ଜ ଓ ଡେଲାରାମ ମଧ୍ୟରେ ୨୦୦୮ରେ ୨୧୮ କିଲୋମିଟରର ସୁଗମ୍ୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଜରଞ୍ଜ ଇରାନର ସୀମା ପାଖର ସହର ହୋଇଥିବାରୁ ଭାରତ ଭବିଷ୍ୟତରେ ଚାବାହାର ବନ୍ଦର ଜରିଆରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବାକୁ ସେଠାରେ ୧୧୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥିଲା। ଏଥିସହିତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ଯାତାୟାତକୁ ସହଜ କରିବା ପାଇଁ ଚାରିଶହ ବଡ଼ ବସ୍ ଓ ୨୦୦ଟି ଛୋଟ ବସ୍ ପର୍ଯ୍ୟାୟକ୍ରମେ ଆଫ୍‌ଗାନିସ୍ତାନକୁ ପ୍ରଦାନ କରିଥିଲା। ସେଠାକାର ବିଭିନ୍ନ ପ୍ରଦେଶରେ ଥିବା ପୌରସଂସ୍ଥାକୁ ଭାରତ ୧୫୦ଟି ବିଭିନ୍ନ ପ୍ରକାର ଯାନବାହନ ପ୍ରଦାନ କରିଥିଲା। ଆଫଗାନ ସୈନିକମାନଙ୍କୁ ମଧ୍ୟ ୨୮୫ଟି ବିଭିନ୍ନ ପ୍ରକାର ଯାନବାହନ ସହିତ ଚାରୋଟି ମି-୨୫ ଲଢୁଆ ବିମାନ ମଧ୍ୟ ଭାରତ ଉପହାର ଭାବେ ଦେଇଛି।

ଦୁଇ ଦେଶ ମଧ୍ୟରେ ସମ୍ପର୍କ କିପରି ଗଭୀର ହେବ ସେ ଦିଗରେ ଭାରତ ଚେଷ୍ଟା ଜାରି କରିଛି। ଆଫ୍‌ଗାନିସ୍ତାନର ପ୍ରାଚୀନ ଐତିହାସିକ ଷ୍ଟୋର ରାଜମହଲକୁ ଆଗା ଖାନ ସଂସ୍ଥା ସହାୟତାରେ ଭାରତ ନବୀକରଣ କରାଇଥିଲା। ସେଠାକାର ସଂସଦ ଭବନକୁ ୯୭୦ କୋଟି ଟଙ୍କା ବ୍ୟୟ କରି ଆଧୁନିକୀକରଣ କରିଥିଲା। ଆଫଗାନିସ୍ତାନରେ ବିମାନ ସେବା ପ୍ରଦାନ କରୁଥିବା ଆରିଆନା ଆଫ୍‌ଗାନ ଏୟାରଲାଇନସକୁ ଏକ ବିମାନ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପୂର୍ବରୁ କେବଳ କାନ୍ଦାହର ସହର ସହିତ ବିମାନ ସେବା ଉପଲବ୍ଧ ଥିବା ବେଳେ କାବୁଲ ଓ ହେରତରେ ମଧ୍ୟ ବିମାନ ବନ୍ଦର ନିର୍ମାଣ କରାଯାଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଭାରତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। କାବୁଲ ନଦୀ ଉପରେ ଶାହାତୁତ ନଦୀ ବନ୍ଧ ପରିଯୋଜନାରେ ପ୍ରାୟ ୧୭୬୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ନଦୀ ବନ୍ଧ ମାଧ୍ୟମରେ ଆଫଗାନିସ୍ତାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଆଧୁନିକୀକରଣ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତ ବର୍ଷ ତିନି ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା।

ଆଫଗାନିସ୍ତାନରେ ତାଲିବାନ ଯେ ପୁନର୍ବାର କ୍ଷମତା ଦଖଲ କରିବା ପାଇଁ ଅହରହ ଚେଷ୍ଟା କରି ଆସୁଛି, ଏକଥା ପ୍ରତି ଭାରତ ସରକାର ସଚେତନ ଥିଲେ। ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ପୂର୍ବରୁ ବିଶ୍ୱସମୁଦାୟକୁ ସୂଚାଇ ଦେଇଥିଲେ ଯେ ତାଲିବାନକୁ ପ୍ରତିରୋଧ କରାଯାଉ; ଅନ୍ୟଥା ସେଠାରେ ଭାରତ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ।

ଏହାସତ୍ତ୍ୱେ ଭାରତ ଆଫ୍‌ଗାନିସ୍ତାନରେ ପୁନଃନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପ ଜାରି ରଖିଥିଲା। ଏହାର ପ୍ରଥମ କାରଣ ହେଉଛି ସେଠାରେ ଉପଯୁକ୍ତ ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ତାଲିବାନର ପ୍ରତ୍ୟାବର୍ତ୍ତନ ସମ୍ଭବପର ହେବ ନାହିଁ ବୋଲି ଭାରତ ବିଶ୍ୱାସ ରଖିଥିଲା। ଏହାଦ୍ୱାରା କେବଳ ଆଫ୍‌ଗାନିସ୍ତାନରେ ସ୍ଥିରତା ଆସିବ ନାହିଁ, ବରଂ ଦକ୍ଷିଣ-ଏସିଆରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବାର ସମ୍ଭାବନା ଥିଲା। ଦ୍ୱିତୀୟ କାରଣଟି ହେଉଛି ଆଫଗାନିସ୍ତାନ ଦୁର୍ଲ୍ଲଭ ଖଣିଜ ସମ୍ପଦରେ ଭରପୂର। କ୍ରମାଗତ ଗୃହଯୁଦ୍ଧ ଫଳରେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି ଦୁର୍ଲ୍ଲଭ ଖଣିଜକୁ ସଂଗ୍ରହ କରିବା ପାଇଁ ଚୀନ ତାଲିବାନକୁ ପ୍ରସ୍ତାବ ଦେଇଛି। ଏହାପରେ ତାଲିବାନ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଭାରତ ଯେଉଁ କଥାକୁ ଡରୁଥିଲା ଶେଷରେ ତାହା ହିଁ ହେବାକୁ ଯାଉଛି। ଭାରତ ଲକ୍ଷ୍ୟ ରଖିଥିଲା ଯେ ଖଣିଜ ଉତ୍ତୋଳନ ଓ ରପ୍ତାନି ଜରିଆରେ ଆଫଗାନିସ୍ତାନ ନିଜର ଆର୍ଥିକ ସ୍ଥିତିକୁ ବିଶ୍ୱବଜାରରେ ଅଧିକ ମଜ୍‌ଭୁତ କରି ପାରିବ। ଏଥିପାଇଁ ଧାନବାଦ ସ୍ଥିତ ଭାରତୀୟ ଖଣିଜ ସଂସ୍ଥାନରେ ପଚାଶ ଜଣ ଆଫଗାନ ଛାତ୍ରଙ୍କୁ ଖଣି ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଛି।

ଗତ କୋଡ଼ିଏ ବର୍ଷ ଧରି ଆଫଗାନିସ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଭାରତ ଆପ୍ରାଣ ଚେଷ୍ଟା କରିଆସୁଛି। କିନ୍ତୁ ତାଲିବାନର ପ୍ରତ୍ୟାବର୍ତ୍ତନ ଫଳରେ ଭାରତର ଆର୍ଥିକ କ୍ଷତି ହେବା ସହିତ ରାଜନୈତିକ ଓ କୂଟନୈତିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଭାରତ ପାଇଁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ଏବେ ଖୋଲା ନଥିବା ଜଣାପଡୁଛି। ଆଜିର ଆଫ୍‌ଗାନିସ୍ତାନ ଭାରତ ପାଇଁ ପ୍ରକୃତରେ ହୋଇଛି କୂଟନୀତିର ଏକ ଜଟିଳ ପ୍ରଶ୍ନ।

## ପତ୍ନୀ ଧର୍ମ

ସାମ୍ୟବାଦର ପ୍ରବକ୍ତା ହେଉଛନ୍ତି କାର୍ଲମାକ୍ସ। ତାଙ୍କ ଜୀବନର ଅମର କୃତି ହେଉଛି ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଯାହାର ନାମ ହେଉଛି 'ଦାସ କ୍ୟାପିଟାଲ୍'। ଜର୍ମାନର ଏହି ବିଶିଷ୍ଟ ଦାର୍ଶନିକ ତଥା ସର୍ବକାଳୀନ ମହାନ୍ ଅର୍ଥନୀତିଜ୍ଞ ୧୮୬୭ ମସିହାରେ ଏହି ପୁସ୍ତକଟି ରଚନା କରିଥିଲେ। ବିଚିତ୍ର କଥା ହେଉଛି ଯେ ଏହି ପୁସ୍ତକଟିକୁ ଲେଖିବାକୁ କାର୍ଲମାକ୍ସଙ୍କୁ ପ୍ରାୟ ୩୦ ବର୍ଷ ଲାଗିଥିଲା। ଏଥିରେ ଇତିହାସ, ଅର୍ଥନୀତି ଏବଂ ସାମାଜିକ ବିଜ୍ଞାନକୁ ଭିତ୍ତିକରି ତିନିଟି ବିଭାଗ ଅଛି। 'ଦାସ୍ କ୍ୟାପିଟାଲ୍' ରଚନା କରିବା ପାଇଁ କାର୍ଲମାକ୍ସଙ୍କୁ ଯେତିକି ପରିଶ୍ରମ କରିବାକୁ ନ ପଡ଼ିଛି, ତତୋଧିକ ପରିଶ୍ରମ ଏବଂ ଦୁଃଖ ଭୋଗିବାକୁ ପଡ଼ିଛି ତାଙ୍କ ପତ୍ନୀଙ୍କୁ।

କଥାରେ ଅଛି ଲେଖକଟିଏ ହେବାକୁ ହେଲେ ପ୍ରଥମେ ଜଣେ ପାଠକ ହେବାକୁ ପଡ଼ିବ। ପାଠକ ହୋଇ ପଢୁଥିବାବେଳେ ପୁସ୍ତକ ସହିତ ଏକାକାର ହୋଇଯିବାକୁ ପଡ଼ିବ। ସେତେବେଳେ 'ମୁଁ ଯେ ଲେଖକଟିଏ ହେବି ବା ହେବାକୁ ଯାଉଛି'- ଏ ଭାବନା ମନରୁ ପରିହାର କରିବାକୁ ପଡ଼ିବ। ପାଠକଟିଏ ପଢ଼ିବାର ନିଘାରେ ପଢ଼ିଗଲେ ତା' ଅଜ୍ଞାତରେ ତା' ନିଜ ଭିତରେ ଲେଖକୀୟ ସତ୍ତାଟିର ଅଙ୍କୁରୋଦ୍‌ଗମ ହୋଇଯାଇଥାଏ। ତା'ପରେ ଯେଉଁ ସୃଷ୍ଟିର ସର୍ଜନା ହୁଏ, ତାହା କାଳଜୟୀ ହୋଇଥାଏ। ତେଣୁ ଲେଖକୀୟ ଗୁଣ ହେଉଛି ଏକ ସାଧନା। ତେଣୁ ଲେଖକଟିଏ ହେବାର କଳା ବା ସାଧନା କାର୍ଲମାକ୍ସଙ୍କଠାରୁ ଶିଖିବାକୁ ମିଳେ।

ଜ୍ଞାନାଞ୍ଜନ
ପରିବ୍ରାଜକ

କାର୍ଲମାକ୍ସ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ। କେତେବେଳେ ପାଠାଗାରରେ ଯାଇ ପଢ଼ନ୍ତି ତ ଆଉ କେତେବେଳେ ଘରେ ପଢ଼ନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ପଢ଼ାରୁ ଶେଷ ହୁଏ ମଧ୍ୟ ପଢ଼ାରେ। ଏମିତି କଲେ ପରିବାର କେମିତି ଚାଲିବ? ପିଲାଛୁଆର ପରିବାର ପାଳିତ କିପରି ହେବେ; କିନ୍ତୁ ପଢ଼ାପଢ଼ିରେ ନିମଗ୍ନ କାର୍ଲମାକ୍ସ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରି ସ୍ଥିତିରେ ଅନ୍ୟ କେଉଁ ମହିଳା ଥିଲେ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପଳାଇଯାଇଥା'ନ୍ତା। କିନ୍ତୁ କାର୍ଲମାକ୍ସଙ୍କ ପତ୍ନୀ ସେପରି ନଥିଲେ। ପତିଙ୍କର ଏପରି ଅବସ୍ଥା ଏବଂ ପରିବାରର ଦାରିଦ୍ର୍ୟତାକୁ ଦେଖି ପତ୍ନୀ ଜେନି ଘରୁ ଗୋଡ଼ କାଢ଼ିଲେ। ପିଲାଛୁଆ କ'ଣ ଖାଇବେ, କ'ଣ ପିନ୍ଧିବେ, କିପରି ରହିବେ- ଏ ବାବଦରେ ପଦୁଟିଏ ବି ସ୍ୱାମୀଙ୍କୁ କହିଲେନି କି ତାଙ୍କୁ ବିଚଳିତ କରିବାକୁ ଚାହିଁଲେନି। ଜେନି ନିଜେ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ଦେଶର କବାଡ଼ିଆ ଦୋକାନମାନଙ୍କ ପାଖକୁ ଯାଇ ସେଠାରୁ ପୁରୁଣା ଓ ଚିରା କୋଟ୍‌ମାନ ଆଣି ସେଗୁଡ଼ିକୁ ସଫା କରି ସେଥିରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କଲେ। ଏଥିରୁ ବେଶୀ ଆୟ ନ ହେଉଥିଲେ ବି ପରିବାର ଏକପ୍ରକାର ଚଳିଯାଉଥିଲା। ହୁଏତ ଏମିତି ବି କୁହାଯାଇ ପାରେ ଯେ 'ଦାସ କ୍ୟାପିଟାଲ୍' ପରି ପ୍ରସିଦ୍ଧ ପୁସ୍ତକଟିର ଶ୍ରେୟ ଯେତିକି କାର୍ଲମାକ୍ସଙ୍କୁ ଦିଆଯିବ, ତତୋଧିକ ଶ୍ରେୟ ତାଙ୍କ ପତ୍ନୀଙ୍କ ପାଖକୁ ମଧ୍ୟ ଯିବ। ସେ ଦୁଃଖ କଷ୍ଟ ସହି ନଥିଲେ ଏପରି ପୁସ୍ତକଟିଏ ରଚନା କରିବାକୁ କାର୍ଲମାକ୍ସ ହୁଏତ ସକ୍ଷମ ହୋଇପାରି ନଥା'ନ୍ତେ।

## ‘ମୃତ-ସାଗର’ର ସଞ୍ଜୀବନୀ



ଡ. ପ୍ରମୋଦ କୁମାର ମହାପାତ୍ର
କଟକ, ମୋ: ୯୮୬୧୨୪୯୨୦୨

ବିନା ଜଳରେ ଜୀବନ ତିଷ୍ଠିରହିବା ଆଶା କରାଯାଇପାରେ ନାହିଁ। ଆମର ସୌଭାଗ୍ୟ ଯେ ପୃଥିବୀ ଜଳଗର୍ଭା। ଏହାର ପୃଷ୍ଠଦେଶର ତିନି-ଚତୁର୍ଥାଂଶ ଅଞ୍ଚଳରେ ରହିଛି ନୀଳସାଗର। ଏହା ବ୍ୟତୀତ ସ୍ଥଳଭାଗରେ ଅନେକ ନଦୀ, ହ୍ରଦର ଉପସ୍ଥିତି ପୃଥିବୀ ପାଇଁ ଆଣିପାରିଛି ଏକ ସ୍ୱତନ୍ତ୍ର ପରିଚୟ। ତେବେ ଅନେକ ବିସ୍ମୟର କ୍ଷେତ୍ର ପୃଥିବୀ ପୃଷ୍ଠରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଭଳି ଜଳପୂର୍ଣ୍ଣ ଏକ ସାଗର ରହିଛି ଯେଉଁଠାରେ ଆଦୌ ଜଳଚର ଜୀବ ନାହାନ୍ତି। ଏହି ସାଗରରେ କୌଣସି ଜୀବ ନଥିବାରୁ ଏହାର ନାମ 'ମୃତ ସାଗର' ବା 'ଡେଡ୍ ସି'। ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଜୋର୍ଡାନ୍ ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଣା ଜଳ ଥିବା ଏହି ସାଗର ଅବସ୍ଥିତ। ଏହାର ଲମ୍ବା ୭୭ କିଲୋମିଟର ହୋଇଥିବା ବେଳେ ପ୍ରସ୍ଥ ବିଭିନ୍ନ ସ୍ଥାନରେ ୫ରୁ ୧୮ କିଲୋମିଟର। ଏହି ସାଗରର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥା ଉଲ୍ଲେଖନୀୟ ବିଷୟ ହେଉଛି ଏହାର ଜଳସ୍ତର ସାରା ପୃଥିବୀର ସମସ୍ତ ସାଗର, ହ୍ରଦ ଓ ଜଳଭାଗର ସ୍ତରଠାରୁ ସର୍ବନିମ୍ନ ଗଭୀରତାରେ ରହିଛି, ଯାହାକି ସାଧାରଣ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦ ମିଟର ବା ୧୩୦୦ ଫୁଟ୍ ଖାଲ ବା ନିମ୍ନରେ।

ଗବେଷକଙ୍କ ମତରେ ପ୍ରାୟ ୧୦ ଲକ୍ଷ ବର୍ଷ ତଳେ ଏହି ମୃତ ସାଗରର ଜଳସ୍ତର ବର୍ତ୍ତମାନର ସ୍ତରଠାରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ରହିଥିଲା। କ୍ରମାଗତ ଅନାବୃଷ୍ଟି ପାଇଁ ଏହି ମୃତ ସାଗରର ଜଳ ଶୁଖିଯାଇ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି। ଅନ୍ୟ ଏକ ବିସ୍ମୟ ହେଉଛି କେବଳ ଜୋର୍ଡାନ ନଦୀ ବ୍ୟତୀତ ଅନ୍ୟ କୌଣସି ପ୍ରମୁଖ ଜଳବାହୀ ନଦୀ ଏହି ସାଗରରୁ ସୃଷ୍ଟି ହୋଇନାହାନ୍ତି। ତେବେ ସେ ସମୟରେ ପ୍ରମୁଖଭାବେ ଜୋର୍ଡାନ ନଦୀ ଓ ଅନ୍ୟ କେତୋଟି ଛୋଟ ଜଳଧାରା ଦ୍ୱାରା ଧୋଇ ହୋଇ ଆସିଥିବା ଦ୍ରବୀଭୂତ ଖଣିଜ ପଦାର୍ଥ ଓ କେତେକ ଲବଣ ଇତ୍ୟାଦି ଏଠାରେ ଜମା ହୋଇଛି। ପୃଥିବୀ ପୃଷ୍ଠର ଯେ କୌଣସି ସମୁଦ୍ର ଜଳରେ ଲବଣାଂଶ ସାଧାରଣତଃ ୪ ରୁ ୬ ଭାଗ ରହିଥିବାବେଳେ ମୃତ ସାଗରର ଜଳରେ ଲବଣାଂଶ ଭାଗ ୨୩ରୁ ୨୫ ଭାଗ। ତେଣୁ ଏହି ବହଳିଆ ଜଳରେ



କୌଣସି ଜୀବଜନ୍ତୁ ତ ନାହାନ୍ତି, ପରନ୍ତୁ ଏଠାରେ ଅନ୍ୟ ଜଳାଶୟ ପରି ମଣିଷ ବୁଡ଼ିଯିବାର ଆଶଙ୍କା ମଧ୍ୟ ନାହିଁ। ଯେ କୌଣସି ବ୍ୟକ୍ତି ଏଥିରେ ପଡ଼ିଗଲେ ଭାସି ରହିବ। ଏହି ଜଳରେ ପଟାସ, ମ୍ୟାଗ୍ନେସିୟମ କ୍ଲୋରାଇଡ୍, କ୍ୟାଲସିୟମ କ୍ଲୋରାଇଡ୍, ବ୍ରୋମିନ ଓ ଅନ୍ୟ କେତେକ ଖଣିଜ ପଦାର୍ଥ ଓ ଲବଣ ବହୁଳଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି। ତେବେ ପଟାସର ମାତ୍ରା ଏହି ଜଳରେ ସର୍ବାଧିକ।

ମୃତ ସାଗର ଅଞ୍ଚଳର ତାପମାତ୍ରା ବର୍ଷ ସାରା ୩୮ ଡିଗ୍ରୀ ବା ତା'ଠାରୁ ଅଳ୍ପ କମ୍ ରହୁଥିବାରୁ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ସ୍ଥାନର ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଦୃଶ୍ୟ ହେଲା ପଙ୍କ ଚିକିତ୍ସା। ଅଧିକାଂଶ ଗୋରା ପର୍ଯ୍ୟଟକ ହ୍ରଦର କଳା ପଙ୍କ ସାରା ଦେହ, ମୁହଁରେ ବୋଳି ହୋଇ ଚିକିତ୍ସିତ ହେଉଥିବା ଦୃଶ୍ୟ ବାସ୍ତବିକ ବିରଳ। ହ୍ରଦ କୂଳରେ ଅନ୍ୟ ହ୍ରଦ ଭଳି ବାଲି ଭର୍ତ୍ତି ଉପକୂଳ ନଥାଇ ରହିଛି ଜଳକୁ ସ୍ପର୍ଶ କରୁଥିବା କଳା ପଙ୍କ ବା କାଦୁଅର ଉପକୂଳ। ସୂର୍ଯ୍ୟସ୍ନାନ, ପଙ୍କ ସ୍ନାନ ତଥା ବହଳିଆ ଖଣିଜପଦାର୍ଥ ଓ ଲବଣପୂର୍ଣ୍ଣ ଜଳରେ ସମୁଦ୍ର ସ୍ନାନ ହିଁ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ। ହ୍ରଦଟି ନିମ୍ନ ସ୍ଥଳଭାଗରେ ଥିବାରୁ ସୂର୍ଯ୍ୟରଶ୍ମି ଅନ୍ୟ ସ୍ଥାନ ତୁଳନାରେ ଏଠାରେ ଅଧିକ ସ୍ୱଚ୍ଛ ବା ଛାଣି ହୋଇ ମଣିଷର ଚର୍ମ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ହ୍ରଦର ପଙ୍କ ନିଜ ଦେହରେ ବୋଳି ହେବା ମାଧ୍ୟମରେ ଏହା ଶରୀରର ଚର୍ମ ଓ ସମସ୍ତ ଗଣ୍ଠି ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ତେବେ ଅଳ୍ପ ସମୟ ପାଇଁ ଏହି ଜଳରେ ଭାସି ରହିବା ହିଁ ବିଜ୍ଞତାର କାରଣ। ନଚେତ୍ ଅଧିକ ସମୟ ଏହି ଜଳରେ କଟାଇବା ଦ୍ୱାରା ଚର୍ମରେ ଅନେକ ମନ୍ଦା ମନ୍ଦା କଷ୍ଟଦାୟକ କ୍ଷତ ଭଳି ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲୋକମାନଙ୍କୁ ମୃତ ସାଗର ଜଳର ସୁଚିକିତ୍ସା ପ୍ରଦାନ କରିବା ପାଇଁ ଏଠାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିଛି। ହୃଦ୍‌ରୋଗ, ଶ୍ୱାସ ଜନିତ ସମସ୍ୟାର ଆରୋଗ୍ୟ ପାଇଁ ମୃତ ସାଗରର ଜଳ ଉପକାରୀ ବୋଲି କୁହାଯାଏ।

ଡେଡ୍ ସି ବା ମୃତ ସାଗରର ଅବସ୍ଥିତି, ପ୍ରକୃତି ଓ ଏହା ଜଳର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ନିଶ୍ଚିତଭାବେ ପୃଥିବୀ ପୃଷ୍ଠର ଏକ ବିସ୍ମୟ। ଏହା କୂଳରେ ଇଚ୍ଛାକୃତ ଭାବେ କଳା ପାଲଟୁଥିବା ଧଳା ମଣିଷମାନଙ୍କୁ ଦେଖିଲେ ଓ ଏମାନଙ୍କଠାରୁ ବହୁବିଧ ହ୍ରଦଜଳର ଉପକାର ସମ୍ପର୍କରେ ଶୁଣିଲେ ସ୍ୱତଃ ମୃତ ସାଗରର ଗୁରୁତ୍ୱକୁ ଆମେ ଉପଲବ୍ଧି କରିଥାଉ। ଜୀବନର ଧାରକ ଜଳ ଗର୍ଭରେ ଗୋଟିଏ ହେଲେ ଜୀବନ ନଥିବା କଥା ଶୁଣିଲେ ଆମେ ହୁଏତ ପ୍ରଥମେ ବିଶ୍ୱାସ କରିପାରିବା ନାହିଁ, ମାତ୍ର ଲକ୍ଷ ଲକ୍ଷ ଜୀବନଧାତ୍ରୀ ଧରିତ୍ରୀର ଅବିଶ୍ୱସନୀୟ ବୈଚିତ୍ର୍ୟ ସମ୍ପର୍କରେ ଆଲୋଚନା କଲେ ଆମେ ଏହାକୁ ସହଜରେ ବିଶ୍ୱାସକୁ ନେଇ ଏହାର ଉପାଦେୟତାକୁ ନିଶ୍ଚୟ ସ୍ୱୀକାର କରିବା।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫ ● ପାଉଣ୍ଡ ୧୦୧.୨୧
- ୟୁରୋ ୮୬.୯୦ ● ୟେନ୍ ୦.୬୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୬୦ (ଭୁବନେଶ୍ୱର)
- ରୁପା : ୬୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୮,୯୨୭.୦୦
- ନିଫ୍ଟି ୧୭,୫୪୭.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି


# ଏଭରଗ୍ରାଣ୍ଡ ସଙ୍କଟ

- ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର
- ମୂଲ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ
- ସର୍ବାଧିକ କ୍ଷତି ସହିଲେ ଏଲନ୍ ମସ୍କ, ବାଦ୍ ପଡ଼ିଲେନି ଜେଫ୍ ବେଜୋସ୍
- ଚାଇନାର ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ
- ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି)

କୋଭିଡ୍ ମହାମାରୀ ଯୋଗୁ ଚାରିଆଡେ ଆର୍ଥିକ କାରବାର ମାନ୍ଦା ରହିଥିବାବେଳେ ଏଭଳି ସମୟରେ ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। ଏଭରଗ୍ରାଣ୍ଡ ହେଉଛି ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଚୀନ୍‌ର ବୈଦେଶିକ ବଣ୍ଡରେ କମ୍ପାନୀର ପ୍ରାୟ ୯ ପ୍ରତିଶତ ଅଂଶଧନ ରହିଛି। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବରେପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ। ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ଏଭରଗ୍ରାଣ୍ଡ ଦେବାଳିଆ ପ୍ରଭାବରେ ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହୋଇଥିବା ଜଣାଯାଇଛି।

କେତେକ ଆର୍ଥିକ ବିଶେଷଜ୍ଞ ଆଶଙ୍କା କରିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଚାଇନାରେ ୨୦୦୮ ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ଆର୍ଥିକ ବିଶେଷଜ୍ଞମାନେ ବର୍ତ୍ତମାନ ଲେହମାନ ବ୍ରଦର୍ସ ସଙ୍କଟର ପୁନରାବୃତ୍ତି ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଭେଟେରାନ ବ୍ୟାଙ୍କର ଉଦୟ କୋଟାକ୍ କହିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଲେହମାନ ସଙ୍କଟର ସ୍ମାରକ। ଯଦିଓ କେତେକ ବିଶେଷଜ୍ଞଙ୍କ ମତରେ ଏଭରଗ୍ରାଣ୍ଡ ସଙ୍କଟ ଚୀନ୍ ପାଇଁ ଏକ ବଡ଼ ଏବଂ ଗୁରୁତର ପରୀକ୍ଷା, ଏହା



ଲେହମାନ ସଙ୍କଟ ସହିତ ସମାନ ନୁହେଁ। ଆମେରିକାର ବ୍ୟାଙ୍କିଙ୍ଗ ସଂସ୍ଥା ଲେହମାନ୍ ବ୍ରଦର୍ସ ୧୫ ସେପ୍ଟେମ୍ବର ୨୦୦୮ରେ ଆନୁଷ୍ଠାନିକ ଭାବରେ ଦେବାଳିଆ ଘୋଷିତ ହୋଇଥିଲା। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ଅନୁଭୂତ ହୋଇଥିଲା। ଏହି ଘଟଣାର ଦୀର୍ଘ ୧୩ ବର୍ଷ ପରେ ବର୍ତ୍ତମାନ ଏଭରଗ୍ରାଣ୍ଡ ଜରିଆରେ ଚାଇନାରୁ ଏକ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥାର ପଦଧ୍ୱନୀ ଶୁଣିବାକୁ ମିଳୁଛି। ଏଭରଗ୍ରାଣ୍ଡ କାରଣରୁ ଗୋଟିଏ ଦିନରେ ଦୁନିଆର ୫୦୦ ଧନୀ ବ୍ୟକ୍ତିଙ୍କୁ ୧୩୫ ବିଲିୟନ ଡଲାର ହରାଇବାକୁ ପଡ଼ିଛି। ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୯୨.୨ ବିଲିୟନ ଡ଼ଲାର ରହିଥିବାବେଳେ ୫୦୦ ଧନୀଙ୍କ କ୍ଷତି ପରିମାଣ ଏହାରଦେଢ଼ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଇଲେକ୍ଟ୍ରିକ୍ କାର ନିର୍ମାତା ଟେସଲା ମାଲିକ ଏଲୋନ୍ ମସ୍କ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିର ୭.୨ ପ୍ରତିଶତ ହରାଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ନେଟ୍ ସମ୍ପତ୍ତିରେ ମଧ୍ୟ ସୋମବାର ୫.୬ ବିଲିୟନ ଡ଼ଲାରରେ ହ୍ରାସ ପାଇଛି। ବର୍ତ୍ତମାନ ସେ ୧୯୪ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଭରଗ୍ରାଣ୍ଡ କହିଛି ଯେ, ନଗଦ ଅର୍ଥ ହ୍ରାସ ପାଇଁ ସମାଧାନ ଖୋଜିବାଲାଗି ଏହା ଆର୍ଥିକ ପରାମର୍ଶଦାତାଙ୍କୁ ନିୟୋଜିତ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ଏଭଳି କମ୍ପାନୀର ର ଆର୍ଥିକ ଦାୟିତ୍ୱ ପୂରଣ କରିବାରେ ସକ୍ଷମ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏଠାରେ ସୂଚନାଯୋଗ୍ୟ, ଚାଇନାର ସମଗ୍ର ସମ୍ପତ୍ତି ବଜାରର ୬.୫ ପ୍ରତିଶତ ଭାଗ ହେଉଛି ଏଭରଗ୍ରାଣ୍ଡର। କମ୍ପାନୀର ଗ୍ରେଣ୍ଡର ଷ୍ଟକ୍ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ୨୦ ସେପ୍ଟେମ୍ବର ୨୦୨୧ରେ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିଲା। ଏଭରଗ୍ରାଣ୍ଡର ପ୍ରାୟ ୩୫୫ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତଥାପି କମ୍ପାନୀ ଦେବାଳିଆ ପଥରେ ରହିଛି। ଏହାର ଆକ୍ରମଣାତ୍ମକ ରଣନୀତି ଯୋଗୁଁ ଏଭରଗ୍ରାଣ୍ଡର ଋଣ ଭାର ବୃଦ୍ଧି ପାଇଛି। ବ୍ୟାଙ୍କଗୁଡିକରୁ ବହୁ ମାତ୍ରାରେ ଋଣ ନେଇ କମ୍ପାନୀ ପ୍ରକଳ୍ପ ସମ୍ପ୍ରସାରଣ ଲକ୍ଷ୍ୟ ରଖି ଋଣ ପରିଶୋଧ କରି ନ ଥିଲା। ତେବେ ଏଭରଗ୍ରାଣ୍ଡ ଚାଲାକି କରି ଚୀନ୍ ସମେତ ବିଶ୍ୱ ବଜାରକୁ କମ୍ପାନୀ ଆଦୌ ଋଣଗ୍ରସ୍ତ ଥିବା ଅନୁଭବ କରିବାକୁ ଦେଇ ନ ଥିଲା। ଯେତେବେଳେ ବଜାର ନିୟମ ପରିବର୍ତ୍ତନ ହେଲା ସେତେବେଳେ ଚୀନ୍ ସରକାର ଏହି ସମ୍ପର୍କର ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ଏଭରଗ୍ରାଣ୍ଡ ଆନୁଷ୍ଠାନିକ ଭାବେ ୩୦୦ ବିଲିୟନ ଡଲାରରୁ ଅଧିକ ଋଣ ଚାପରେ ଥିବା ସ୍ୱୀକାର କରିଛି। ଏଭରଗ୍ରାଣ୍ଡ ଗ୍ରୁପ୍ ଚାଇନାରେ ୧୩୦୦ରୁ ଅଧିକ ସମ୍ପତ୍ତିର ମାଲିକ ଏବଂ ପ୍ରାୟ ୨୮୦୦ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପରିଚାଳନା କରିଥାଏ। କମ୍ପାନୀରେ ପ୍ରାୟ ୨ ଲକ୍ଷ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପ୍ରତିବର୍ଷ ଚାଇନାରେ ପ୍ରାୟ ୩୮ ଲକ୍ଷ ନିଯୁକ୍ତି ସୃଷ୍ଟି କରୁଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭରଗ୍ରାଣ୍ଡର ୮୦୦ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଯଦି ଏଭରଗ୍ରାଣ୍ଡ ଦେବାଳିଆ ହୋଇଯାଏ, ଯେଉଁମାନେ ଏହାର ପ୍ରକଳ୍ପରେ ଟଙ୍କା ଖଟାଇଛନ୍ତି ସେମାନଙ୍କୁ ବଡ଼ ଧରଣର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିରେ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଯୋଗାଣକାରୀ ଏବଂ ଘର କ୍ରେତା ସମସ୍ତେ ପ୍ରଭାବିତ ହେବେ। ଏହା ବ୍ୟତୀତ, ଏଭରଗ୍ରାଣ୍ଡ ସହ ବ୍ୟବସାୟ କରୁଥିବା କମ୍ପାନୀଗୁଡିକ ମଧ୍ୟ ବଡ କ୍ଷତି ସହିବା ଆଶଙ୍କା ରହିଛି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ବୁଡ଼ିଯାଇପାରନ୍ତି।

ଭାରତର ଅନେକ କମ୍ପାନୀ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭରଗ୍ରାଣ୍ଡ ସହିତ ବ୍ୟବସାୟିକ ଦୃଷ୍ଟିରୁ ଜଡିତ। ବିଶେଷକରି ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଧାତୁ କ୍ଷେତ୍ରର କମ୍ପାନୀଗୁଡିକ କମ୍ପାନୀ ସହ ବ୍ୟବସାୟ କରିଥାନ୍ତି। ଏଭରଗ୍ରାଣ୍ଡ ଦେବାଳିଆ ହେବାର ପ୍ରଭାବରେ ଘରୋଇ ଷ୍ଟକ ବଜାର ସେନସେକ୍ସ ଭୁଷୁଡ଼ିଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡିକର ଷ୍ଟକ୍ ମାର୍କେଟ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଜଣାପଡିଛି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ସ୍କଲାରସିପ୍ ଏଏନ୍‌ଟିଏଚ୍‌ଇ ୨୦୨୧

ଭୁବନେଶ୍ୱର,୨୨।୯(ସମିସ): ଆକାଶ ନ୍ୟାସନାଲ୍ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍‌ଇ) ୨୦୨୧, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତର ଓ ଇଞ୍ଜିନିୟର ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରସିପ ପ୍ରଦାନ କରିବାକୁ ଯାଉଛି। ଏଏନଟିଏଚଇ ୨୦୨୧ ଉଭୟ ଅନଲାଇନ୍ ଓ ଅଫଲାଇନ ମାଧ୍ୟମରେ ଆସନ୍ତା ଡିସେମ୍ବର ୪ରୁ ୧୨ ମଧ୍ୟରେ ସାରା ଦେଶରେ ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁସନ ଫି'ରେ ସ୍କଲାରସିପ ସହିତ, ଟପ୍ ସ୍କୋରଧାରୀମାନଙ୍କୁ ଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡର ୫ ଜଣ ପ୍ରତିଭାବାନ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ।ଅତିରିକ୍ତ ଲାଭ ଭାବରେ, ଏଏନଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଏହି ଏକ ଘଣ୍ଟିଆ ପରୀକ୍ଷା ଏଏନଟିଏଚଇ ଅନଲାଇନ୍ ସକାଳ ୧୦ଟା ରୁ ଅପରାହ୍ନ ୭.୦୦ ଘଣ୍ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ଏହା ସହିତ ଅଫଲାଇନ୍ ପରୀକ୍ଷା ଡିସେମ୍ବର ୫ ଓ ୧୨ରେ ରେ ଦୁଇଟି ସିଫ୍ଟରେ ସକାଳ ୧୦ଟା ୩୦ ମିନିଟ୍‌ରୁ ୧୧ଟା ୩ରୁ ଓ ଅପରାହ୍ନ ୪ଟାଠାରୁ ୫ଟା ମଧ୍ୟରେ ସାରା ଦେଶରେ ଥିବା ଆକାଶ ଇନଷ୍ଟିଚ୍ୟୁଟର ୨୧୫ରୁ ଅଧିକ ସେଣ୍ଟରରେ କରାଯିବ। ଏହି ସମୟରେ ପ୍ରଯୁଜ୍ୟ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କୋଭିଡ-୧୯ର ଅନୁପାଳନ କରାଯିବ। ଛାତ୍ରମାନେ ସେମାନଙ୍କ ପାଇଁ ଉପଯୋଗୀ ଏକ ଘଣ୍ଟିଆ ସ୍ଲଟ୍‌କୁ ବାଛିପାରିବେ।

## ବିଦେଶୀ ନିବେଶକ ଏଲ୍ଆଇସି ଆଇପିଓରେ ୨୦% ଅଂଶଧନ କିଣିପାରିବେ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ଏଣିକି ବିଦେଶୀ ନିବେଶକମାନେ ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ପ୍ରାରମ୍ଭିକ ପବ୍ଲିକ୍ଅଫର (ଆଇପିଓ)ର ୨୦% ପର୍ଯ୍ୟନ୍ତ ସେୟାର କିଣିପାରିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ଏଲ୍ଆଇସିର ଅଂଶଧନ ବିକ୍ରୟରୁ ସରକାର ୯୦୦ ବିଲିୟନ ଟଙ୍କା (୧୨.୨ ବିଲିୟନ ଡ଼ଲାର୍) ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଯଦିଓ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କୁ ବେସରକାରୀ ବୀମା କମ୍ପାନୀରେ ୭୪% ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୨୦% ପର୍ଯ୍ୟନ୍ତ ଅଂଶଧନ କ୍ରୟ ଅନୁମତି ଦିଆଯାଇଛି। ଏହାକୁ ସକ୍ଷମ କରିବା ଦ୍ୱାରା ବିଦେଶୀ ପେନ୍‌ସନ୍ ପାଣ୍ଠି, ବୀମା କମ୍ପାନୀ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭାରତର ବୃହତ ଜୀବନ ବୀମାକାରୀଙ୍କ ଆଇପିଓରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବ।

## ସୋନୀ ପିକ୍‌ଚର୍ସ ସହ ଜୀ ଏଣ୍ଟରଟେନ୍‌ମେଣ୍ଟର ହେବ ମିଶ୍ରଣ

ମୁମ୍ବାଇ ୨୨।୯(ଏଜେନ୍ସି): ସୋନୀ ପିକଚର୍ସ ଇଣ୍ଡିଆ ସହ ସହ ଜୀ ଏଣ୍ଟରଟେନମେଣ୍ଟର ହେବ ମିଶ୍ରଣ। ସୋନୀ ଗ୍ରୁପର ଭାରତୀୟ ୟୁନିଟ୍ ଦେଶର ସର୍ବ ବୃହତ ଟେଲିଭିଜନ ନେଟୱାର୍କ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜର୍ସ କ୍ରୟ ଲାଗି ଏକ ରାଜିନାମା ସ୍ୱାକ୍ଷର କରିଛି। ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଅପସାରଣ ଲାଗି ଅଂଶୀଦାରଙ୍କ ଆଡୁ ଦାବି ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ସଂସ୍ଥାର ୫୩ ପ୍ରତିଶତ ଅଂଶଧନ ସୋନୀ ଇଣ୍ଡିଆ ମାଲିକାନାକୁ ଆସିଥିବା ବେଳେ ବଳକା ଅଂଶ ସେୟାରଧାରୀଙ୍କ ଅଧୀନରେ ରହିବ ବୋଲି ବୁଧବାର ଏକ ମିଳିତ ବିବୃତ୍ତିରେ କୁହାଯାଇଛି। ସୋନୀର ଏହି ୟୁନିଟ୍‌ରେ ଅଂଶୀଦାରମାନେ ପୁଞ୍ଜିନିବେଶ କରିବେ। ଫଳରେ ମୋଟ ପୁଞ୍ଜିର ପରିମାଣ ୧.୫୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ବୋର୍ଡର ଅଧିକାଂଶ ପଦପଦବୀ ସୋନୀ ହାତରେ ରହିବ। ରାଜିନାମାରେ ଉଭୟ କମ୍ପାନୀଙ୍କୁ ୯୦ ଦିନିଆ ଅବଧି ଦିଆଯାଇଛି। ଏହି ଅବଧି ଉଭୟ କମ୍ପାନୀ ବାଇଣ୍ଡିଂ ଏଗ୍ରିମେଣ୍ଟ ଲାଗି ସ୍ୱତନ୍ତ୍ର ଆଲୋଚନା କରିବେ। ଏହି ସମୟରେ ୟୁନିଟର ନେତୃତ୍ୱ ଜୀ ଏଣ୍ଟରଟେନମେଣ୍ଟର ସିଇଓ ପୁନିତ ଗୋୟଙ୍କା ନେବେ। ଗତ ସପ୍ତାହରେ ଜୀ ନେଟୱାର୍କରେ ୧୭.୯ ପ୍ରତିଶତ ସେୟାରର ମାଲିକ ଇନଭେସ୍କୋ ଡେଭଲପିଙ୍ଗ ମାର୍କେଟ ଫଣ୍ଡ ଏବଂ ଓଏଫଆଇ ଗ୍ଲୋବାଲ ଚାଇନା ଫଣ୍ଡ ଏଲଏଲସି ଗୋୟଙ୍କାଙ୍କ ସମେତ ଅନ୍ୟ ୨ ଜଣଙ୍କ ବହିଷ୍କାର ଲାଗି ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରିଥିଲେ। ଫଳରେ ସଂକଟଗ୍ରସ୍ତ ଜୀରେ ନୂଆ ମୋଡ ଆସିଛି। ୧୯୯୨ରେ ସ୍ଥାପିତ କମ୍ପାନୀରେ ସୁଭାଷ ଚନ୍ଦ୍ରା ଓ ତାଙ୍କ ପରିବାରଙ୍କ କର୍ତ୍ତୃତ୍ୱ ସମାପ୍ତ କରିବା ଲାଗି ନିବେଶକଙ୍କ ଏହା ଏକ ଉଦ୍ୟମ ଥିବାବେଳେ ବୋର୍ଡର ୨ ଜଣ ସଦସ୍ୟ ତତ୍କାଳ ଇସ୍ତଫା ଦେଇଥିଲେ। ମିଡ଼ିଆ ବାଦ୍‌ଶାହା ଏକଦା ଜୀ ରୁପର୍ଟ ମୋଡ୍ରକଙ୍କ ଭାରତୀୟ ଅଂଶୀଦାର ରହିଥିଲା।

## ୨୫ରୁ ଆଇଫୋନ୍ ୧୩ ସିରିଜ୍ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଆପଲ୍ ଆଇଫୋନ ୧୩ ସିରିଜ୍‌ର ବିକ୍ରି ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବ। ଯେଉଁ ଗ୍ରାହକମାନେ ଏହାକୁ ପ୍ରି-ବୁକ୍ କରିଥିଲେ ସେମାନଙ୍କ ପାଇଁ କମ୍ପାନୀ ୨୪ ସେପ୍ଟେମ୍ବରରୁ ଡେଲିଭରି ଆରମ୍ଭ କରିବ। ତେବେ କଥା ହେଉଛି କମ୍ପାନୀ ଏହି ସିରିଜ୍‌ର ସ୍ମାର୍ଟଫୋନରେ କୌଣସି ଫ୍ଲାଟ ରିଆତି ଦେଉନାହିଁ। ତଥାପି ଏହାକୁ ଆପଣ ୬୦୦୦ ଟଙ୍କା କ୍ୟାସବ୍ୟାକ୍‌ରେ କିଣାଯାଇପାରିବ। ତେବେ ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ ଆଇଫୋନ ୧୨ ଭଳି ରହିବ। ଗତବର୍ଷ ବଜାରକୁ ଆସିଥିବା ଆଇଫୋନ ୧୨ ତୁଳନାରେ ଚଳିତବର୍ଷ ଆସିଥିବା ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ କମ୍ପାନୀ ପରିବର୍ତ୍ତନ କରିନାହିଁ। ଏହା ସତ୍ତ୍ୱେ ବି ଗ୍ରାହକଙ୍କ ପାଇଁ ଆଇଫୋନ ୧୩ ସିରିଜ୍‌ର ଯେକୌଣସି ବି ଫୋନ କିଣିବା ମହଙ୍ଗା ପଡ଼ିବ।

### କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡରେ ପେମେଣ୍ଟ କଲେ କ୍ୟାସବ୍ୟାକ୍

ଆଇଫୋନ ୧୩ ସିରିଜ୍‌ରେ କମ୍ପାନୀ ୪ଟି ମଡେଲ୍‌ର ସ୍ମାର୍ଟଫୋନ ଯଥା- ଆଇଫୋନ




୧୩, ଆଇଫୋନ ୧୩ ମିନି, ଆଇଫୋନ ୧୩ ପ୍ରୋ, ଆଇଫୋନ ୧୩ ପ୍ରୋ ମାକ୍ସ ବଜାରକୁ ଛାଡିଛି। ଏଥିରୁ କୌଣସି ବି ସ୍ମାର୍ଟଫୋନକୁ ଗ୍ରାହକ ୬୦୦୦ ଟଙ୍କା କ୍ୟାସବ୍ୟାକ ସହିତ କିଣିପାରିବେ। ୬୦୦୦ ଟଙ୍କାର କ୍ୟାସବ୍ୟାକ ପାଇଁ ଆପଣଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବ୍ୟବହାର କରିବା ପାଇଁ ପଡ଼ିବ। ଆଇଫୋନ ୧୩ରେ ମିଳୁଥିବା ଏହି କ୍ୟାସବ୍ୟାକ ପ୍ରି-ବୁକ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହାର ଶେଷ ତାରିଖ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଆଇଫୋନ ୧୩ ଓ ଆଇଫୋନ ୧୩ ମିନିର ୧୨୮ ଜିବି ଭାରିଆଣ୍ଟର ଫୋନ ପ୍ରି ବୁକିଙ୍ଗ ପାଇଁ ଉପଲବ୍ଧ ନାହିଁ। କମ୍ପାନୀ ବିକ୍ରି ପାଇଁ ଆଇଫୋନ ୧୩ ପ୍ରୋ ଓ ପ୍ରୋମାକ୍ସକୁ ଉପଲବ୍ଧ କରିଛି। କିନ୍ତୁ ଏହି ଦୁଇଟି ମଡେଲ ବର୍ତ୍ତମାନ ଉପଲବ୍ଧ ନାହିଁ। ଏହି ଦୁଇଟି ଫୋନ ବଜାରକୁ ଆସିବା ପାଇଁ ୫ ରୁ ୬ ସପ୍ତାହ ସମୟ ଲାଗିବ।

## ଏୟାର ଇଣ୍ଡିଆ ସିଏମଡି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ



ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସରକାର ବୁଧବାର ରାଜୀବ ବନସଲ୍‌ଙ୍କୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତ କରିଛନ୍ତି। ବନସଲ୍ ବର୍ତ୍ତମାନ ସରକାରୀ ବିମାନ କମ୍ପାନୀ ଏୟାର ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପରାମର୍ଶଦାତା ରହିଥିଲେ। ବନସଲ୍ ପ୍ରଦୀପ ସିଂ ଖରୋଲାଙ୍କ ସ୍ଥାନରେ ସଚିବ ଭାବେ ନିଯୁକ୍ତି ପାଇଛନ୍ତି, ଯେ କି ଚଳିତ ମାସ ଶେଷ ଅବସରରେ ଅବସର ଗ୍ରହଣ କରିବେ। ବନସଲ୍ ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ। ସେ ଏହା ପୂର୍ବରୁ ୨୦୦୬ ରୁ ୨୦୦୮ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ।

## ବିନା ଇଣ୍ଟରନେଟ୍‌ରେ କେମିତି କରିବେ ୟୁପିଆଇ ପେମେଣ୍ଟ




ନୂଆଦିଲ୍ଲୀ ୨୨।୯ (ଏଜେନ୍ସି)

ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ଏବେ ଏକ ସୁବିଧାଜନକ ମାଧ୍ୟମ। ଏହା ଜରିଆରେ ୟୁଜର୍ସ ଯେକୌଣସି ସ୍ଥାନରେ ପାଖରେ ଟଙ୍କା ନ ଥିଲେ ବି ଟଙ୍କା ପୈଠ କରିପାରୁଛନ୍ତି। ୟୁପିଆଇ ପେମେଣ୍ଟ କରିବାକୁ ହେଲେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ଥିବା ଜରୁରୀ। ଅନେକ ସମୟରେ ଇଣ୍ଟରନେଟ ସଂଯୋଗ ନ ଥିଲେ କିମ୍ବା ମନ୍ଥର ଥିଲେ ଅନ୍‌ଲାଇନ୍ ପେମେଣ୍ଟ କରିବା ମୁସ୍କିଲ ହୋଇଯାଏ। ଯଦି କୌଣସି ସମୟରେ ଆପଣ ଏମିତି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ କିଛି ଖାସ୍ ଟ୍ରିକ୍ ଜାଣିବାକୁ ହେବ। ଏହି ଟ୍ରିକ୍ ଜରିଆରେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଆପଣ ୟୁପିଆଇ ପେମେଣ୍ଟ କରିପାରିବେ।

### *୯୯# ସର୍ଭିସ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ

ୟୁପିଆଇ ପେମେଣ୍ଟ କରିବାକୁ ହେଲେ ସବୁଠୁ ଜରୁରୀ ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ଏବଂ ୟୁପିଆଇ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଦରକାର। ଏହାପରେ ଆପଣଙ୍କ ଫୋନ୍‌ରେ *୯୯# ସର୍ଭିସ୍ ଆକ୍ଟିଭ୍ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ। *୯୯# ଡାଏଲର କୋଡ୍ ଭାରତରେ ସମସ୍ତ ମୋବାଇଲ୍ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଥିଲା। ଏହାର ଅର୍ଥ ଆପଣ ୟୁପିଆଇ ଇକୋସିଷ୍ଟମର ଏକ ଅଂଶ।

### ବିନା ଇଣ୍ଟରନେଟ୍‌ରେ କିଭଳି କରିବେ ପେମେଣ୍ଟ

- ସର୍ବପ୍ରଥମେ ଫୋନ୍‌ରେ *୯୯# ଡାଏଲ କରନ୍ତୁ।
- ଏହାପରେ ଆପଣଙ୍କୁ ଅନେକ ମେନ୍ୟୁ ଦେଖାଯିବ। ଏଥିରେ ଆପଣ ପ୍ରଥମ ମେନ୍ୟୁ (ସେଣ୍ଡ ମନି) ଉପରେ କ୍ଲିକ୍ କରନ୍ତୁ।
- ଯାହାଙ୍କୁ ଟଙ୍କା ପଠାଇବେ ତାଙ୍କର ସବିଶେଷ ତଥ୍ୟ ଦିଅନ୍ତୁ।
- ୟୁପିଆଇ ଆକାଉଣ୍ଟ ସହ ଲିଙ୍କ୍ ନମ୍ବର ଦିଅନ୍ତୁ।
- କେତେ ଟଙ୍କା ପଠାଇବେ ଟାଇପ୍ କରନ୍ତୁ। ପରେ ସେଣ୍ଡ ଉପରେ କ୍ଲିକ୍ କରନ୍ତୁ।
- ଟ୍ରାଞ୍ଜାକ୍ସନ ପୂରା କରିବାକୁ ଆପଣଙ୍କୁ ୟୁପିଆଇ ପିନ୍ ଦେବାକୁ ହେବ।

# ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ପାଇବେ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର ୨୨।୯ (ସମିସ): ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରଖ୍ୟାତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ' ୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ କାର୍ଯ୍ୟରତ ୧୨ଟି ଶ୍ରେଣୀର ୨୬ ଜଣ ବିଦ୍ୱାନ ଲେଖକଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡଃ



ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପ୍ରଦାନ ଅବସରରେ ରାଷ୍ଟ୍ରପତି ତାଙ୍କୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରିବେ।

ଡଃ ପ୍ରସାଦ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଡଃ ମିଶ୍ର ଏନ୍‌ଟିପିସିର ମହାପ୍ରବନ୍ଧକ (ମାନବସମ୍ବଳ-ରାଜଭାଷା) ଭାବେ ମଧ୍ୟ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାବାଦ୍ ସେ ୯୭ରୁ ଅଧିକ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡଃ ମିଶ୍ରଙ୍କୁ 'ସାହିତ୍ୟ ଅକାଦେମି', 'ଅଣହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ ପୁରସ୍କାର', 'ସଂହତି ପୁରସ୍କାର', 'ସେତୁବନ୍ଧ ପୁରସ୍କାର', 'ବଙ୍କିମ ଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି।

ଉଲ୍ଲେଖନୀୟ ଯେ ହିନ୍ଦୀ ସେବୀ ସମ୍ମାନ ଯୋଜନା ୧୯୮୯ ମସିହାରୁ ଆରମ୍ଭ ହୋଇଥିଲା। ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ୨୬ ଜଣ ଲେଖକ ଲେଖିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ଆସୁଛି।

### ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ

# ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ

ଭୁବନେଶ୍ୱର,୨୨।୯ (ସମିସ): ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ କ୍ଷେତ୍ରରେ ଆସନ୍ତା ୧୦ ବର୍ଷରେ ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ। ଗ୍ରୁପ ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ରଖିଥିବା ନିଜର ଲକ୍ଷ୍ୟ ସ୍ପଷ୍ଟ କରିବାକୁ ଯାଇ ଜେପି ମୋର୍ଗାନ୍ ଇଣ୍ଡିଆ ନିବେଶକ ସମ୍ମିଳନୀରେ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଏହା କହିଛନ୍ତି। ଗ୍ରୁପ ୨୦୨୫ ସୁଦ୍ଧା ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ୭୫ ପ୍ରତିଶତରୁ ଅଧିକ ପୁଞ୍ଜି ବ୍ୟୟ ଲକ୍ଷ୍ୟ ରଖିଛି। ଆସନ୍ତା ୪ବର୍ଷରେ ଗ୍ରୁପ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଉତ୍ପାଦନ କ୍ଷମତାକୁ ଦୁଇଗୁଣ କରିବ ବୋଲି କହିଛି। ବିଶ୍ୱର କୌଣସି ବି କମ୍ପାନୀ ଏହି ଭଳି ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିବନାହିଁ। କମ୍ପାନୀ ଏହି ଉତ୍ପାଦନ କ୍ଷମତାକୁ ୨୧ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ଘଟାଇଛି। ୨୦୩୦ ସୁଦ୍ଧା ଆଦାନୀ ପ୍ରଥମ ଭାରତୀୟ କମ୍ପାନୀ ଭାବେ ତାହାର ସମସ୍ତ ଡାଟା କେନ୍ଦ୍ରକୁ ନବୀକରଣ ଯୋଗ୍ୟ ଶକ୍ତି ଦ୍ୱାରା ପରିଚାଳିତ କରିବ।



ସ୍ମାନ୍ ଡାଟା ସେଣ୍ଟର, ଇଣ୍ଡଷ୍ଟ୍ରିଆଲ କ୍ଲାଉଡ୍ ଏବଂ ଆଦାନୀ ଡିଜିଟାଲ ଲ୍ୟାବ୍ ଭଳି କେତେକ ଡିଜିଟାଲ ସମ୍ପର୍କିତ ଉଦ୍ୟୋଗ ଜରିଆରେ ଗ୍ରୁପ ଦେଶରେ ଡିଜିଟାଲ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ଭାରତ କୋଭିଡ୍ ମହାମାରୀର ସବୁଠାରୁ ଖରାପ ସମୟ ମୁକାବିଲା କରିଛି। ଭାରତ ଯେଉଁଭଳି ଭାବେ ଏହାର ଟିକାକରଣ କାର୍ଯ୍ୟକ୍ରମକୁ ଆଗେଇ ନେଇଛି ତାହା ଅତୁଳନୀୟ ବୋଲି ଆଦାନୀ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ; ସ୍ୱାମୀ ଅଟକ

ବଲାଙ୍ଗିର,୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ ଦୁର୍ଗାପାଲି ଗାଁରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ଦୁର୍ଗାପାଲି ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ବୋଲି ଜଣାପଡ଼ିଛି। ତାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପଣ୍ଡା ଟିଟିଲାଗଡ଼ସ୍ଥିତ ସିଲୁଁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା ସୂଚନା ମିଳିଛି।



ସୂଚନା ଅନୁସାରେ ସଞ୍ଜୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ବଣ୍ଡାବାହାଲ ଗାଁର ପ୍ରଦୀପ ପଣ୍ଡାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ କମ୍ ଯୌତୁକ ଆଣିଥିବା ଯୋଗୁଁ ବିବାହର ମାତ୍ର ୫ ଦିନ ପରେ ପ୍ରଦୀପ ତାଙ୍କୁ ମାଡ ମାରିଥିଲେ। ବିବାହର ଏକ ବର୍ଷ ମଧ୍ୟରେ ସବୁବେଳେ ତାଙ୍କ ସହିତ ଝଗଡ଼ା କରିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ସ୍କୁଲ ନିକଟରେ ଏକ ଭଡା ଘର ନେଇ ରହୁଥିଲେ। ଅଲଗା ରହିବା ଦିନଠାରୁ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ କହିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦୀପ ଦୁର୍ଗାପାଲି ସ୍କୁଲକୁ ଆସି ସଞ୍ଜୁଙ୍କୁ ସାକ୍ଷାତ କରିବାକୁ କହିଥିଲେ। ସଞ୍ଜୁ କଥା ହେବାକୁ ମନା କରିବାରୁ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ତାଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳକ୍ରମେ ସେ ଖସି ପଳାଇଆସିଥିଲେ। ତାଙ୍କ ଗଳାରେ କ୍ଷତ ହୋଇଥିଲା। ପରେ ଗ୍ରାମବାସୀ ପ୍ରଦୀପଙ୍କୁ କାବୁ କରି ପୁଇଁତଳା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରଦୀପଙ୍କୁ ଥାନା ଅଟକ ରଖିଛି। ତେବେ ଏହାକୁ ଯୌତୁକଜନିତ ହତ୍ୟା ଉଦ୍ୟମ ହୋଇଥିବାରୁ ତାଙ୍କ ସ୍ୱାମୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ■ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି

# ବେତନଟୀ ଷ୍ଟେସନରେ ୩ ଘଣ୍ଟା ଅଟକିଲା ଡିଏମ୍ୟୁ



ବେତନଟୀ,୨୨।୯ (ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଧବାର ବେତନଟୀ ରେଳ ଷ୍ଟେସନରେ ୩ ଘଣ୍ଟା ଅଟକିଗଲା ବାଙ୍ଗିରିପୋଷି -ରୁପ୍ସା ମଧ୍ୟରେ ଚଳାଚଳ କରୁଥିବା ଡିଏମ୍ୟୁ ଟ୍ରେନ। ଧାର୍ଯ୍ୟ ସମୟ ଅନୁସାରେ ବୁଧବାର ଅପରାହ୍ନ ୧ଟା ୪୫ରେ ରୁପ୍ସା ଯିବାପାଇଁ ବେତନଟୀ ଷ୍ଟେସନରେ ପହଞ୍ଚିଥିଲା ଏହି ଡ଼ିଏମ୍ୟୁ ଟ୍ରେନ, ମାତ୍ର ଇଞ୍ଜିନରେ କୌଣସି ଯାନ୍ତ୍ରିକ ସମସ୍ୟା ପାଇଁ ଷ୍ଟାର୍ଟ ବନ୍ଦ ହୋଇଯିବା ସହିତ ଟ୍ରେନ ୩ଘଣ୍ଟାରୁ ଅଧିକ ସମୟ ଧରି ବେତନଟୀ ଷ୍ଟେସନରେ ଅଟକି ରହିଥିଲା। ଯଦ୍ୱାରା ଶତାଧିକ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ଯାତ୍ରୀ ଅଟୋ ଏବଂ ବସ ଯୋଗେ ଯାଇଥିବା ବେଳେ ଅଧିକାଂଶ ଯାତ୍ରୀ ବେତନଟୀ ଷ୍ଟେସନରେ ଅଟକି ରହିଥିଲେ। ତେବେ ୩ଘଣ୍ଟା ଧରି ମରାମତି ପରେ ଅପରାହ୍ନ ୪ଟା ୪୮ରେ ଡ଼ିଏମ୍ୟୁ ଟ୍ରେନ ନିଜର ଲକ୍ଷ୍ୟସ୍ଥଳ ରୁପ୍ସା ଅଭିମୁଖେ ଯାତ୍ରା କରିଥିଲା।


**DISTRICT EDUCATION OFFICE, MALKANGIRI**

**Notification**

Applications are invited for procurement of materials for Girls' Hostel of Odisha Adarsh Vidyalayas Four Nos. of Odisha Adarsh Vidyalayas i.e. 1. Julunibahal of Mathili Block, 2. Gunduriguda of Kudumulugumma Block and 3. Podaghat of Khairput Block and 4. Gandhipally of Malkangiri Block of Malkangiri district. The application forms and guidelines are available in the district website "**www.malkangiri.nic.in.**

Sd/-
District Education Officer,
Malkangiri

OIPR-15016/11/0003/2122 F-145


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ଓ ଦୁଇ...

କୌଣସି ଶବ୍ଦ ଆସି ନଥିଲା। ବାହାର କବାଟ ଖୋଲା ଥିବା ବେଳେ କ୍ଷୀର ନେବାକୁ କେହି ନ ଆସିବାରୁ ସନ୍ଦେହରେ ସେ ଘର ଭିତରକୁ ଦେଖିଥିଲେ। ଘର ଚଟାଣରେ ୩ ଜଣଙ୍କ ମୃତ ଶରୀର ଦେଖି ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘରେ ନାରାୟଣ ନ ଥିବାବେଳେ ମା' ଓ ୨ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ କୁମାର ଦାଶ, ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୩ ମୃତ ଶରୀରକୁ ଆଜି ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଥାନା ଆଇଆଇସି ଶ୍ରୀ ସେଠ୍ କହିଛନ୍ତି। ଅନ୍ୟପକ୍ଷରେ ମୃତ ମହିଳାଙ୍କ ମା' ସଙ୍ଗୀତା ମୁଣ୍ଡା କହିଛନ୍ତି ପରିବାର ଲୋକେ ଚକ୍ରାନ୍ତ କରି ତାଙ୍କ ଝିଅକୁ ମାରି ଦେଇଛନ୍ତି। ବିଭିନ୍ନ ସମୟରେ ସ୍ୱାମୀ ଓ ଦିଅର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମୃତ ମହିଳାଙ୍କୁ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରି ଗିରଫ ହୋଇଥିଲେ। ୩ ମାସରୁ ଊର୍ଦ୍ଧ୍ୱ ହେବ ସେ ଖଲାସ ହୋଇ ଘରକୁ ଫେରିଥିଲେ।

### କୂଳ ଲଂଘିଲା...

ବନ୍ୟାଞ୍ଚଳ ଗସ୍ତ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବସ୍ତାରେ ଅଗ୍ନିଶମ ଓ ଓଡ୍ରାଫର ଏକାଧିକ ଟିମକୁ ନିୟୋଜିତ କରାଯାଇଛି। ପାଣିଘେରରେ ରହିଥିବା ଲୋକଙ୍କୁ ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ଦ୍ୱାରା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଜଳକା ବନ୍ୟା ଯୋଗୁଁ ବସ୍ତା ଓ ସଦର ବ୍ଲକର ପତ୍ରଝଡ଼ା, ସଦାନନ୍ଦପୁର, ବ୍ରହ୍ମଣଦା, ରସୁଲପୁର, ଶ୍ରୀରାମପୁର ଆଦି ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସଦାନନ୍ଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ବହୁ କଚ୍ଚା ଘର ଧରାଶାୟୀ ହୋଇଛି। ସେହିପରି ଖରସ୍ରୋତା ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ନିୟନ୍ତ୍ରଣକୁ ଆସୁଥିବା ବେଳେ ନଦୀର ଉପର ମୁଣ୍ଡ ବର୍ଷା ସହ ଗାଲୁଡିହି ବ୍ୟାରେଜରୁ ପାଣି ନିଷ୍କାସନ ଯୋଗୁଁ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ଗତକାଲି ସକାଳ ୮ ଠାରୁ ଆଜି ସକାଳ ୮ ଟା ମଧ୍ୟରେ ଅର୍ଥାତ ଏହି ୨୪ ଘଣ୍ଟାରେ ଜାମସେଦପୁର ରେ ୪୪.୨ ଏମଏମ, ଫେଙ୍କଘାଟରେ ୧୯୨.୨ ଏମଏମ, ଘାଟଶୀଳାରେ ୫୪.୦ ଏମଏମ, ଜାମଶୋଳା ଘାଟରେ ୧୫୭.୬ ଏମଏମ ଓ ରାଜଘାଟ ରେ ୩.୨ ଏମଏମ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଗତକାଲି ମଧ୍ୟାହ୍ନରେ ଗାଲୁଡିହି ବ୍ୟାରେଜ ୧୦୦୦ କ୍ୟୁମେକ ପାଣି ନଦୀକୁ ନିଷ୍କାସିତ କରିଥିବା ବେଳେ ପୁଣି ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ଜଳପତ୍ତନ ଆଜି ଅକସ୍ମାତ ବୃଦ୍ଧି ପାଇବାରେ ଲାଗିଛି। ରାଜଘାଟ ରେଳବାଇ ପୋଲ ନିକଟରେ ନଦୀର ଜଳପତ୍ତନ ଅପରାହ୍ନ ୩ ଟା ସୁଦ୍ଧା ସତର୍କ ସଙ୍କେତ ଉପରେ ଅର୍ଥାତ ୯.୯୧ ମିଟରରେ ପ୍ରବାହିତ ହେଉଛି। ଗାଲୁଡିହି ବ୍ୟାରେଜର ସମସ୍ତ ଗେଟ୍‌କୁ ବନ୍ଦ କରାଯାଇଥିବା ବେଳେ ଆଗକୁ ଯଦି ବର୍ଷା ନ ହୁଏ ତେବେ ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିବ ବୋଲି ଜଳସେଚନ ବିଭାଗ ତରଫରୁ କୁହାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ମଧ୍ୟ ଫୁଲୁଛି। ବୁଢ଼ାବଳଙ୍ଗ ନଦୀର ଅବବାହିକା ବାଲିମୁଣ୍ଡାଳୀରେ ୪୪ ଏମଏମ, ବାରିପଦାରେ ୨୦.୬ ଏମଏମ, ଜୟପୁର ରେ ୩୧.୬ ଏମଏମ, ଏନଏଚ-୫ ରେ ୬ ଏମଏମ ଓ ବାଲେଶ୍ୱରରେ ୭.୦ ଏମଏମ ବର୍ଷା ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି। ଏନଏଚ-୫ ଠାରେ ନଦୀର ବିପଦ ସଙ୍କେତ ୮.୧୩ ଥିବାବେଳେ ଅପରାହ୍ନ ୨ଟା ସୁଦ୍ଧା ୬ ମିଟରରେ ନଦୀ ପ୍ରବାହିତ ହେଉଛି।

### ବଲାଙ୍ଗିରରେ ବିକାଶର...

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟ କାର୍ଡ଼ ଯୋଗୁଁ ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ସିଧାସଳଖ ଭାବେ ଉପକୃତ ହେବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ସେହିପରି ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭିଙ୍କୁ ନୂଆଖାଇ ଜୁହାର କରିବା ସହ ବଲାଙ୍ଗୀର ଗସ୍ତ କରିଥିବାରୁ ନିଜର ଆନନ୍ଦବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ

କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡ଼ିଶା ସାରା ଦେଶର ଏକମାତ୍ର ରାଜ୍ୟ। ସମଗ୍ର ଓଡ଼ିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଚିକିତ୍ସା ପାଇଁ କିଏ ସୁନା ବିକେ, କିଏ ଶଙ୍ଖା। ସେଥିପାଇଁ ମତେ ବହୁତ ଦୁଃଖ ଲାଗେ। ଏହି ଦୁଃଖ ଦୂର କରିବାରେ ଏହି କାର୍ଡ ସାହାଯ୍ୟ କରିବ। ସଞ୍ଚୟ କରିଥିବା ଟଙ୍କା ପରିବାରର ବିକାଶ ଓ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିପାରିବେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ଼ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ଼-ସଇଁତଳା ବ୍ଲକରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ଼ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୂଆ। ସେଥିପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। '୫-ଟି'ରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧ୍ୟକ୍ଷା ଶ୍ରମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

### ୨୪ରେ ସୃଷ୍ଟି ହେବ...

ଆଶଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ନ ଥିବା ବେଳେ ପୁଣି ଏକ ଲଘୁଚାପ ବନ୍ୟା ଆଶଙ୍କା ବଢ଼ାଇବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଥିବା ଲଘୁଚାପ ଝାଡ଼ଖଣ୍ଡକୁ ଚାଲିଯାଇଥିବାରୁ ଗୁରୁବାର ଓ ଶୁକ୍ରବାର ପାଇଁ ରାଜ୍ୟର କୌଣସି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ। କିନ୍ତୁ ୨୪ ତାରିଖ ଲଘୁଚାପ ଯୋଗୁଁ ପୁଣି ବର୍ଷା ଥିବାରୁ ୨୫ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ମ୍ୟାଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ପ୍ରଭାବରେ ଉତ୍ତରପୂର୍ବ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ୪୮ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳକୁ ଗତି କରିବାର ସମ୍ଭାବନା ଥିବାରୁ ରାଜ୍ୟରେ ଏହାର ପ୍ରଭାବ ବଢ଼ିବ।

୨୫ ତାରିଖଠାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ସେହିପରି ଏହି ଜିଲ୍ଲାଗୁଡ଼ିକ ସମେତ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। ବାରିପଦାରେ ମଧ୍ୟ ୧୭ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବଲାଙ୍ଗିର ଗସ୍ତ ଅବସରରେ ଶ୍ରୀ ସାଲୁଜା କହିଛନ୍ତି ଯେ ଆୟୁଷ୍ମାନ ଯୋଜନା ପରିବର୍ତ୍ତେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ତାହା ସାଧାରଣ ଲୋକଙ୍କ କାମରେ ଆସିବ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଶ୍ରୀ ସାଲୁଜା ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି ତାହା ଠିକ୍ ବାଟରେ ଚାଲିଲେ ଯୋଜନା ସଫଳ ହେବ। ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳର ବିକାଶ ପାଇଁ ଆସିଛନ୍ତି ବୋଲି ଉଲ୍ଲେଖ କରି ନରସିଂହ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଦାବି କରିଛନ୍ତି।

### ମଉଳିଯିବ କି ଶୀତଳାପଲ୍ଲୀ...

ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଛନ୍ତି। ତେଣୁ ଦୀର୍ଘଦିନ ଧରି ଏହି ଯାଗା ଖାଲିରେ ପଡ଼ିରହିଛି। ବର୍ତ୍ତମାନ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଏହି ସ୍ଥାନରେ ବିକଳ୍ପ କିଛି କରିବା ପାଇଁ ଚିନ୍ତା କରାଯାଉଛି। ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ରାଜ୍ୟର ବିକାଶକୁ ସେ ପ୍ରାଥମିକତା ଦେଇଛନ୍ତି ବୋଲି ମହାପ୍ରବନ୍ଧକ କହିଛନ୍ତି। ବର୍ତ୍ତମାନ ଏଠାକୁ ଆସି ପରିଦର୍ଶନ କରିବା ପରେ ଶୀତଳାପଲ୍ଲୀରେ କ'ଣ ସୁବିଧା କରାଯାଇପାରିବ ସେ ଉପରେ ପରବର୍ତ୍ତୀ ସମୟରେ ଚିନ୍ତା କରାଯିବ। ରେଳ ବିଭାଗର କିଛି ଯଦି ଫେକ୍ଟ୍ରି ହେଉ ଅଥବା ଯେଉଁ ସାମଗ୍ରୀ ଗୁଡ଼ିକ ରେଳ ବିଭାଗ ବିଭିନ୍ନ ଘରୋଇ କମ୍ପାନୀ ମାନଙ୍କଠାରୁ କ୍ରୟ କରୁଛି ସେଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯିବ। ଏଠାକୁ ଯେ କୌଣସି କମ୍ପାନୀକୁ ଆମନ୍ତ୍ରଣ କରି ଫେକ୍ଟ୍ରି ବସାଇବାକୁ ଚେଷ୍ଟା କରାଯିବ ଓ ସେଥିରୁ ତିଆରି ସାମଗ୍ରୀ ରେଳ ବିଭାଗ କ୍ରୟ କରିବ। ବର୍ତ୍ତମାନ ଏଠାରେ କ'ଣ କରାଗଲେ ସ୍ଥାନୀୟ ବାସିନ୍ଦାଙ୍କୁ ଜୀବିକା ମିଳିପାରିବ ସେ ଉପରେ ଗୁରୁତ୍ୱ ଦିଆଯିବ। ଏଠାରେ ଫେକ୍ଟ୍ରି ହେଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ। ଏହି ଇଲାକାରେ କୃଷିକୁ ଅଧିକା ପ୍ରାଧାନ୍ୟ ଦିଆଯାଉଛି। ଉଦ୍ୟୋଗ ଗଢିଉଠିଲେ ଗାଁ ଲୋକେ ନିକଟରେ ଜୀବିକା ପାଇପାରିବେ। ବର୍ତ୍ତମାନ ଏଠାରେ ୯୯ ଏକର ଯାଗା ସରକାରଙ୍କ ଅଧୀନରେ ରହିଛି। ଏଥିପାଇଁ ଲ୍ୟାଣ୍ଡମାର୍କ ପ୍ରକ୍ରିୟା ସରିବା ସହ ରେଳ ବିଭାଗକୁ ଦିଆଯାଇଛି। ଏଥିନିମନ୍ତେ ପେପର ୱାର୍କ ବାକି ରହିଛି। ୱାଗନ୍ ଫେକ୍ଟ୍ରି ହେବାର ସମ୍ଭାବନା କମ୍ ରହିଥିବା ବେଳେ ମେଣ୍ଟେନାନ୍ସ ଫେକ୍ଟ୍ରି ଅଥବା ଗୁଡ୍‌ସ୍ କାରଖାନା ତିଆରି ପାଇଁ ଯୋଜନା କରାଯାଉଛି ବୋଲି ବିଦ୍ୟାଭୂଷଣ କହିଛନ୍ତି। ରେଳ ବିଭାଗର କମ୍ପନେଣ୍ଟ ପାଇଁ ମଧ୍ୟ ଚିନ୍ତା କରାଯିବା ସହ ଏଠାରେ କେଉଁ କାରଖାନା ହେବ ଆସନ୍ତା ୬ମାସ ମଧ୍ୟରେ ଜଣାପଡ଼ିବ ବୋଲି ମହାପ୍ରବନ୍ଧକ କହିଛନ୍ତି। ଏହି ଇଲାକା ଉପରେ ରେଳମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ରହିଛି। ଏଠାରେ ଭଲ ପ୍ରକଳ୍ପ କରିବାକୁ ଯୋଜନା ମଧ୍ୟ ରହିଛି। ଜଗନ୍ନାଥପୁର ଷ୍ଟେସନଠାରୁ ଏହା ୪ କିମି ଦୂରରେ ଅଛି। ରେଳଧାରଣା ଏଠାକୁ ସଂଯୋଗ କରିବାରେ କିଛି ଅସୁବିଧା ହେବ ନାହିଁ। ବିକାଶକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ଭଲ ଜାଗା ଚିହ୍ନଟ କରିଛନ୍ତି। ଯେ କୌଣସି ପ୍ରକଳ୍ପ ଏଠାରେ ହେବ ପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୨୦୨୪ ମସିହା ମାର୍ଚ୍ଚ ମାସ ଭିତରେ ଏଠାରେ ଯେ କୌଣସି ପ୍ରକଳ୍ପ ହେବାର ଥୟ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଥିଲେ। ତେବେ ଏଠାରେ କେଉଁ ପ୍ରକଳ୍ପ ତାହା ଆଗାମୀ ୬ମାସ ମଧ୍ୟରେ ଜଣାପଡ଼ିବାକୁ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ଟାଟା ବିସ୍ଥାପିତଙ୍କୁ ଶୀତଳାପଲ୍ଲୀ ଇଲାକାରେ ଥଇଥାନ୍ କରାଯାଇଛି। ବହୁଦିନରୁ ଏହି ଜାଗା ପଡ଼ିଥିବା ବେଳେ ସ୍ଥାନୀୟ ଯେ କୌଣସି ପ୍ରକଳ୍ପ ହେଲେ ସ୍ଥାନୀୟ ଲୋକଙ୍କ ରୋଜଗାର ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେବ ଏହି ଜମି ସରକାରଙ୍କ ଅଧିନରେ ପତିତ କିସମରେ ରହିଛ। ମହାପ୍ରବନ୍ଧଙ୍କ ଏହି ଗସ୍ତରେ ଖୋର୍ଦ୍ଧାରୋଡ ଡିଭିଜିନାଲ୍ ରେଳ ପ୍ରବନ୍ଧକ ରିଙ୍କେଶ ରାୟ, ପିସିଓଏମ୍ ପିକେ ଜେନା, ପିସିଇ ଏନ୍‌ଏସ୍ ଉକେଙ୍କ ସହବହୁ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before the Notary Public, Bhubaneswar, in consequence upon my marriage with Binay Charan Dixit, I, Urmila Debi, has changed my surname from Debi to Dixit. Henceforth, I shall be known as **Urmila Dixit** for all purposes.

**AFFIDAVIT**

By an affidavit before Notary Public, BBSR dt. 21.09.2021, **I Pratham Priyadarshan Mohapatra,** S/o: Bishnu Charan Mohapatra, At-Darakhapatna, Po- Kalyani Nagar, Ps.- Madhupatna, Dist.- Cuttack declared that first name of my son has changed **Debansu Mohapatra to Debanshu Mohapatra** for all purposes.

**ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା: ନୂଆପଡା**

F-146 ଇସ୍ତାହାର ସଂଖ୍ୟା ୨୫୮୪ / ତାରିଖ ୨୧.୦୯.୨୦୨୧

**ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜମମୁଦ ଟେଣ୍ଡର ଆହ୍ୱାନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ। ଟେଣ୍ଡର ଫର୍ମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫର୍ମରେ "M" ଟ. ୨୦୦୦ଙ୍କା ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା.୨୩.୦୯.୨୦୨୧ରିଖ ଠାରୁ ତା.୦୭.୧୦.୨୦୨୧ରିଖ ଘ. ୫.୩୦ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ଓ୍ୱେବସାଇଟ (www.nuapada.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

OIPR-24214/11/0002/2122 ସା/- ତହସିଲଦାର, ବୋଡେନ

**JAN SHIKSHAN SANSTHAN-MAYURBHANJ**
(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)
Skill India

**ADVERTISEMENT**

We are working in the field of Literacy linked vocational skill development training to non/neo literates & rudimentary level education. We are looking for dynamic staff.

| Post | Eligible | Minimum Experience | Openings |
|---|---|---|---|
| Director | Graduate & desirable vocational degree/diploma/experience in skill development sector | 7 years | 1 |
| Programme Officer | Graduate & desirable vocational degree/diploma with experience in skill development sector | 5years | 1 |
| Assistant Project Officer | Graduation or Post graduate (NSQF Level-7) with Experience | 3years | 1 |
| Accountant-Cum-Manager | | 3years | 1 |
| Computer Operator | Intermediate/ Diploma/Graduation | 3Years | 1 |
| Field Assistant-Cum-Clerk | Post Graduation course in information Technology/Computer Science (NSQF Level-5) with Experience | 3years | 1 |
| Driver-Cum-Attendance | School Level Education (NSQF Level-2) | 3years | 1 |

Term and condition: the position shall be filled on contract basis for period of ordinarily not exceeding five years out of which the first year of the first term will be the probation period. Applicant exceeding 55 years may not apply. The board of Management may consider renewal of the contract/extension of the contract period of Director for a further period of five years on expiry of each five year tenure or termination of the scheme whichever is earlier. Outstanding candidates call for interview. Interested candidate apply online by Dt. 27.09.2021 and the shortlisted candidate walk an interview on Dt. 29.09.2021 at 11AM at JSS-Mayurbhanj office.

(*) Trainer required in following sector on contractual basis:

| Sl. No. | Name of Sector | Opening |
|---|---|---|
| 1 | Self Employed Tailor | 2 |
| 2 | Taxi Driver | 1 |
| 3 | Assistant Beauty Therapist | 1 |
| 4 | Beekeeper | 1 |
| 5 | Mushroom Grower (small entrepreneur) | 1 |
| 6 | Electrical Technician | 1 |
| 7 | Jam, Jelly and ketchup Processing Technician | 1 |
| 8 | Bamboo Basket Maker | 1 |
| 9 | Frontline health Worker | 1 |
| 9 | Domestic data entry operator | 1 |
| 10 | Hand Spinning Operator (Traditional Charkha/New Model Charkha/Solar Operated New Model Charkha) | 1 |
| 11 | Field Technician-(Home Appliance) | 1 |

- Candidates have experience on skill development sector.
- Candidates have communication skill on writing and oral.
- Interested candidates have send your Bio-Data form in our Mail Id- jssmayurbhanj@gmail.com and also submit your bio-data in our office **Jan Shikshan Sansthan-Mayurbhanj, At Raghunathpur (Near-Tulasi Mandap) , Baripada, Mayurbhanj-757001 (Odisha)**

Chairman
Jan Shikshan Sansthan
Mayurbhanj






ସକାଳ THE SAKALA
www.sakalaepaper.com


# 'ମିଶନ ଶକ୍ତି ମହିଳାମାନଙ୍କ ଦକ୍ଷତା ବୃଦ୍ଧିର ଏକ ମାଧ୍ୟମ'

ଦିଗପହଣ୍ଡି,୨୨।୯ (ସମିସ)

ରାଜ୍ୟ ସରକାର ଏବେ ମହିଳାମାନଙ୍କ ବିକାଶ କଥା ଚିନ୍ତା କରିଛନ୍ତି। ସେମାନଙ୍କର ଦକ୍ଷତା ବିକାଶ ଓ ସଶକ୍ତିକରଣ ଉପରେ ଫୋକସ୍ କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିବେ। ଏଥିପାଇଁ ମିଶନ୍ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ଦ୍ୱାରା ମହିଳାମାନଙ୍କ ଶିକ୍ଷା, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିବ। ବିଜୁବାବୁଙ୍କ ଶାସନ ସମୟରେ ଏହି ମିଶନ୍‌ର ଭିତ୍ତିଭୂମି ସ୍ଥାପିତ ହୋଇଥିଲା। ଏଥିପାଇଁ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତ ବୃଦ୍ଧି କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସେଥିପାଇଁ ମିଶନ୍ ଶକ୍ତି ଜରିଆରେ ମହିଳାମାନଙ୍କର ସାମଗ୍ରୀକ ବିକାଶ ଦିଗରେ କ୍ରମାଗତ ଉଦ୍ୟମ ଜାରି ରଖିଛନ୍ତି ବୋଲି ଆଜି ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ଦିଗପହଣ୍ଡି ଗସ୍ତରେ ଆସି ବ୍ଲକ ପରିସରରେ ଆୟୋଜିତ ମହିଳା ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ବ୍ଲକର ୧୨୫ ମହିଳା ଆତ୍ମ ସହାୟିକା ଗୋଷ୍ଠୀଙ୍କୁ ୧କୋଟି ୭୬ଲକ୍ଷ ୫୦ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରିଛନ୍ତି। ଏହା ସହ ୨୦ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର୍, ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଉପସ୍ଥିତ ଥିଲେ। ଦିଗପହଣ୍ଡି ବ୍ଲକ ବିଡିଓ ହଳଧର ଶବରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ,



କେ.ହରିବନ୍ଧୁ ରେଡ୍ଡୀ, ସରପଞ୍ଚ ରବି ପାଢୀ, ବି.କ୍ରୀଷ୍ଣାରାଓ ସୁବୁଦ୍ଧି, ବିଭୁତି ଭୂଷଣ ମହାପାତ୍ର, ଭୀମସେନ ସାହୁ, ଚୈତନ୍ୟ ପ୍ରଧାନ, ଏସ୍. ଗାନ୍ଧୀ, ଅସିତ୍ କୁମାର ସାହୁ, ସରୋଜ କୁମାର ଜେନା, ଉମାକାନ୍ତ ବିଷୋୟୀ, ଉଶାନ୍ତ ସାହୁ ଉପସ୍ଥିତ ଥିଲେ। ପରେ ବିଜେଡି କର୍ମୀ ଶିବ ଶଙ୍କର ଗୋସ୍ୱାମୀ ଓ ସ୍ୱର୍ଗତ ଚିନ୍ତାମଣୀ ରଥଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# କୋକଲବାରେ ଗ୍ରାମୀଣ କୌଶଲ୍ୟ ଯୋଜନା ଶିବିର

ଭଞ୍ଜନଗର,୨୨।୯ (ସମିସ): ଜଗନ୍ନାଥପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ କୋକଲବା ଗ୍ରାମ ପଞ୍ଚାୟତରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଅନ୍ତର୍ଗତ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅନୁପ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଏକ ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଯୁବ ଗୋଷ୍ଠୀମାନେ ଏଥିରେ ନାମ ପଞ୍ଜୀକରଣ କରିବା ପରେ ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ତାଲିମ ଦିଆଯାଇ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ପରାମର୍ଶ ଦିଆଯାଇଥିଲା। ଶିବିରରେ କୋକଲବା, ତାରସିଂ, ଗାୟାଗଣ୍ଡା, ରୁଢ଼ାପଦର ପଞ୍ଚାୟତରୁ ୧୦୦ରୁ ଊର୍ଦ୍ଧ୍ୱ ବେକାର ଯୁବକ ଯୁବତୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ୧୮ ରୁ ୩୫ ବର୍ଷର ଯୁବକ ଯୁବତୀଙ୍କ ଲାଗି ଏହି ଯୋଜନା ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରାଯାଉଛି। ଏଥିରେ ଯୁବଗୋଷ୍ଠୀ ଆଗେଇ ଆସି ତାଲିମ ନେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଓଏଲଏମ୍ କର୍ମଚାରୀ ସୂର୍ଯ୍ୟ ନାରାୟଣ ପାତ୍ର, ରଞ୍ଜନ ରାଉତ, ବିବେକାନନ୍ଦ ମହାପାତ୍ର ଉପସ୍ଥିତ ରହି ପରାମର୍ଶ ଦେବା ସହ ପଞ୍ଜୀକରଣ କରାଇଥିଲେ। କୋକଲବା ସରପଞ୍ଚ ନିର୍ମଳ ଚନ୍ଦ୍ର ନାୟକ, ତାରସିଂ ସରପଞ୍ଚ ଲିପିକା ସ୍ୱାଇଁ, ସମିତି ସଭ୍ୟ ଶ୍ରୀକାନ୍ତ ଦଳ ବେହେରା, ସାମାଜିକ କର୍ମୀ ବାଳ ଗୋପାଳ ଦଳ ବେହେରା, ବିଶ୍ୱରଞ୍ଜନ ପଟ୍ଟନାୟକ, ପ୍ରଦୀପ କୁମାର ମୁଳିଙ୍କ ସମେତ ୪ ପଞ୍ଚାୟତର ପିଇଓ, ଜିଆରଏସ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥି ସହିତ କୋକଲବା ପଞ୍ଚାୟତରେ ବିଡିଓ ଶ୍ରୀ ପଣ୍ଡା ଦୋକାନୀମାନଙ୍କୁ ଡଷ୍ଟବିନ୍ ବଣ୍ଟନ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ



ଭଞ୍ଜନଗର,୨୨।୯ (ସମିସ): ଭଞ୍ଜନଗର ନିକଟ ବଡପଡ଼ା ପଞ୍ଚାୟତ ଲୁଦୁଲୁଦି ଗ୍ରାମରେ କୁନିକୁନି କଳାକାରମାନଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ସିନେ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ପାତ୍ର, ଗଞ୍ଜାମ ଲୋକ ନୃତ୍ୟ ସଂଗଠକ ତଥା ସୁପରିଚିତ କଳାକାର କାହ୍ନୁ ଚରଣ ଷଡ଼ଙ୍ଗୀ ଓ ଅମର କୁମାର ଷଢଙ୍ଗୀଙ୍କ ଉପସ୍ଥିତିରେ ଏହା ସମ୍ପାଦନ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ଗାଁରେ ପହଞ୍ଚିଲା ଓଡ଼ିଆ ଶ୍ରମିକଙ୍କ ମରଶରୀର

ଖଲ୍ଲିକୋଟ,୨୨।୯ (ସମିସ)

ଓମାନ୍‌ର ରାଜଧାନୀ ମସ୍କଟରେ ମୃତ ଓଡ଼ିଆ ଶ୍ରମିକ ପ୍ରଦୀପ ପାହାନଙ୍କ ମରଶରୀର ଆଜି ତାଙ୍କ ଗ୍ରାମରେ ପହଞ୍ଚିଛି। ମରଶରୀର ପହଞ୍ଚିବା ପରେ ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ, ମସ୍କଟରେ ପ୍ରଦୀପଙ୍କ ମୃତ୍ୟୁ ସଡ଼କ ଦୁର୍ଘଟଣା ଯୋଗୁଁ ହୋଇଥିଲା। ସେ ସେଠାରେ ଡଲ୍‌ଫିନ୍ ଟ୍ରେଡିଂ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ ଏଲଏଲସି କମ୍ପାନୀରେ କାମ କରୁଥିଲେ। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କମଳାପଦର ଗ୍ରାମର ପ୍ରଦୀପ ପାହାନ ଗତ ୧୪ ତାରିଖରେ ମୋବାଇଲ୍ ରିଚାର୍ଜ କରି ରାଜପଥ ଅତିକ୍ରମ କରୁଥିବା ବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ତାଙ୍କ ଶବକୁ ଜନ୍ମମାଟିକୁ ଫେରାଇ ଆଣିବା ଲାଗି ବାହାରିନ୍ ପ୍ରବାସୀ ଓଡ଼ିଆ ସମାଜର ପ୍ରତିଷ୍ଠାତା ସଭାପତି ଡ.ଅରୁଣ କୁମାର ପ୍ରହରାଜ ପ୍ରୟାସ ଚଳାଇଥିଲେ। ପ୍ରଦୀପଙ୍କ ସମ୍ପର୍କୀୟ ଭାଇ ହର୍ଷ ପାହାନଙ୍କ ଠାରୁ ଖବର ପାଇ ଡ.ପ୍ରହରାଜ ଓମାନ୍‌ରେ ଭାରତୀୟ ଦୂତାବାସ, ଓଡ଼ିଶା ମୁଖ୍ୟମନ୍ତ୍ରୀ, ଓଡ଼ିଶା ମୋ ପରିବାର ଓ କମ୍ପାନୀର ମ୍ୟାନେଜର୍ ପରଭେଜ୍‌ଙ୍କ ସହ ଯୋଗାଯୋଗ କରିଥିଲେ। ବାହାରିନ ଓଡିଆ ସମାଜର ପ୍ରତିଷ୍ଠାତା



ଡକ୍ଟର ପ୍ରହରାଜ ଖୁବ୍‌ଶୀଘ୍ର ପ୍ରଦୀପଙ୍କ ଶବ ଓଡ଼ିଶାରେ ତାଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ପ୍ରୟାସରେ ପ୍ରଦୀପଙ୍କ ମୃତଦେହ ବିମାନ ଯୋଗେ ଆଜି ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିଥିଲା। ସେଠାରୁ ଏକ ମହାପ୍ରୟାଣ ଗାଡ଼ି ଯୋଗେ ସନ୍ଧ୍ୟାରେ ନିଜ ଗ୍ରାମ କମାଳାପଦରରେ ପହଞ୍ଚି ଥିଲା। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ତହସିଲଦାର ରାଜକିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ। ତହସିଲଦାର ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା, ବିଧାୟିକା ୫ହଜାର ଟଙ୍କା ଓ ତୁଳସୀପୁର ସରପଞ୍ଚ ପ୍ରତିନିଧି ତଥା ଯୁବନେତା ଭିକାରୀ ଚରଣ ପାଣ୍ଡି ୧୦ ହଜାର ଟଙ୍କା ସହାୟତା ରାଶି ଶୋକସନ୍ତପ୍ତ ପରିବାରକୁ ପ୍ରଦାନ କରିଥିଲେ। ମୃତ ପ୍ରଦୀପଙ୍କ ବିଧବା ପତ୍ନୀ, ଝିଅ ପୂଜା ଓ ଗୋଟିଏ ପୁଅ, ବୃଦ୍ଧ ବାପା, ମାଆ ରହୁଛନ୍ତି।

## ପାରିବାରିକ କଳହରୁ ଆତ୍ମହତ୍ୟା

କୁଡୁମୁଲୁଗୁମ୍ମା, ୨୨।୯ (ସମିସ)

କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଠୁରିଗୁଡା କଲୋନୀରେ ଘଟିଯାଇଛି ଏକ ଅଘଟଣ । କୋରକୁଣ୍ଡା ଅଞ୍ଚଳର ସନିଆ ମାଢୀ, ପି- ନରସିଂ ମାଢୀ (୩୦) ନାମକ ବ୍ୟକ୍ତି ଜଣକ ନିଜ ଶ୍ୱଶୁର ଘର ଗୁଣ୍ଠୁରିଗୁଡାରେ ପ୍ରାୟ ୪ ମାସ ହେବ ବୁଲିବାକୁ ଆସିଥିଲେ । ଏହି ସମୟ ମଧ୍ୟରେ ସେ ମୁଲ ଲାଗି ସ୍ୱଳ୍ପ ରୋଜଗାର ମଧ୍ୟ କରୁଥିଲେ। କିନ୍ତୁ ଗତକାଲି ନିଜ ସ୍ତ୍ରୀକୁ କିଛି ଟଙ୍କା ଦାବି କରିଥିଲେ ଓ ସେମାନଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିଲା। ଏହାର କିଛି ସମୟ ପରେ ସନିଆ ମାଢୀ ନିଜର ମାନସିକ ଭାରସାମ୍ୟ ହରାଇ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ପରିସରରେ ଥିବା ଏକ ମହୁଲ ଗଛ ଡାଳରେ ଦଉଡ଼ି ଲଗାଇ ଝୁଲିଯାଇଥିଲେ । ନିକଟରେ ଖେଳୁଥିବା କିଛି ପିଲା ଆସି ଗାଁ ଲୋକଙ୍କୁ ଜଣାଇଥିଲେ ଏବଂ ଗାଁ ଲୋକେ ମଧ୍ୟ ତୁରନ୍ତ ଓରକେଲ ଥାନାଧିକାରୀ ଜନ୍ କୁଜୁରଙ୍କୁ ଜଣାଇଥିଲେ। ରାତି ଅଧିକ ହୋଇଥିବାରୁ ସନିଆର ମୃତଦେହ ଆଜି ସକାଳ ୮ ଟା ସମୟରେ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଆଇ.ଆଇ.ସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ କେସ ନମ୍ବର-୨୯/୨୧ ଦାୟର କରି ଘଟଣାର ସବୁ ଦିଗରୁ ଅଧିକ ତଦନ୍ତ ଜାରି ରହିଛି । ଖଇରପୁଟ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ନରସିଂଙ୍କ ମୃତଶବକୁ ବ୍ୟବଚ୍ଛେଦ କରିଛନ୍ତି ଓ ଏହା ପରେ ଉକ୍ତ ମୃତଦେହକୁ ଅନ୍ତିମ ସଂସ୍କାର ନିମନ୍ତେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



କଲ୍ୟାଣସିଂହପୁର,୨୨।୯ (ସମିସ)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସଦର ମହକୁମାରେ ତିନୋଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ବିପଦସଙ୍କୁଳ ଅବସ୍ଥାରେ ବହୁଦିନ ଧରି ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସବୁଜାଣି ଚୁପ ବସିଛନ୍ତି। ଗୋଟିଏ ଟ୍ରନ୍ସଫରମର ଲମ୍ବତାସାହି ରାସ୍ତା କଡ଼ରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିବା ବେଳେ ଅନ୍ୟଟି ରଥ ପଡ଼ିଆରେ ରହିଛି। ସେହିଭଳି ଆଉ ଏକ ଟ୍ରାନ୍ସଫର୍ମର୍ ସରକାରୀ ଉଚ୍ଚ ବିଦ୍ୟାଳୟର ପାଚେରିକୁ ଲାଗି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଲମ୍ବତାସାହି ରାସ୍ତା କଡ଼ରେ ଥିବା ଟ୍ରନ୍ସଫରମରର ଅଳ୍ପ ଦୂରରେ ଏକ ପାଦଚଲା ରାସ୍ତା ରହିଛି ଓ ସେହି ରାସ୍ତାଦେଇ ଅନେକ ଲୋକ ଯାତାୟାତ କରିଥାନ୍ତି। ଖାଲି ଏତିକି ନୁହଁ ଉକ୍ତ ଟ୍ରାନ୍ସଫରମର ପାଖରେ ଏକ ପଡ଼ିଆ ଥିବାରୁ ଗାଇଗୋରୁ ବହୁ ସଂଖ୍ୟାରେ ଚରନ୍ତି। ସେହିଭଳି ବିଦ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫର୍ମର୍ ଟି ବିପଦସଂଙ୍କୁଳ ଅବସ୍ଥାରେ ରହିଛି। ଏହା ନିକଟରେ ଛାତ୍ରଛାତ୍ରୀମାନେ ଖେଳକୁଦ କରିଥାନ୍ତି। ତିନୋଟି ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ଥିଲେମଧ ବିଭାଗ ପକ୍ଷରୁ କୌଣସି ତାରବାଡ଼ କରାଯାଇନି। ଏମିତି ମୁକୁଳା ହୋଇ ରହିଥିବାରୁ କେତେବେଳେ ଅଘଟଣ ଘଟିବ ତାହା କହି ହବନି। ରଥ ପଡିଆରେ ଯେଉଁ ଟ୍ରାନ୍ସଫର୍ମର୍ ରହିଛି ପୁଣି ଏବେ ସେଠାରେ ଏକ ନୂଆ ୧୧ କେଭିର ବଡ଼ ଟ୍ରାନ୍ସଫରମର ରଖାଯାଇଛି। ଯଦି ସେଇ ଜାଗାରେ ଉକ୍ତ ଟ୍ରାନ୍ସଫରମର ଟି ରହିବ ତାହାହେଲ ରଥଯାତ୍ରା ସମୟରେ ରଥ ଟାଣିବାରେ ବାଧା ସୃଷ୍ଟି ହେବ। ତୁରନ୍ତ ରଥ ପଡ଼ିଆରେ ଥିବା ଟ୍ରାନ୍ସଫରମରଟିକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦାବି କରିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଗୁଡିକୁ ବାଡ଼ ଦେବାପାଇଁ ସାଧାରଣରେ ଦାବି ହୋଇଛି।

## ଯୁବକଙ୍କ ଆତ୍ମହତ୍ୟା

**ଆସିକା,୨୨।୯ (ସମିସ):** ଆସିକା ଥାନା ତୋଟା ସାହିର ୨୬ ବର୍ଷୀୟ ଯୁବକ ବିନୁ ଦାସ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛି। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ତଦନ୍ତ ଜାରି ରଖିଛି।

## ନଦୀରେ ବୁଡ଼ି ବୃଦ୍ଧ ନିଖୋଜ

**ନବରଙ୍ଗପୁର, ୨୨।୯ (ସମିସ ) :** ଗାଇ ଚରାଇବାକୁ ଯାଇଥିବା ବୃଦ୍ଧଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବିମଳିଗୁଡା ଗ୍ରାମର ବୃଦ୍ଧ ସଦା ପୂଜାରୀ ସବୁଦିନ ଭଳି ଗାଇ ଚରାଇବାକୁ ଯାଇଥିଲେ କିନ୍ତୁ ସନ୍ଧ୍ୟା ସମୟ ପୂର୍ବରୁ ଗାଇ ଓ ସାଙ୍ଗରେ ଯାଇଥିବା ପୋଷା କୁକୁର ଘରକୁ ଫେରିଥିବା ବେଳେ ସଦା ଆଉ ଘରକୁ ଫେରି ନ ଥିଲେ। ରାତି ହେବା ପରେ ମଧ୍ୟ ବୃଦ୍ଧଙ୍କ କୌଣସି ଖୋଜଖବର ନ ମିଳିବାରୁ ବାଧହୋଇ ପରିବାର ତରଫରୁ ପୋଲିସକୁ ଜଣାଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ସହିତ ନିକଟରେ ଯାଇଥିବା ଇନ୍ଦ୍ରାବତୀ ନଦୀକୁ କୌଣସି କାମ ପାଇଁ ଯାଇଥିବା ବେଳେ ହୁଏତ ନଦୀରେ ବୁଡି ଯାଇଥିବା ଆଶଙ୍କା ପ୍ରକାଶ କରି ନନ୍ଦାହାଣ୍ଡି ଅଗ୍ନିଶମ ବାହିନୀ ତରଫରୁ ନଦୀ ଭିତରେ ସନ୍ଧାନ ଜାରି ରହିଛି।

## ପାନୀୟଜଳ ସମସ୍ୟା ପାଇଁ ବିଡିଓଙ୍କୁ ଦାବିପତ୍ର



**କୋରୁକୋଣ୍ଡା,୨୨।୯ (ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧୀନସ୍ଥ ସୋଲକୋଣ୍ଡା ଗ୍ରାମର ମହିଳା ଆଜି ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ସୋଲକୋଣ୍ଡା ଗ୍ରାମରେ ପ୍ରାୟ ଦୁଇଶହ ପରିବାର ରହି ଆସୁଥିବା ବେଳେ ସେଠାରେ ଦେଖାଦେଇଛି ଜଳ ସମସ୍ୟା। ଦୁଇଶହଟି ପରିବାରକୁ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ତିନୋଟି ନଳକୂପ ଖନନ କରଯାଇଥିଲା ,କିନ୍ତୁ ସେଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିରହିଛି । ସୂଚନା ଅନୁଯାୟୀ ନଳକୂପକୁ ମରାମତି କଲେ ମଧ୍ୟ ସେଥିରୁ ଲୁହାଗୁଣ୍ଡ ମିଶ୍ରିତ ଦୂଷିତ ଜଳ ବାହାରୁଛି ଯାହାକି ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମର ମହିଳା କହିଛନ୍ତି । ଗ୍ରାମରେ ସୋଲାର ସଂଯୋଗ ପାଣିଟାଙ୍କି ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ପରିମାଣରେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ପାରୁନାହିଁ ବୋଲି ଗ୍ରାମର ମହିଳା ଅଭିଯୋଗ କରିଛନ୍ତି। ଯାଦ୍ୱାରା ଗ୍ରାମବାସୀ ଡ୍ୟାମ୍ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ବାଧ ହେଉଛନ୍ତି । ସୂଚନା ଅନୁଯାୟୀ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଜଣାଇବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମର ମହିଳା ଅଭିଯୋଗ କରିଛନ୍ତି । ପାନୀୟ ଜଳ ସମସ୍ୟାର ସମାଧାନ ତୁରନ୍ତ କରା ନ ଗଲେ, ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ସମୂହ ଧାରଣା ପ୍ରଦର୍ଶନ କରାଯିବ ବୋଲି ଗ୍ରାମର ମହିଳାମାନେ ମତ ପ୍ରକାଶ କରିଛନ୍ତି ।

## ଜାଲ୍ ଜାତିଗତ ପ୍ରମାଣପତ୍ରରେ ଅଙ୍ଗନବାଡ଼ି ଚାକିରି ଘଟଣା

# ତହସିଲଦାରଙ୍କୁ ତଦନ୍ତ ଦାୟିତ୍ୱ

ଜୟପୁର,୨୨।୯ (ସମିସ)

କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ବାରିଣିପୁଟ ପଞ୍ଚାୟତର ନୂଆଗୁଡା ଗ୍ରାମରେ ଜାଲ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରି ଜଣେ ଅଙ୍ଗନବାଡି ମହିଳା କର୍ମୀ ଭାବେ ଚାକିରି ପାଇଥିବା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ଯୋଗୁଁ ଜୟପୁର ଉପଜିଲ୍ଲାପାଳ ହେମକାନ୍ତ ସୟ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ତଦନ୍ତ କରିବା ସହିତ ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତବେଳେ ଅଭିଯୋଗର ସତ୍ୟାସତ୍ୟ ନେଇ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ସୟ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଜୟପୁର ବ୍ଲକ ଓ ପୌରାଞ୍ଚଳର ୧୧ଟି ଅଙ୍ଗନବାଡି କେନ୍ଦ୍ରରେ ମହିଳା କର୍ମୀ ପାଇଁ ଗତ ଜୁଲାଇ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିବା ପ୍ରଥମେ ଅନୁସୂଚିତ ଜନଜାତିର ମହିଳା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। କିନ୍ତୁ ଉପଯୁକ୍ତ ପ୍ରାର୍ଥୀ ନ ମିଳିଲେ ପର୍ଯ୍ୟାୟ କ୍ରମେ ଅନୁସୂଚିତ ଜାତି, ପଛୁଆବର୍ଗ ଏବଂ ସାଧାରଣ ବର୍ଗ ମହିଳା ପ୍ରାର୍ଥୀଙ୍କୁ ଚୟନ କରାଯିବ । କିନ୍ତୁ ନୂଆଗୁଡା ଗ୍ରାମରେ ଜୋଲି ଖୋସଲା ଓରଫ ହିଆଲ ନାମ୍ନୀ ଜଣେ ମହିଳା ପ୍ରାର୍ଥିନୀ ଜଣେ ପଛୁଆବର୍ଗର ମହିଳା ହୋଇଥିବା ବେଳେ ବେଆଇନ ଭାବେ ଅନୁସୂଚିତ ଜାତିର ପ୍ରମାଣପତ୍ର ଯୋଗାଡ କରି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରର ମହିଳା କର୍ମୀ ଚାକିରି ହାତେଇ ନେଇଥିଲେ। ପ୍ରଥମେ ଏନେଇ ଅନ୍ୟତମ ଆବେଦନକାରୀ ପ୍ରାର୍ଥିନୀ ପଦ୍ମା ହରିଜନ ଏବଂ ଗ୍ରାମବାସୀ ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଶେଷରେ ଗତ ସୋମବାର ଜିଲ୍ଲା ଡମ ସଂଗଠନକ ସାଧାରଣ ସମ୍ପାଦକ ମଙ୍ଗଳଦାନ ଖିଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିନେଇ ବୁଧବାର ଦୈନିକ 'ସକାଳ' ଖବରକାଗଜରେ ବିସ୍ତୃତ ଭାବେ ଖବର ପ୍ରକାଶିତ ହୋଇଥିଲା। ଘଟଣାଟି ଅଧିକ ସମ୍ବେଦନଶୀଳ ହୋଇଥିବା ଯୋଗୁଁ ଉପଜିଲ୍ଲାପାଳ ତୁରନ୍ତ ଏଥିନେଇ ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ଶ୍ରମବିଭାଗ ପାଖରେ ଖବର ନାହିଁ, ତଦନ୍ତ ଦାବି

# ଦାଦନ ଖଟିବାକୁ ଯାଇ ୧୮ ଶ୍ରମିକ ନିର୍ଯାତନାର ଶିକାର

**ଗୁଣୁପୁର,୨୨।୯ (ସମିସ):** ପୁଣି ସାମନାକୁ ଆସିଛି ଦାଦନ ଦୁଃଖ। ସ୍ଥାନୀୟ ଅଞ୍ଚଳରେ କୌଣସି କାମଧନ୍ଦା ନ ପାଇ ଗୁଣୁପୁର ବ୍ଲକ୍ର ଦୁର୍ଗମ ପୁଟାସିଂ, ପିଣ୍ଡାଗୁଡି, ପଦ୍ମପୁର ଅଞ୍ଚଳର ପ୍ରାୟ ୧୮ଜଣ ଶ୍ରମିକ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ୱେଷ୍ଟ ଗୋଦାବରୀ ଜିଲ୍ଲା ଭୀମବାରମ ଅଞ୍ଚଳର ଜାକାରାମରେ ଥିବା ଏକ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟକୁ ଯାଇଥିଲେ। ସେଠାରେ ସେମାନଙ୍କୁ କାମ କରାଇ ଟଙ୍କା ନ ଦେଇ ଅକଥନୀୟ ନର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଟଙ୍କା ମାଗିବାରୁ ନିର୍ଯାତନା ଦେବାର ଭିଡିଓ କିଛି ଶ୍ରମିକ ଉଠାଉଥିବା ବେଳେ, ସେମାନଙ୍କୁ ଏକ ଘରେ ପୁରାଇ ମାଡ଼ ମାରିଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଏକ ଭିଡ଼ିଓ ମାଧ୍ୟମରେ ଅନୁରୋଧ କରିଛନ୍ତି ଫସି ରହିଥିବା ଏହି ଶ୍ରମିକମାନେ। ୧୮ ଜଣ ଶ୍ରମିକ ମଧ୍ୟରେ ୪ ଜଣ ମହିଳା ଥିବା ଜଣାପଡ଼ିଛି। ଏହି ଶ୍ରମିକମାନେ ତିନି ମାସ ତଳେ କିଛି କାମଧନ୍ଦା ନପାଇ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ନିର୍ଯାତନାର ଶିକାର ହେବାପରେ ପୁଟାସିଂ ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀକୁ ଫୋନଯୋଗେ ସମସ୍ତ ଘଟଣା କହିଥିଲେ। ସ୍ୱାମୀ ତ୍ରିନାଥ ଦଳେଇ ପୁଟାସିଂରୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ବାହାର ଲୋକଙ୍କୁ ପ୍ରବେଶ ଅନୁମତୀ ନଥିବାରୁ ତ୍ରିନାଥଙ୍କ ସ୍ତ୍ରୀ ଫ୍ୟାକ୍ଟ୍ରି ଭିତରେ ସୁପରଭାଇଜରଙ୍କୁ କହି କାମ କରିବା ସକାଶେ ତ୍ରିନାଥଙ୍କୁ ୯ ତାରିଖରେ ଭିତରକୁ ପ୍ରବେଶ କରାଇଥିଲେ। ତ୍ରିନାଥ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କୁ ନିର୍ଯାତନା ଦେଉଥିବା ଭିଡିଓ ମୋବାଇଲ୍ରେ ଉଠାଇଥିଲେ। ଏହି ଘଟଣା ଫ୍ୟାକ୍ଟ୍ରି ମାଲିକ ଓ ସୁପରଭାଇଜର ଜାଣି ତ୍ରିନାଥ ଦଳେଇ ଓ ଆଉଜଣେ ଶ୍ରମିକକୁ ଗୋଟିଏ ରୁମ୍ ଭିତରେ ରଖି ଦୁଇଘଣ୍ଟା ଧରି ବାଡେଇଥିଲେ। ଏହାପରେ ରୁମ୍ ବାହାରେ କବାଟ ଦେଇ ଚାଲିଯାଇଥିଲେ। ତ୍ରିନାଥଙ୍କ ସ୍ତ୍ରୀ ରୁମ୍ ଭିତରୁ ତାଙ୍କ ସ୍ୱାମୀ ଓ ଜଣେ ଶ୍ରମିକଙ୍କୁ ମୁକୁଳାଇଥିଲେ। ସେମାନଙ୍କୁ ମାରିଦେବା ଭୟରେ ଶ୍ରମିକ ମାନେ ପାଖ ଜଙ୍ଗଲକୁ ଲୁଚିକି ପଳାଇଥିଲେ। ପରେ ଆନ୍ଧ୍ର ୧୦୦ ନମ୍ବରକୁ ଯୋଗାଯୋଗ କରି ପୁଲିସକୁ ଖବର ଦେଇଥିଲେ। ସେଠାକାର ପୁଲିସ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ତଦନ୍ତ କରିଥିଲେ। ପରେ ଫ୍ୟାକ୍ଟ୍ରି ମାଲିକଙ୍କୁ ଶ୍ରମିକ ମାନଙ୍କ ପାରିଶ୍ରମିକ ଦେବାକୁ ପୁଲିସ୍ କହିଥିଲେ। ପୁଲିସ କହିବା ସ୍ୱତ୍ତ୍ୱେ ଦାଦନ ଶ୍ରମିକଙ୍କ ପ୍ରାପ୍ୟ ଟଙ୍କା ନଦେଇ କମ୍ ଟଙ୍କା ଦେଇଥିବା କହିଛନ୍ତି ଦାଦନ ଶ୍ରମିକ। ଏହି ଘଟଣା ଉପରେ ଶ୍ରମ ବିଭାଗ ପାଖରେ ଖବର ନାହିଁ। ଏନେଇ ଗୁଣୁପୁର ସହକାରୀ ଶ୍ରମ ଅଧିକାରୀଙ୍କୁ ଅବଗତ କରାଇବାରୁ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ, ତଥାପି ଅନୁସନ୍ଧାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।





## ଗଞ୍ଜାମର ବିକାଶ ମଡେଲ ବୁଲି ଦେଖିଲେ ବିଭିନ୍ନ ଜିଲ୍ଲାର ଅଧିକାରୀ

# ପ୍ରଥମ ଦିନରେ ଆସିଲେ କଳାହାଣ୍ଡି, ବୌଦ୍ଧ ଓ ଖୋର୍ଦ୍ଧା ଜିଲ୍ଲାର ୬୬ ଅଧିକାରୀ


ଛତ୍ରପୁର


ଦିଗପହଣ୍ଡି

**ଛତ୍ରପୁର,୨୨।୯ (ସମିସ)**

ଗଞ୍ଜାମର ବିକାଶ ମଡେଲକୁ ଓଡ଼ିଶାର ଅନ୍ୟ ସମସ୍ତ ୨୯ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗଞ୍ଜାମ ଜିଲ୍ଲାରେ ୫-ଟି ପ୍ଲାଟଫର୍ମ ମାଧ୍ୟମରେ ହୋଇଥିବା ଏବଂ ଚାଲିଥିବା ବିକାଶମୂଳକ ଉନ୍ନୟନ କାର୍ଯ୍ୟକୁ ୨୯ଟି ଜିଲ୍ଲାର ଡିଆରଡିଏ ପିଡି, ବିଡିଓ ଓ ସହକାରୀ ଯନ୍ତ୍ରୀମାନେ ଆଜିଠାରୁ ଅକ୍ଟୋବର ୨୫ ତାରିଖ ପର୍ଯ୍ୟନ୍ତ ୧୨ଟି ପର୍ଯ୍ୟାୟରେ ୨୯ ଜିଲ୍ଲାର ୭୨୧ ଜଣ ଅଧିକାରୀ ଏବଂ ଷ୍ଟାଫ୍ ଗଞ୍ଜାମ ଜିଲ୍ଲା ପରିଦର୍ଶନ କରିବା ନିମନ୍ତେ ଧାର୍ଯ୍ୟ ହୋଇଛି। ଆଜି ପ୍ରଥମ ଦିନରେ କଳାହାଣ୍ଡି, ବୌଦ୍ଧ ଓ ଖୋର୍ଦ୍ଧା ଜିଲ୍ଲାର ୬୬ଜଣ ଅଧିକାରୀ ଗଞ୍ଜାମ ଗସ୍ତରେ ଆସି ତିନୋଟି ଟିମ୍‌ରେ ବିଭକ୍ତ ହୋଇ ଜିଲ୍ଲାରେ ଚାଲିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ପର୍ଯ୍ୟଟନ, ସର୍କିଟ, ପୋଖରୀ ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ, ଗ୍ରାମାଞ୍ଚଳ ମଡେଲ ପାର୍କ, ମିଶନ ଶକ୍ତି ବିଲଡିଂ, ଗ୍ରାମରେ ପ୍ରତିଷ୍ଠା ହୋଇଥିବା ଜିମ୍, କ୍ୟାଟେଲ ହଷ୍ଟେଲ, ବିଜୁ ପଞ୍ଚାୟତ ପାଠାଗାର, ମଡେଲ ପୋଖରୀ, ଅଙ୍ଗନବାଡି କେନ୍ଦ୍ର, ଭ୍ୟୁ ପଏଣ୍ଟ, କଲ୍ୟାଣ ମଣ୍ଡପ, ଦେଶୀ କୁକୁଡା ଫାର୍ମ, ସ୍କୁଲ ରୁପାନ୍ତିକରଣ କାର୍ଯ୍ୟକ୍ରମରେ ମଡେଲ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ବୁଧବାର ଅପରାହ୍ନରେ ଛତ୍ରପୁର ଆସି ଡିଆରଡିଏ ସ୍ଥିତ ଗଞ୍ଜାମ ହାଟ ବୁଲି ଦେଖିବା ସହ ଜିଲ୍ଲାର ଏସଏଚଜି ମା'ମାନେ କରିଥିବା ବିଭିନ୍ନ ସାମଗ୍ରୀ ତନଖି ଦେଖିଥିଲେ। ପରେ ସ୍ଥାନୀୟ ଜିଲ୍ଲା ପରିଷଦ ଭବନ ପରିସରରେ ଥିବା ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଅଧିକାରୀମାନେ ଯୋଗ ଦେଇ ଜିଲ୍ଲାରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଡିଆରଡିଏ ପିଡି (ଗଞ୍ଜାମ) ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଏପିଡି ଜ୍ୟୋତି ଶଙ୍କର ରାୟ, କଳାହାଣ୍ଡି ଜିଲ୍ଲାର ଡିଆରଡିଏ ପିଡି ସୋମ୍ୟ ଉପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲାର ଡିଆରଡିଏ ପିଡି ଦିଗନ୍ତ ରାଉତରାୟ, ବୌଦ୍ଧ ଜିଲ୍ଲାର ଡିଆରଡିଏ ପିଡି ବବିତାରାଣୀ ଦଳ ବେହେରାଙ୍କ ସମେତ ତିନୋଟି ଜିଲ୍ଲାର ଆସିଥିବା ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସ୍ମାର୍ଟ କ୍ଲାସ୍ ପରିଦର୍ଶନ

**ଶେରଗଡ଼,୨୨।୯ (ସମିସ):** ରାଜ୍ୟ ସରକାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ଉଚ୍ଚ ବିଦ୍ୟାଳୟଗୁଡିକୁ ସ୍ମାର୍ଟ କ୍ଲାସରେ ରୂପାନ୍ତରିତ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନେଇଛନ୍ତି। ଏହି ପରିବର୍ତ୍ତନ ଦ୍ୱାରା ଅଭିଭାବକଙ୍କ ମୁହଁରେ ହସ ଫୁଟିବା ସହ ନିଜ ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ହୋଇପାରିବ ବୋଲି ଆଶାବାଦୀ ଅଛନ୍ତି। ଛାତ୍ରଛାତ୍ରୀ ଏହି ସ୍ମାର୍ଟ କ୍ଲାସରେ ପଢ଼ି ନିଜ ଆଶା ପୂରଣ କରିବେ ଏବଂ ଶିକ୍ଷା କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର କରିପାରିବେ। ଏହି ଅବସରରେ ଆଜି କଳାହାଣ୍ଡି ଓ ବୌଦ୍ଧ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଶେରଗଡ଼ ବ୍ଲକ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଓ ନରେନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ନବନିର୍ମିତ ସ୍ମାର୍ଟ କ୍ଲାସକୁ ଦେଖି ଉତ୍ସାହିତ ହୋଇଥିଲେ। ଅଧିକାରୀମାନଙ୍କ ସହ ଶେରଗଡ଼ ବ୍ଲକ ବିଡ଼ିଓ ଶମ୍ଭୁନାଥ ନନ୍ଦୀ, ସହକାରୀ ଯନ୍ତ୍ରୀ କେଦାର ନାଥ ପଣ୍ଡା, ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପଟ୍ଟନାୟକ, ସରପଞ୍ଚ ପ୍ରତିନିଧି ବାଲାଜୀ ପ୍ରଧାନ ଉପସ୍ଥିତ ଥିଲେ। ଅଧିକାରୀମାନେ ସ୍ମାର୍ଟ କ୍ଲାସର ନିର୍ମାଣ ବିଷୟରେ ସେମାନଙ୍କ ଆଲୋଚନା କରିଥିଲେ।

### ସାନଖେମୁଣ୍ଡିରେ ପରଖିଲେ ବିକାଶ ମଡେଲ

**ସାନଖେମୁଣ୍ଡି,୨୨।୯ (ସମିସ):** ସନଖେମୁଣ୍ଡି ବ୍ଲକର ବିକାଶ ଓ ମଡେଲ ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ପାଖରେ ସରକାରଙ୍କ ମୌଳିକ ସୁବିଧା କିଭଳି ପହଞ୍ଚୁଛି ଏବଂ କିଭଳି କାର୍ଯ୍ୟକାରୀ ହେଉଛି ପରଖିବା ପାଇଁ ବୁଧବାର କଳାହାଣ୍ଡି ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଜିଲ୍ଲାର ୧୩ଟି ବ୍ଲକର ବିଡିଓ ଏବଂ ସହକାରୀ ଯନ୍ତ୍ରୀ ସନଖେମୁଣ୍ଡି ବ୍ଲକ ଗ୍ରସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପ୍ରଥମେ ହାଟପଦା ପୋଖରୀର ସୌନ୍ଦର୍ଯ୍ୟ କରଣ, ପାଟପୁର ଗାନ୍ଧିଛକ ମଡେଲ ଟେଙ୍କ, ଜିଉରାରେ କରାଯାଇଥିବା ରୁରାଲ ପାର୍କ ସୌନ୍ଦର୍ଯ୍ୟକରଣ, ପୋଖରୀରେ ଆଲୋକୀକରଣ ଦେଖିଥିଲେ। ଏହାପରେ ଆଡ଼ପଡ଼ା ପଞ୍ଚାୟତରେ ରୁରାଲ ପାର୍କ ଦେଖିବା ସହ ପାର୍କ ମନରେଗା ଯୋଜନାରେ କିଭଳି କାମ କରାଯାଇଛି ଓ ଏହାର ରକ୍ଷଣାବେକ୍ଷଣ କିଭଳି କରାଯାଉଛି ପଚାରି ବୁଝିଥିଲେ। ପରେ ଖାଲିଙ୍ଗୀ ପଞ୍ଚାୟତରେ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପର ସୌନ୍ଦର୍ଯ୍ୟକରଣ ଓ ପୋଖରୀର ମଡେଲ ଦେଖିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ କହିବାନୁଯାୟୀ ଲୋକାଭିମୁଖୀ ଯୋଜନା ଏବଂ ବିକାଶ ଗ୍ରାମାଞ୍ଚଳରେ କିଭଳି ଭାବେ କାର୍ଯ୍ୟକାରୀ ହେଉଛି ତାହା ନିଜ ନିଜ ଜିଲ୍ଲାରେ ଉନ୍ନତିକରଣ କରିବା ପାଇଁ ଏହି ଗସ୍ତ କାର୍ଯ୍ୟକ୍ରମ ରହିଛି। ପଦାଧିକାରୀଙ୍କ ଗସ୍ତ ସମୟରେ ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକଙ୍କ ସମେତ ବ୍ଲକ କର୍ମଚାରୀ ପଞ୍ଚାୟତ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ

**ଆସିକା,୨୨।୯ (ସମିସ):** ଆସିକା ବ୍ଲକ ବରଗାଁ ଗ୍ରାମପଞ୍ଚାୟତର ଦୁଇ ମଡେଲ ଅଙ୍ଗନବାଡ଼ି କେନ୍ଦ୍ରକୁ ଅନ୍ୟ ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ପରିଦର୍ଶନ କରିଛନ୍ତି। ଆସିକା ୫ଜଣିଆ ଟିମ୍ ପରିଦର୍ଶନରେ ଆସିଥିଲେ। ବରଗାଁ ପଞ୍ଚାୟତର ଦୁଇ ମଡେଲ ଅଙ୍ଗନବାଡି କେନ୍ଦ୍ର ନିର୍ମାଣରେ ପ୍ରାୟ ୧୬ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ସ୍ଥାନୀୟ ସମିତି ସଭ୍ୟ ଶିବ ନାହାକଙ୍କ ଉଦ୍ୟମରେ ବରଗାଁ ପଞ୍ଚାୟତକୁ ସରସ ସୁନ୍ଦର କରିବା ପାଇଁ ଚେଷ୍ଟା ଚାଲିଥିବାରୁ ଏହି ଟିମ୍ ପ୍ରଶଂସା କରିଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଆସିକା ବିଡିଓ ରୋଶନ କୁମାର ଶତପଥୀ, ସିଡିପିଓ ଭାରତୀ ମହାପାତ୍ର, ଅଙ୍ଗନବାଡ଼ି ସୁପର ଭାଇଜର ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ପରେ କାଳକଣ୍ଠପୁର ଗ୍ରାମ ପଞ୍ଚାୟତ ଓ ତୁମ୍ବ ଠେଙ୍ଗାପଲ୍ଲୀର ଉନ୍ନୟନମୂଳକ କାର୍ଯ୍ୟ ଦେଖି ଫେରିଥିଲେ।

### କାଳେଶ୍ୱର ମଡେଲ ପାର୍କ ପରିଦର୍ଶନ

**ପୁରୁଷୋତ୍ତମପୁର,୨୨।୯ (ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡଖରିଡା ଗ୍ରାମରେ ପ୍ରାୟ ଦୁଇ କୋଟି ଟଙ୍କା ଅଟକଳରେ ନିର୍ମାଣ ହୋଇଥିବା କାଳେଶ୍ୱର ମନ୍ଦିର ମଡେଲ ପାର୍କକୁ ଖୋର୍ଦ୍ଧା ଜିଲ୍ଲା ଡିଆରଡିଏର ପିଡି ଦିଗନ୍ତ କୁମାର ରାଉତରାୟଙ୍କ ସହ ୯ ଜଣ ବିଡିଓ, ୯ ଜଣ ସହକାରୀ ଯନ୍ତ୍ରୀଙ୍କ ସମେତ ୩୩ ଜଣ ଅଧିକାରୀ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଛତ୍ରପୁର ଉପ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ବିଡିଓ ବିଜୟ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୫ ପଞ୍ଚାୟତର ବିକାଶ କାର୍ଯ୍ୟ ଦେଖିଲେ

**ଦିଗପହଣ୍ଡି,୨୨।୯ (ସମିସ):** ଗଞ୍ଜାମ ଜିଲ୍ଲାରେ ମନରେଗା ମାଧ୍ୟମରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକୁ ସମଗ୍ର ଓଡ଼ିଶା ପାଇଁ ଫୋକସ୍ କରାଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକରେ କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପ ଦ୍ୱାରା କେତେ ପରିମାଣରେ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ତାହା ଉପରେ ରାଜ୍ୟ ସରକାର ତୃଣମୂଳ ସ୍ତରୀୟ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି କ୍ରମରେ ଆଜି କଳାହାଣ୍ଡି ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ସମେଶ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ୧୩ଟି ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ ସର୍ବମୋଟ ୬୬ ଜଣ ପ୍ରଶାସନିକ ସହଯୋଗୀ ଆଜି ଦିଗପହଣ୍ଡି ବ୍ଲକ ଗ୍ରସ୍ତରେ ଆସିଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟକୁ ଦେଖି ଖୁସି ହୋଇଛନ୍ତି। ସେମାନେ ୬ଟି ପଞ୍ଚାୟତ ପରିଦର୍ଶନ କରିଥିଲେ। ପ୍ରଥମେ କୋଟିନଡା ପଞ୍ଚାୟତରେ ନୂତନ ଭାବେ ନିର୍ମାଣ ହୋଇଥିବା ପଞ୍ଚାୟତ ଅଫିସ୍ ବୁଲି ଦେଖିଥିଲେ। ପରେ ସିଦ୍ଧେଶ୍ୱର ପଞ୍ଚାୟତର ଆଦର୍ଶ ପୁଷ୍କରଣୀ, ଗ୍ରାମ୍ୟ ପର୍ଯ୍ୟଟନ ପ୍ରକଳ୍ପ, ଆଦର୍ଶ ଗାଈ ଗୁହାଳ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ସେଠାରୁ ବିଏଲ୍‌ପୁର ପଞ୍ଚାୟତରେ ହୋଇଥିବା ଆଦର୍ଶ ପୁଷ୍କରିଣୀ ଓ ଗ୍ରାମ୍ୟ ପର୍ଯ୍ୟଟନ ପ୍ରକଳ୍ପକୁ ଦେଖି ଖୁସି ହୋଇଥିଲେ। ସେଠାରୁ ଗୌଡଗାଁ ପଞ୍ଚାୟତକୁ ଯାଇ ନୂତନ ଭାବେ ନିର୍ମାଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ର କୋଠା କାର୍ଯ୍ୟକୁ ପରଖିଥିଲେ। ବମକେଇ ପଞ୍ଚାୟତକୁ ଯାଇ ଦେଶୀ କୁକୁଡା ଫାର୍ମ ଉନ୍ନୟନ ପ୍ରକଳ୍ପକୁ ଦେଖିବା ସହ ଆଙ୍କୋରଡା ପଞ୍ଚାୟତ ନବନିର୍ମିତ ମିଶନ୍ ଶକ୍ତି କୋଠାକୁ ଦେଖିଥିଲେ। ସେମାନଙ୍କ ସହ ଗଞ୍ଜାମ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଦିଗପହଣ୍ଡି ବ୍ଲକ ବିଡିଓ ହଳଧର ଶବର, ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ନମିତା କୁମାରୀ ବିଷୋୟୀ, ପ୍ରତିନିଧି ଉମାକାନ୍ତ ବିଷୋୟୀ, ସିଦ୍ଧେଶ୍ୱର ସରପଞ୍ଚ ଅନୀତା କୁମାରୀ ସ୍ୱାଇଁଙ୍କ ପ୍ରତିନିଧି ସରୋଜ କୁମାର ଜେନା, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ଅସିତ୍ କୁମାର ସାହୁ, ବିଲ୍‌ଏନ୍‌ପୁର ସରପଞ୍ଚ ସୁଲତା ସାହୁଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ସାହୁ, ଗୌଡ଼ ଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ବମକେଇ ସରପଞ୍ଚ ପ୍ରତିନିଧି ଭଗବାନ ବାଡତ୍ୟା ଓ ଆଙ୍କୋରଡା ସରପଞ୍ଚ ଉଷାନ୍ତ ସାହୁ ସାମିଲ ଥିଲେ। ଆସନ୍ତା ୨୭ ତାରିଖ ଦିନ ବଡଗଡ଼ ଜିଲ୍ଲାର ସମସ୍ତ ପ୍ରଶାସନିକ ଟିମ୍ ଏହି ବ୍ଲକ ପରିଦର୍ଶନରେ ଆସିବେ ବୋଲି ବିଡିଓ ଶ୍ରୀ ଶବର ସୂଚନା ଦେଇଛନ୍ତି।


ପୁରୁଷୋତ୍ତମପୁର


ଆସିକା

## ବିଦ୍ୟୁତ ଆଘାତରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଭେଟିଲେ ବିଧାୟକ

**ବାଲିଗୁଡ଼ା,୨୨।୯ (ସମିସ):** ବାଲିଗୁଡା ଥାନା ଅନ୍ତର୍ଗତ ମହାସିଙ୍ଗି ଗ୍ରାମର ବିଦ୍ୟୁତ ତାର ଲାଗି ମୃତ୍ୟୁବରଣ କରି ଥିବା ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେଇଛନ୍ତି ବାଲିଗୁଡା ବିଧାୟକ। ଗତ ସେପ୍ଟେମ୍ବର ୧୧ତାରିଖରେ ଗାଁ ପାଖ ସୁରୁବାଲିରେ ଗଛ ଡାଳ କାଟିବା ସମୟରେ ବିଦ୍ୟୁତ ତାର ଲାଗିଯିବାରୁ ଉଦ୍ଧବ ବିନ୍ଧାଣିଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଏନେଇ ବାଲିଗୁଡ଼ା ବିଧାୟକ ଚକ୍ର ମଣି କହଁର ଉଦ୍ଧବଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ରହିଥିବା ସୁବିଧା ସୁଯୋଗ ପ୍ରଦାନ କରିବା ଲାଗି ପ୍ରଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବାପାଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ

**ଭଞ୍ଜନଗର,୨୨।୯ (ସମିସ):** ବୃଦ୍ଧ ବାପା ମାଆଙ୍କୁ ଦାୟିତ୍ୱହୀନ ସନ୍ତାନମାନେ ବୃଦ୍ଧାଶ୍ରମରେ ଛାଡିବାର ବହୁ ନଜିର୍ ରହିଛି। ଅନେକ ଆଜ୍ଞାଧୀନ ସନ୍ତାନ ସନ୍ତତିମାନେ ବାପା ମାଆଙ୍କ ନିଃସ୍ୱାର୍ଥ ସେବା କରିଥିବାର ଉଦାହରଣ ଦେଖିବାକୁ ମିଳୁଛି। ଅନେକ ପୁଅ ଝିଅ ବାପା ମାଆଙ୍କ ମୃତ୍ୟୁ ପରେ ମଧ୍ୟ ସେମାନଙ୍କୁ ଭୁଲି ନପାରି ସେମାନଙ୍କ ଜନ୍ମତିଥି ଏବଂ ଶ୍ରାଦ୍ଧ ଦିବସକୁ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରିଥାନ୍ତି। ଆଜି ଭଞ୍ଜନଗର ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଚାଲିଥିବା ଖବର ପାଇ ବେଲଗୁଣ୍ଠା ଚଷା ସାହିର ଡମ୍ବରୁଧର ଜେନା ନିଜ ବାପାଙ୍କ ଶ୍ରାଦ୍ଧ ସାରି ଭଞ୍ଜନଗର ଆସି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଡମ୍ବରୁଧରଙ୍କ ଏହି କାର୍ଯ୍ୟକୁ ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଗାଙ୍ଗପୁର ଥାନା ଅଧିକାରୀ ଧୀରେଶ୍ କୁମାର ଦାଶ, ବେଲଗୁଣ୍ଠା ଏନ୍‌ଏସି ନିର୍ବାହୀ ଅଧିକାରୀ ରାକେଶ ପାତ୍ର ପ୍ରଶଂସା କରିଥିଲେ।

● ଖମ୍ବରୀଗାଁରେ ଜ୍ୱର ଆତଙ୍କ

## ୫ ଡେଙ୍ଗୁ ପଜିଟିଭ ଆନ୍ଧ୍ର ଚିକିତ୍ସାଳୟରେ ଭର୍ତ୍ତି

**ପାତ୍ରପୁର,୨୨।୯ (ସମିସ):** ପାତ୍ରପୁର ବ୍ଲକ ଖମ୍ବରୀଗାଁ ଗ୍ରାମରେ ଜ୍ୱର ଆତଙ୍କ ଦେଖା ଦେଇଛି। ଗ୍ରାମର ଅଧିକାଂଶ ଯୁବତୀ ଓ ଯୁବକ ଜ୍ୱରରେ ଆକ୍ରାନ୍ତ ହୋଇ ସାମାନ୍ତିଆପଲ୍ଲୀ, ପାତ୍ରପୁର ଓ ଆନ୍ଧ୍ରର ଇଛାପୁର, ସୋମପେଣ୍ଟରେ ଚିକିତ୍ସା ହେଉଛନ୍ତି। ବୁଧବାର ଗ୍ରାମର ପାଞ୍ଚ ଜଣ ବ୍ୟକ୍ତି ଡେଙ୍ଗୁ ପଜିଟିଭ ଥିବା ଜଣାପଡ଼ିଛି। ସମ୍ପୃକ୍ତ ଆକ୍ରାନ୍ତମାନେ ଆନ୍ଧ୍ର ଇଛାପୁରର ଭବାନୀ ଓ ମହାଲକ୍ଷ୍ମୀ କ୍ଲିନିକରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଗୋଟିଏ ଦିନରେ ୫ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଖବର ଜଣା ପଡ଼ିବା ପରେ ଗ୍ରାମରେ ଆତଙ୍କ ଖେଳି ଯାଇଛି।

## ବାଚସ୍ପତିଙ୍କ ଦ୍ୱାରା ୧୨୪ ଏସ୍‌ଏଚ୍‌ଜିଙ୍କୁ ଋଣ ବଣ୍ଟନ

**କୁକୁଡାଖଣ୍ଡି,୨୨।୯ (ସମିସ):** ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଆଜି କୁକୁଡାଖଣ୍ଡି ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ କୁକୁଡାଖଣ୍ଡିର ୧୨୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୨କୋଟି ୫୫ଲକ୍ଷ ୯୮ ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। ମହିଳାମାନେ ସଶକ୍ତୀକରଣ ହେବା ଏବଂ ନିଜ ପରିବାରର ଆର୍ଥିକ ସ୍ଥିତି ବଢ଼ାଇବା ପାଇଁ ଏହି ଋଣ ବ୍ୟବସ୍ଥା କରାଯାଇଛି ବୋଲି ବାଚସ୍ପତି କହିଥିଲେ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅନୁନ୍ୟ ୧୦୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ଋଣ ପ୍ରଦାନ କରିବା ବ୍ୟବସ୍ଥା ପାଇଁ କର୍ତ୍ତୃପକ୍ଷଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ।



## ଖାରିଆ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ




**ଆସିକା,୨୨।୯ (ସମିସ):** ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ଏବେଠୁ ଆରମ୍ଭ ହେଲାଣି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ତରଫରୁ ପଞ୍ଚାୟତକୁ ପଞ୍ଚାୟତ ଯାଇ କର୍ମୀ ସମ୍ମିଳନୀ ସହ ମିଶ୍ରଣ ପର୍ବ। ବୁଧବାର ଆସିକା ବ୍ଲକ ଖାରିଆ ପଞ୍ଚାୟତରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଖାରିଆ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲିବା ସହ ଉଦ୍‌ଘାଟନ କରିଥିଲେ। ସେଠାରେ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଆସିକା ସାଂସଦ ପ୍ରମିଳା ବିଶୋଇ, ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା ଭଗବାନ ସାହୁ, ଶିବ ନାହାକ, ସତ୍ୟ ନାରାୟଣ ସ୍ୱାଇଁ, ଖାରିଆ ପଞ୍ଚାୟତ ସରପଞ୍ଚ ଅରବିନ୍ଦ ଲେଙ୍କା, ଶିବ ରାମ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ମନୋଜ ଦୋରାଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳର କର୍ମୀମାନେ ବିଜେଡିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

## ଫୁଲ ଚାଷ ବୁଲି ଦେଖିଲେ ୟୁଏନ୍‌ସିଡିଏଫ୍‌ର ୩ ଜଣିଆ ଟିମ୍

**ଛତ୍ରପୁର,୨୨।୯ (ସମିସ):** ୟୁଏନସିଡିଏଫ (ମିଳିତ ରାଷ୍ଟ୍ର ଗୁଡିକର ପୁଞ୍ଜି ବିକାଶ ପାଣ୍ଠି) ଏକ ତିନିଜଣିଆ ଟିମ୍ ଜିଲ୍ଲାର ସଦରମହକୁମା ଛତ୍ରପୁର ବ୍ଲକ ଗସ୍ତ କରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ସାମଗ୍ରୀ ଓ ଫୁଲ ଚାଷ ବୁଲି ଦେଖିଛନ୍ତି। ବ୍ଲକ ଅଧୀନରେ ଥିବା ସୁନ୍ଦରପୁର ପଞ୍ଚାୟତର ବଳରାମ ଗ୍ରାମର କନକ ଦୁର୍ଗା ଉତ୍ପାଦକ ଗୋଷ୍ଠୀମାନଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ଆଚାର ୟୁନିଟକୁ ବୁଲି ଏହି ଟିମ୍ ଦେଖିବା ସହ ଉତ୍ପାଦକ ଗୋଷ୍ଠୀ ମାଆମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଜଗନ୍ନାଥ ଏସଏଚଜି ପକ୍ଷରୁ ନଡିଆ କତା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ହାତ ତିଆରି ସାମଗ୍ରୀ ଦେଖିଥିଲେ। ପରେ ଏହି ଟିମ୍ ଭିକାରୀପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନୂଆପଲ୍ଲୀ ଗ୍ରାମ ନିକଟରେ ୫ଟି ଏସଏଚଜି ପକ୍ଷରୁ କରାଯାଇଥିବା ଅର୍କିଟ ସହ ବିଭିନ୍ନ ଫୁଲ ଚାଷ କ୍ଷେତ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ୟୁଏନସିଡିଏଫ କ୍ଷେତ୍ର ଅନୁସନ୍ଧାନ ଅଧିକାରୀ ପୁଷ୍ପା ପଟ୍ଟନାୟକ, ପ୍ରୋଗ୍ରାମ ବିଶେଷଜ୍ଞ ନେହା କୁମାର ଓ ଗ୍ଲୋବା ଲିଡ ଜସପ୍ରିତ ସିଂ ରହିଥିବା ବେଳେ ଛତ୍ରପୁର ବ୍ଲକର ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପର ସଂଯୋଜିକା ମାନିନୀ ଜେନା, ମିଶନ ଶକ୍ତିର ବ୍ଲକ ସଂଯୋଜକ ସନାତନ ସାହୁ, ଏସଡିସି ମାନସୀ ବେହେରାଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ।







## ଭାରତ ବନ୍ଦକୁ ସଫଳ କରିବା ପାଇଁ ମିଳିତ ବୈଠକ

**ପୋଲସରା,୨୨।୯(ସମିସ):** ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଡାକରା ଦିଆଯାଇଥିବା ଆସନ୍ତା ୨୭ ତାରିଖ ଭାରତ ବନ୍ଦକୁ ପୋଲସରାରେ ସଫଳ କରିବା ପାଇଁ ଆଜି ଏକ ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ରତନୀ ଠାକୁରାଣୀ ମନ୍ଦିର ପରିସରରେ ବରିଷ୍ଠ କୃଷକ ନେତା ଦଣ୍ଡପାଣି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ନେତା ହରି ହର ପାତ୍ର ବନ୍ଦ ସମର୍ଥନରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏହା ପରେ ଋଷିକୁଲ୍ୟା ରୟତ ମହାସଭାର ପୋଲସରା ବ୍ଲକ କମିଟି ସଭାପତି ସତ୍ୟବାନ ପ୍ରଧାନ, ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଭାର ଗଞ୍ଜାମ ଜିଲ୍ଲା କମିଟି ସଦସ୍ୟ ନିରଞ୍ଜନ ଶବର ଏବଂ କଂଗ୍ରେସ ନେତା ଭୋବନି ସାହୁ ଭାରତ ବନ୍ଦକୁ ସଫଳ କରିବା ସକାଶେ ନିଜ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ନେତା ବିଜୟ ସାମନ୍ତରା, ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଭା ପୋଲସରା ବ୍ଲକ ସଭାପତି ପଦ୍ମନ ଶବର, ସମ୍ପାଦକ ରାଜନ ଶବର, ଦୁର୍ଯ୍ୟୋଧନ ରାଉତ, ନଗରବାସୀ ପ୍ରଧାନ, ଲଡୁ ଶବର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୫ ତାରିଖ ଦିନ ବନ୍ଦ ସପକ୍ଷରେ ମୋଟର ସାଇକେଲ ରାଲି କରି ବ୍ୟାପକ ପ୍ରଚାର ଅଭିଯାନ ଚଳାଇବା ପାଇଁ ମଧ୍ୟ ବୈଠକ ରେ ନିଷ୍ପତ୍ତି ହୋଇଥିଲା।

## ସାପ କାମୁଡ଼ାରେ ମହିଳା ମୃତ

**ଶେରଗଡ଼,୨୨।୯(ସମିସ):** ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ଝୁନୁ ସାହୁ (୪୭)। ଘଟଣାରୁ ପ୍ରକାଶ ଯେ, ଧାରାକୋଟ ବ୍ଲକ ବଡ଼ଗଡ଼ ଥାନା ଅନ୍ତର୍ଗତ ଜଉପଦା ଗ୍ରାମର ବାବୁଲା ସାହୁଙ୍କ ସ୍ତ୍ରୀ ଝୁନୁ ଆଶ୍ୱିନ ଶ୍ରାଦ୍ଧ ଲାଗି ଘର ସଫା କରୁଥିଲେ। ଏହି ସମୟରେ ପୂର୍ବରୁ ଘରେ ଥିବା ଏକ ନାଗ ସାପ ତାଙ୍କୁ ଦଂଶନ କରିଥିଲା। ଝୁନୁଙ୍କ ପରିବାର ଲୋକ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଝୁନୁଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ବେଳକୁ ଥାନାରେ ଏତଲା ହୋଇନଥିବା କଥା ଜଣାପଡ଼ିଛି।

## ଶ୍ରମିକନେତାଙ୍କ ଶ୍ରାଦ୍ଧ ଦିବସ ପାଳିତ



**ଛତ୍ରପୁର, ୨୨।୯ (ସମିସ):** ଛତ୍ରପୁର ସ୍ଥିତ ଗୋପାଳପୁର ପୋର୍ଟ ସୁପରଭାଇଜର ଏବଂ ୱର୍କର୍ସ ୟୁନିୟନର କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରଶାନ୍ତ ପାଙ୍ଗଯୋଶୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଏନ୍. ସୀମାଞ୍ଚଳ ରେଡ୍ଡୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୟୁନିୟନର ବହୁ ଶ୍ରମିକ ଯୋଗ ଦେଇ ସ୍ୱର୍ଗତ ରେଡ୍ଡୀଙ୍କ ଗୁଣାବଳୀ ଓ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୭ରେ ଭାରତ ବନ୍ଦକୁ ସଫଳ କରିବା ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିରେ ଯୁବ ନେତା ପ୍ରଦୀପ ସେଠୀ, ବି ବୈଜାଗ ରେଡ୍ଡୀ, ଯୁଗଳ ଦାସ, ରାମେଶ୍ୱର ନାୟକ, ରବି ପ୍ରଧାନ, ମାଗୁଣି ବିଶୋୟୀ, ସିକନ୍ଦର ଖାନ୍, କାମଦେବ ନାହାକ, ପଙ୍କଜ ସେଠୀ, ସିଏଚ୍ କ୍ରିଷ୍ଣା ରେଡ୍ଡୀ, ସୁଦର୍ଶନ ଗାଉଲ, ଅଲକନାଥ ମିଶ୍ର, ଜି.କାନକା ରେଡ୍ଡୀ, ଶବର ଦାସ, ଏମ୍.ତାରଣୋଡ ରେଡ୍ଡୀ ଉପସ୍ଥିତ ଥିଲେ।

## କବାଡ଼ି କୋଚ୍ ଭଞ୍ଜ କିଶୋରଙ୍କୁ ସମ୍ବର୍ଦ୍ଧନା



**ବୁଗୁଡ଼ା,୨୨।୯(ସମିସ):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ସ୍ତରରେ କବାଡ଼ି କୋଚ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବୁଗୁଡ଼ାର ଭଞ୍ଜ କିଶୋର ଗୌଡ଼ଙ୍କୁ ଶ୍ରୀକର ଭଞ୍ଜ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ନିୟୁ ଏରା ପବ୍ଲିକ ସ୍କୁଲଠାରେ ସଂଘ ଉପସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଭାପତି ଅନିଲ ପଟ୍ଟନାୟକ, ସହ ସମ୍ପାଦକ ଶୁଭାଂଶୁ ଶେଖର ପଟ୍ଟନାୟକ, ଉପଦେଷ୍ଟା ଗୌରୀ ଶଙ୍କର ମିଶ୍ର ଅତିଥି ଭାବେ ଯୋଗ ଦେଇ ଭଞ୍ଜ କିଶୋରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ସଦସ୍ୟ ଗୋପାଳ ଚନ୍ଦ୍ର ପାତ୍ର, କିଶୋର ଚନ୍ଦ୍ର ପାଢ଼ୀ, ବୈଷ୍ଣବ ଚରଣ ଦାଶ, ଶ୍ରୀନିବାସ ଦୋରାଙ୍କ ସମେତ ବହୁ କ୍ରୀଡ଼ାବିତ ଉପସ୍ଥିତ ଥିଲେ। ସଂଯୋଜକ କ୍ରିଷ୍ଣା ରାଓ ପାତ୍ର ସ୍ୱାଗତ ଭାଷଣ ଓ ସଦସ୍ୟ ପ୍ରଫୁଲ୍ଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସ୍ୱଚ୍ଛତା ରଥର ଶୁଭାରମ୍ଭ

**ତୁମୁଡିବନ୍ଧ, ୨୨।୯ (ସମିସ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ସ୍ୱଚ୍ଛତା ରଥ ଶୁଭାରମ୍ଭ ହୋଇଯାଇଛି। ତୁମୁଡିବନ୍ଧ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୀତା ପ୍ରଧାନଙ୍କ ନେତୃତ୍ୱରେ ଏହି ରଥର ଆରମ୍ଭ ହେଇଛି। ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର ସବୁଜ ପତାକା ଦେଖାଇ ଏହି ରଥକୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ତୁମୁଡିବନ୍ଧ ବ୍ଲକର ସମସ୍ତ ପଞ୍ଚାୟତର ଗ୍ରାମାଞ୍ଚଳରେ ବୁଲି ନିଜ ଗ୍ରାମକୁ ସଫା ରଖିବା ସହିତ ଗ୍ରାମ ପରିବେଶକୁ ବାହ୍ୟ ମଳମୁକ୍ତ କରିବାକୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୧୬୪ ଏସ୍ଏଚ୍ଜିକୁ ୩.୧୪କୋଟି ଟଙ୍କା ଋଣ

**ପୋଲସରା,୨୨।୯(ସମିସ):** ମହିଳାଙ୍କ ଉନ୍ନତି ପାଇଁ ମିଶନ ଶକ୍ତି ଆନୁକୂଲ୍ୟରେ ପୋଲସରା ବ୍ଲକର ସମିତି ବୈଠକ ଗୃହରେ ବୁଧବାର ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ୧୬୭ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩.୧୪ କୋଟି ଟଙ୍କା ଋଣ ଦିଆଯାଇଛି। ବ୍ଲକ୍ ପୋଗ୍ରାମ ମ୍ୟାନେଜର ସଞ୍ଜୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଋଣ ମେଳାରେ ଅତିଥି ଭାବେ ବିଡିଓ ସୁରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ବାଡତ୍ୟା, ସିଡିପିଓ କୁନ୍ତଳା ନାୟକ ଓ ମିଶନ ଶକ୍ତି ବିପିସି କିରଣ କୁମାର ସାହୁ ଯୋଗ ଦେଇଥିଲେ। ୧୧୪ ଗୃପକୁ ଏଚ୍ଡିଏଫସି ବ୍ୟାଙ୍କ ଋଣ ପ୍ରଦାନ କରିଥିବା ବେଳେ ୪୦ଟି ଗୃପକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ୧୩ଟି ଗୃପକୁ ଆକ୍ସିସ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଛି।

# ନବନିର୍ମାଣ କୃଷକ ସଂଗଠନର ବିକ୍ଷୋଭ

**ଫୁଲବାଣୀ,୨୨।୯ (ସମିସ**

ନବନିର୍ମାଣ କୃଷକ ସଂଗଠନ ତରଫରୁ ଆଜି ୧୦ ଦଫା ଦାବିକୁ ନେଇ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ କନ୍ଧମାଳ ଜିଲ୍ଲାରେ ୫୦ ପ୍ରତିଶତ କମ୍ ବର୍ଷା ହୋଇଛି। ଅଧିକାଂଶ ଡିପ ଜମି ହୋଇଥିବାରୁ ଠିକ୍ ଭାବରେ ଚାଷ ହୋଇପାରିନାହିଁ। କନ୍ଧମାଳ ଜିଲ୍ଲାରେ ୧୪ ପ୍ରତିଶତ ଜଳସେଚନ ସୁବିଧା ରହିଛି ବୋଲି ଜିଲ୍ଲା ପ୍ରଶାସନ କହିଥିବା ବେଳେ ସେଇଗୁଡିକରେ ପାଣି ନଥିବାରୁ ଜମି ଗୁଡ଼ିକରେ ପାଣି ମାଡ଼ିବା ସମ୍ଭବ ହୋଇପାରୁନି। କନାଲରେ ପାଣି ଆସୁନାହିଁ। ପ୍ରକଳ୍ପଗୁଡିକ ନିମ୍ନମାନର କାମ ହୋଇଥିବା ଯୋଗୁ ଅଧିକାଂଶ ଚାଷକାମରେ ଲାଗୁନାହିଁ। ତେଣୁ ଚଳିତ ବର୍ଷ ଅଧାରୁ ଅଧିକ ଜମି ପଡ଼ିଆ ପଡ଼ିଛି। କନ୍ଧମାଳ ଜିଲ୍ଲାକୁ ଆଜି ପର୍ଯ୍ୟନ୍ତ ମରୁଡ଼ି ଘୋଷଣା କରାଯାଇନି। ତେଣୁ ନବନିର୍ମାଣ କୃଷକ ସଂଗଠନର ୧୦ ଦଫା ଦାବି ମଧ୍ୟରୁ କନ୍ଧମାଳ ଜିଲ୍ଲାକୁ ମରୁଡ଼ି ଘୋଷଣା କରାଯାଉ, ହଳଦୀ ଚାଷ କରୁଥିବା ଚାଷୀ ଉପଯୁକ୍ତ ମୂଲ୍ୟ ପାଇ ପାରୁନାହାନ୍ତି, ତେଣୁ ହଳଦୀର କ୍ୱିଣ୍ଟାଲ ପିଛା ୧୫ ହଜାର କରାଯାଉ ଏବଂ ତା'ସହ ଜଳକର ଓ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଉ ବୋଲି ଦାବି ରହିଛି। ଆଜି ବିକ୍ଷୋଭରେ ଶତାଧିକ କୃଷକ ଯୋଗଦେଇଥିଲେ। ମାଦିକୁନ୍ଦକ୍ଷ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସେମାନେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ।



## କତିଙ୍ଗିଆରେ କଂଗ୍ରେସ କର୍ମୀ ସମ୍ମିଳନୀ



**ଜି. ଉଦୟଗିର, ୨୨।୯ (ସମିସ):** ପଞ୍ଚାୟତ ନିର୍ବାଚନ ପାଇଁ ପ୍ରମୁଖ ଦଳ ଗୁଡିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କ୍ରମରେ ଆଜି ଜି. ଉଦୟଗିରି ନିକଟସ୍ଥ କତିଙ୍ଗିଆ ଠାରେ କଂଗ୍ରେସ ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅନାମ ନାୟକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାର ମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଏନ୍ ରାଓ, ପୂର୍ବତନ ଜିଲ୍ଲା ସମ୍ପାଦକ ଜାକେଶ ପ୍ରଧାନଙ୍କ ସହିତ ବ୍ଲକରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ବ୍ଲକ୍ ଦୁର୍ନୀତି ନେଇ କଂଗ୍ରେସ ଓ ବିଜେଡି ମୁହାଁମୁହିଁ

**ଦାରିଙ୍ଗବାଡ଼ି,୨୨।୯ (ସମିସ)**

ଦାରିଙ୍ଗବାଡ଼ି ବ୍ଲକ ସହକାରୀ ଯନ୍ତ୍ରୀଙ୍କ ଦୁର୍ନୀତି ଓ ସରକାରୀ ତଥ୍ୟ ନ ଥାଇ ପାଠାଗାର ଘର ନିର୍ମାଣକୁ କେନ୍ଦ୍ର କରି ବିଜେଡି-କଂଗ୍ରେସ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। ଗତ ୧୬ ତାରିଖରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ କିଛି ନିର୍ବାଚିତ ପ୍ରତିନିଧି ବ୍ଲକ କାର୍ଯ୍ୟାଳୟ ଆଗରେ ଅନଶନ କରିଥିଲେ। ପ୍ରଶାସନଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏହାର ତିନିଦିନ ପରେ ରବିବାର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଦୁର୍ନୀତି ବିରୋଧରେ ଅଭିଯୋଗ କରି ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟକୁ ବିଡିଓଙ୍କ ଜରିଆରେ ଦଶ ଦଫା ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତେବେ ମଙ୍ଗଳବାର ପୁଣି ଦାରିଙ୍ଗବାଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ସରକାରୀ ତଥ୍ୟ ନ ଥାଇ ଗୃହ ନିର୍ମାଣ ଓ ବ୍ଲକ ସହକାରୀ ଯନ୍ତ୍ରୀ ମନମୁଖୀ ଶାସନର ପ୍ରତିବାଦରେ ସାମ୍ବାଦିକ ସମ୍ମିଳନୀ କରି ଦୃଢ଼ ନିନ୍ଦା କରିଛି। ଏଥିରେ ବ୍ଲକ ଅଧ୍ୟକ୍ଷା ରୁଦା ମଲିକ, ଉପାଧ୍ୟକ୍ଷ ରମାକାନ୍ତ ବଳିଆରସିଂ, କରମସିଂ ନାୟକ, ପ୍ରଭଞ୍ଜନ ନାୟକ, ବିଦ୍ୟାଧର ମଲିକଙ୍କ ସମେତ କଂଗ୍ରେସ କର୍ମୀମାନେ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କାଳିପ୍ରସାଦ ମଲିକ ଦୁର୍ନୀତିର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି। ତେବେ ବିଜେଡି ମଧ୍ୟ କହିଛି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ। ଦୁର୍ନୀତି କିଏ କରିଛି ଆପେ ଆପେ ଜଣାପଡ଼ିଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଗଜପତିରେ ବିଶ୍ୱ ସ୍ମରଣଶକ୍ତିହୀନତା ଦିବସ

**ପାରଳାଖେମୁଣ୍ଡି, ୨୨।୯ (ସମିସ)**

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ଆଲଝିମର୍ସ ଦିବସ ବା ସ୍ମରଣଶକ୍ତି ହୀନତା ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଇନଚାର୍ଜ ଡ.ପତିତପାବନ ବାରିକଙ୍କ ଅଧ୍ୟକ୍ଷତାରେ ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢୀଙ୍କ କାର୍ଯ୍ୟକ୍ରମ ସଂଯୋଜନାରେ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଅନଙ୍ଗ ସୁଦନ ଭୂୟାଁ ଓ ଡ. ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଲଝିମର୍ସ ତଥା ସ୍ମରଣଶକ୍ତି ହୀନତା ଏକ ମାନସିକ ରୋଗ ଓ ଏହା ଅଦୃଶ୍ୟ ମସ୍ତିଷ୍କ ବ୍ୟାଧି। ଯାହାକି ଧୀରେ ଧୀରେ ସ୍ମୃତିଶକ୍ତିକୁ ନଷ୍ଟ କରିଥାଏ ଓ ବ୍ୟକ୍ତିର ଚିନ୍ତାଧାରକୁ ହ୍ରାସ କରିଥାଏ। ଅଧିକାଂଶରେ ଏହା ୬୦ରୁ ଉର୍ଦ୍ଧ୍ୱ ବର୍ଷ ବୟସର ଲୋକଙ୍କୁ ହୋଇଥାଏ ଏବଂ ଏହି ରୋଗ ନିଜ ଅକ୍ତିଆରକୁ ଆଣିଥାଏ।

୬୦ ବର୍ଷ ବୟସ ହୋଇଯିବା ପରେ ଏହି ରୋଗ ଧୀରେ ଧୀରେ ବୃଦ୍ଧିପାଇ ମସ୍ତିଷ୍କକୁ ରକ୍ତ ସଞ୍ଚାଳନ କ୍ଷେତ୍ରରେ ସଙ୍କୁଚିତ ହୋଇ ଜମାଟ ବାନ୍ଧି ଦେଇଥାଏ। ଏଭଳି ହେବା ଫଳରେ ମସ୍ତିଷ୍କ ଆଉ ଠିକ ଭାବେ କାମ କରେନି। ସ୍ମରଣ ତଥା ସ୍ମୃତିଶକ୍ତି ଚାଲିଯାଏ ଓ ଚିଡଚିଡା ଲାଗିରହେ। ଏତଦବ୍ୟତୀତ ବ୍ୟକ୍ତିର ସ୍ମୃତିଶକ୍ତି, ଚିନ୍ତା କାର୍ଯ୍ୟକରିବା କ୍ଷମତା ଓ ଦୈନନ୍ଦିନ ଜୀବନଶୈଳୀ ଉପରେ ବିଶେଷ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷର ଥିମ ତଥା ବାର୍ତ୍ତା ରହିଛି ଯେ, 'ଏକତ୍ର ଆମେ ନିଶ୍ଚିତ କରିପାରିବା' ଯେ କେହି ଏକାକୀ ମାନସିକ ବିକୃତି ରୋଗର ସମ୍ମୁଖୀନ ହେବେ ନାହିଁ। ଆମକୁ ସେମାନଙ୍କ ଭଳି ସମ୍ପ୍ରଦାୟର ଲୋକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକତା ରହିଛି ଯେ ସେମାନେ ଏକୁଟିଆ ନୁହଁନ୍ତି।

ଅନ୍ୟପକ୍ଷରେ ଏହି ଆଲଝିମର୍ସ ତଥା ସ୍ମରଣଶକ୍ତି ହୀନତା ରୋଗ ସମ୍ପର୍କରେ କିଭଳି ଲୋକମାନଙ୍କ ମଧ୍ୟରେ ସଚେତନତା ଭାବ ଜାଗ୍ରତ ଓ ସୃଷ୍ଟି ହେବ, ସେଥିପାଇଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ଏମ୍.ଖଗେଶ୍ୱର ଏବଂ ବିଏଏମ ଏନ୍.ଶ୍ରୀନିବାସାଲୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

## କୃଷି ଓ କୃଷକ ସୁରକ୍ଷା ପରିଷଦର ନୂତନ ପରିଚାଳନା କମିଟି



**ରାଇକିଆ, ୨୨।୯ (ସମିସ):** ମିନି ଶୀତଳଭଣ୍ଡାରରେ କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ରାଇକିଆର ପରିଚାଳନା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପ୍ରିୟନ୍ ପ୍ରଧାନ ସଭାପତି, ପଞ୍ଚୁରାମ ପ୍ରଧାନ, ସନାତନ ପ୍ରଧାନ ଉପସଭାପତି, ସନରେଶ କୁମାର ପ୍ରଧାନ ସମ୍ପାଦକ, ବିପିନ ପ୍ରଧାନ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସେହିପରି କୃଷକ ନେତା ଭାସ୍କର ପ୍ରଧାନ ଓ ସମାଜସେବୀ ତଥା ଆସାଟ୍ର କାର୍ଯ୍ୟକାରି ସମ୍ପାଦକ ମହମ୍ମଦ ଜିଆଉଦିନ ଅହମ୍ମଦଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଏହି ନିର୍ବାଚନୀ ବୈଠକରେ ନାତିଆ ପ୍ରଧାନ, ମାଧବ ପ୍ରଧାନ, ଆନନ୍ଦ ପ୍ରଧାନ, କୃପାସିନ୍ଧୁ ପ୍ରଧାନ ଏବଂ ପଚାଶରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ପରେ ଅନୁଷ୍ଠିତ ପରିଷଦର ସାଧାରଣ ବୈଠକରେ ଅଞ୍ଚଳର ଚାଷୀଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଅଞ୍ଚଳରେ ଥିବା ସମସ୍ତ ସୁପ୍ତ କୃଷକ ସଂଗଠନ, ସମବାୟ ସମିତି ଗୁଡିକୁ ଚଳଚଞ୍ଚଳ କରିବା, ଜି. ଉଦୟଗିରି ଠାରେ ଥିବା ରାଜ୍ୟର ବୃହତ ଶୀତଳ ଭଣ୍ଡାରକୁ କାର୍ଯ୍ୟକାରୀ କରିବା, ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜବର ଦଖଲରେ ଥିବା ଶୀତଳ ଭଣ୍ଡର ଜମିକୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରାଇବାକୁ ଏଥିରେ ନିଷ୍ପତି ହୋଇଥିଲା। ଜିଲ୍ଲାରେ ମିନି ଶୀତଳ ଭଣ୍ଡାରଗୁଡିକରେ ଦେଖା ଯାଇଥିବା ଅବ୍ୟବସ୍ଥା ସୁଧାରି ପୂର୍ଣ୍ଣକ୍ଷମ କରି ଚାଷୀମାନଙ୍କ ଉପଯୋଗୀକ୍ଷମ କରିବା ପାଇଁ ପିଏ ଆଇଟିଡିଏ ବାଲିଗୁଡା ଏବଂ ଫୁଲବାଣୀଙ୍କ ଦୃଷ୍ଟି ଦେବାକୁ ଅବଗତ କରାଇବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। କୃଷକମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ବସ୍ଷ୍ଟାଣ୍ଡ ଠାରେ ନିର୍ମାଣାଧୀନ ଦୋକାନ ଗୃହରୁ ଗୋଟିଏ ଗୃହ କୃଷକ ସଂଗଠନକୁ ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହା ସତ ଆସନ୍ତା ୨୭ରେ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

## ଯୋଗୀମାରି ଠାରେ ଚକ୍ଷୁ ଚିକିତ୍ସା ଶିବିର

**ଭଞ୍ଜନଗର,୨୨।୯ (ସମିସ):** ଉତ୍ତର ଘୁମୁସର ବନଖଣ୍ଡର ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨, ସାଇଟ୍ ସେଭରସ୍ ଇଣ୍ଡିଆ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତ ଯୋଗୀମାରି ପ୍ରାଥମିକ ବିଦ୍ୟାଳୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବନାଞ୍ଚଳ ପ୍ରକଳ୍ପ ବିଷୟ ବସ୍ତୁ ବିଶେଷଜ୍ଞ ଶାନ୍ତନୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରେ ୮୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେଥି ମଧ୍ୟରୁ ପରଳ ରୋଗୀ ୩୫ଜଣ ଚିହ୍ନଟ ହୋଇଥିବା ବେଳେ ୧୪ଜଣଙ୍କୁ ଚଷମା ପ୍ରଦାନ ଓ ଅଧିକ ଚିକିତ୍ସା ପାଇଁ ୧୮ଜଣଙ୍କୁ ଚକ୍ଷୁ ହସ୍ପିଟାଲ ପଠାଯାଇଛି। ଏଥି ସହିତ ଅପରେସନ ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ୨୬ଜଣଙ୍କୁ ନିଆଯାଇଛି। ବନ ବିଭାଗ ପକ୍ଷରୁ ବନପାଳ ବଂଶୀଧର ବିଷୋୟୀ, ବନରକ୍ଷୀ ସୁଶାନ୍ତ ମିଶ୍ର, ଏସଏମ୍ଏସର କାହ୍ନୁ ଚରଣ ସାହୁ, ସଂଯୋଜକ ସୁନୀଲ କୁମାର ପଣ୍ଡା, ମଧୁସୂଦନ ସ୍ୱାଇଁ, ଭଗବାନ ସାହୁ, ପଙ୍କଜିନି ଭଦ୍ରା ସହଯୋଗ କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସା ପକ୍ଷରୁ କ୍ୟାମ୍ପ ମ୍ୟାନେଜର ଚିତ୍ରସେନ ଗୌଡ଼, ଶ୍ରୀମୁଖ ସେଠୀ, ମଧୁସ୍ମିତା ଓ ଏନ.କ୍ରିଷ୍ଟା ପ୍ରମୁଖ ଚକ୍ଷୁ ପରୀକ୍ଷଣ କରିଥିଲେ। ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯିବା ସହ ଔଷଧ, ଚଷମା ଯୋଗାଇ ଦିଆଯାଇ ଥିବା କ୍ୟାମ୍ପ ମ୍ୟାନେଜର ଚିତ୍ରସେନ ଗୌଡ଼ କହିଛନ୍ତି।

## ବସ୍ତି ଅଞ୍ଚଳରେ ୩୦ ବର୍ଗ ମିଟରରୁ କମ୍ ଜାଗାରେ ଥିବା ଘର ଚିହ୍ନଟ ହେବ

**କାଶୀନଗର,୨୨।୯ (ସମିସ):** ଗଜପତି ଜିଲ୍ଲା କାଶୀନଗର ଏନ୍ଏସିର ବସ୍ତି ଅଞ୍ଚଳରେ ୩୦ ବର୍ଗ ମିଟରରୁ କମ୍ ଜାଗାରେ ଥିବା ଘରଗୁଡିକ ଚିହ୍ନଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଗତ ୧୬ତାରିଖରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି ବୋଲି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଦିନ ଉକ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ଏକ ଟିମ୍ ଗଠିତ ହୋଇଛି। ଉଭୟ ଏନ୍ଏସି ଓ ତହସିଲର କର୍ମଚାରୀମାନେ ଏଥିରେ ସାମିଲ ରହିଛନ୍ତି। ଗୁରୁବାର ଓ ଶୁକ୍ରବାର ଦିନ କ୍ଷେତ୍ର ପରିଦର୍ଶନ କରି ଘର ଚିହ୍ନଟ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ, ବସ୍ତି ବାସିନ୍ଦାଙ୍କ ଭୂମି ଅଧିକାର ଆଇନ୍-୨୦୨୧ ଅନୁସାରେ ଯେଉଁମାନେ ହିତାଧିକାରୀ ସାବ୍ୟସ୍ତ ହେବେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତରଫରୁ ସହାୟତା ମିଳିବି।

## ରକ୍ତଦାନ ଶିବିର; ୪୬ ୟୁନିଟ୍ ରକ୍ତ ସଂଗ୍ରହ

**ଭଞ୍ଜନଗର,୨୨।୯ (ସମିସ):** ଭଞ୍ଜନଗର ରକ୍ତଭଣ୍ଡାରରେ ଗତ କିଛି ଦିନ ହେଲା ରକ୍ତର ଘୋର ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଗାଙ୍ଗପୁର ଆମ ପୁଲିସ୍ ସମିତି, ବେଲଗୁଣ୍ଠା ପ୍ରେସକ୍ଲବ ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୪୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରକୁ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର, ସମ୍ମାନୀତ ଅତିଥି ଭାବେ ମେଡିକାଲ ଅଧୀକ୍ଷକ ସୀତାଂଶୁ ଶେଖର ଶତପଥି, ବେଲଗୁଣ୍ଠା ଏନ୍ଏସି ନିର୍ବାହି ଅଧିକାରୀ ରାକେଶ କୁମାର ପାତ୍ର, ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଗାଙ୍ଗପୁର ଥାନା ଅଧିକାରୀ ଧୀରେଶ କୁମାର ଦାସ, ବିଶ୍ୱ ଭାରତୀ ଅଧ୍ୟକ୍ଷ କୁଞ୍ଜବିହାରୀ ନାୟକ, ବ୍ଲଡ୍ ବ୍ୟାଙ୍କ ଅଧୀକ୍ଷକ ଡ.ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ମେଡିକାଲ୍ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ସମାଜସେବୀ ଶୂଳପାଣି ଶତପଥୀ, କ୍ଷତ୍ରୀୟବରପୁର କଲେଜ୍ ଅଧ୍ୟକ୍ଷ ବି.ଗୋବିନ୍ଦ ରାଓ, କନିଷ୍ଠ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଜେନା ଯୋଗଦେଇଥିଲେ। ବେଲଗୁଣ୍ଠା ଏନଏସି ନିର୍ବାହି ଅଧିକାରୀ ଶ୍ରୀ ପାତ୍ର, କନିଷ୍ଠ ଯନ୍ତ୍ରୀ ଜେନା, ଭଞ୍ଜନଗର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସ୍ମିତା ପ୍ରିୟଦର୍ଶିନୀ, ପ୍ରେସ୍ କ୍ଲବ ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ସାମ୍ବାଦିକ ଶିବ ପ୍ରସାଦ ମହାପାତ୍ର, ପଞ୍ଚାନନ ସାହୁ, ସାଗରିକା ଖୁଣ୍ଟିଆ, ମିଲି ମହାରଣା, ରଶ୍ମୀ ଭୂୟାଁ, ପ୍ରିୟଙ୍କା ପାତ୍ରଙ୍କ ସମେତ ୪୬ ଜଣ ରକ୍ତଦାନ କରିଥିଲେ। ଗାଙ୍ଗପୁର ଥାନାର ଏସ୍ଆଇ ଶ୍ରୀକାନ୍ତ ପ୍ରଧାନ, ଶୁଭ୍ରଜିତ ସାମନ୍ତରାୟ ଓ ରାମେଶ୍ୱର ପାତ୍ର, ୟୁଜେଏର ଭଞ୍ଜନଗର ସଭାପତି ଜୟକୃଷ୍ଣ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ବିଶ୍ୱମ୍ବର ଜେନା, ପ୍ରେସକ୍ଲବ ଉପସଭାପତି ପ୍ରଭାତ ସାହୁ, କୋଷାଧ୍ୟକ୍ଷ ବିଭୂପାଦ ଜେନା, ଉପଦେଷ୍ଟା ସନ୍ତୋଷ ବିଷୋୟୀ, ସାମ୍ବାଦିକ ଅରୁଣ ସ୍ୱାଇଁ, ଶିଶିର ସ୍ୱାଇଁ, ଶ୍ରୀକାନ୍ତ ଜେନା ଓ ଗାଙ୍ଗପୁର ପୁଲିସ୍ କର୍ମଚାରୀମାନେ ସହଯୋଗ କରିଥିଲେ। ଭଞ୍ଜନଗର ରକ୍ତ ଭଣ୍ଡାର କର୍ମଚାରୀ ଚିତ୍ତରଞ୍ଜନ, ଇତିଶ୍ରୀ, ବିପିନ, ସୀମାଞ୍ଚଳ ଏବଂ ଗଣେଶ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ।

## ମନ୍ଥର ଗତିରେ ଚାଲିଛି ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ଅଭିଯାନ

**କାଶୀନଗର,୨୨।୯ (ସମିସ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୨୦୧୬ ଓ ୨୦୧୯ରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ପ୍ରମାଣ ପତ୍ରର ଯାଞ୍ଚକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଓଡ଼ିଶା ବାହାରର ପ୍ରମାଣ ପତ୍ର ଆଣି ଚାକିରି କରୁଥିବା ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସେପ୍ଟେମ୍ବର ୩୦ ସୁଦ୍ଧା ଯାଞ୍ଚକାର୍ଯ୍ୟ ସାରିବାକୁ ଚିଠି ଲେଖାଯାଇଛି। ତେବେ ଯାଞ୍ଚ ବେଳେ କୋଭିଏସ୍, ଏନ୍ଭିଏସ୍, ଆଇଜିଏନ୍ଓୟୁ ଓ ଆର୍ଆଇର ପ୍ରମାଣପତ୍ର ଗ୍ରହଣୀୟ ବୋଲି ଆଡିସିନାଲ ସେକ୍ରେଟାରି ନିଜ ଚିଠିରେ ଶିକ୍ଷାଧିକାରୀମାନଙ୍କୁ ଜଣାଇଥିବା ବେଳେ କାଶୀନଗର ବ୍ଲକରେ ଉକ୍ତ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଜଣାପଡ଼ିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ମଙ୍ଗଳବାର ସୁଦ୍ଧା କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ତାଲିମ୍ ଯୋଗ୍ୟତା ପ୍ରମାଣ ପତ୍ରର ଫଟୋ କପି ସଂଗ୍ରହ କରାଯାଇ ଏକ ଡାଟାବେସ୍ ପ୍ରସ୍ତୁତ ହୋଇଛି। ଏହି ପମାଣପତ୍ର ଗୁଡିକ ସମ୍ପୃକ୍ତ ଶିକ୍ଷା ଅନୁଷ୍ଠାନ ଗୁଡିକୁ ପଠାଯିବ। କିନ୍ତୁ ଚଳିତ ମାସ ୨୧ ତାରିଖ ସୁଦ୍ଧା ଏତିକି ମାତ୍ର କାମ ହୋଇଥିବାରୁ ନିର୍ଦ୍ଦିଷ୍ଟ ସମୟ ସୀମା ୩୦ ତାରିଖରେ ଏହି କାମ କେମିତି ସରିବ ବୋଲି ପ୍ରଶ୍ନ ଉଠିଛି।

## ଗଜପତି ଫିଲ୍ମ ମେକର ଆନୁକୂଲ୍ୟରେ ୱେବ୍ ସିରିଜର ଶୁଭ ଉନ୍ମୋଚନ

**ପାରଳାଖେମୁଣ୍ଡି,୨୨।୯ (ସମିସ):** ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମଦେବୀ ନୀଳାମା ମନ୍ଦିର ପ୍ରାଙ୍ଗଣରେ ଗଜପତି ଫିଲ୍ମ ମେକର ପକ୍ଷରୁ ୱେବ୍ ସିରିଜର ଶୁଭ ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଗଜପତି ଫିଲ୍ମ ମେକରର ନିର୍ଦ୍ଦେଶକ କେ.କେ. ସୁମନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, କାଶୀନଗର ଚେୟାରମ୍ୟାନ ସିଏଚ୍ ସାମାଦ୍ରୀ, ସଙ୍ଗୀତ ଗୁରୁ ରଘୁନାଥ ପାତ୍ର, କ୍ରିଏଟିଭ ଆର୍ଟସର ସଭାପତି ନୃସିଂହ ଚରଣ ପଟ୍ଟନାୟକ, ସାଧାରଣ ସମ୍ପାଦକ ମନୋଜ କୁମାର ପାଢୀ ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନ ବିଷୟରେ ନିଜର ଅଭିଭାଷଣ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଗଜପତି ଫିଲ୍ମ ମେକର ପକ୍ଷରୁ ଏକ ଦ୍ୱିଭାଷୀ ହିନ୍ଦୀ ଏବଂ ତେଲୁଗୁ ଭାଷା ଭିତ୍ତିକ ୱେବ ସିରିଜ କରି ଓଟିଟି ପ୍ଲାଟଫାର୍ମରେ ପ୍ରସାରଣ କରିବା ପାଇଁ ସୂଚନା ଦିଆଯାଇଥିଲା। ଏଥିସହ 'ଯାଚକ' ନାମକ ହିନ୍ଦୀ ଟାଇଟଲ ତଥା ତେଲୁଗୁରେ 'ଯାଚୁକୁଡୁ' ନାମରେ ଏକ ୱେବ ସିରିଜର ଶୁଭାରମ୍ଭ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା।



## ଅନ୍ତର୍ଜାତୀୟ କ୍ରିକେଟ୍

# ବିରାଟଙ୍କଠାରୁ ଅଧିକ ବେତନ ପାଉଥିବା କ୍ରିକେଟର୍

ଯେତେବେଳେ ଆମେ ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା କ୍ରିକେଟର୍ କିମ୍ବା ଅନ୍ୟ ଆଥ୍‌ଲେଟ୍‌ଙ୍କ ବିଷୟରେ ଆଲୋଚନା କରୁ ସେତେବେଳେ ଏହି ତାଲିକାରେ ବିରାଟ କୋହଲି ନିଶ୍ଚୟ ରହିଥାନ୍ତି। ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରହିଥିବା କୋହଲି ଦେଶର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଫୋବର୍ସ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ-୧୦୦ ଧନୀ କ୍ରୀଡ଼ାବିତ୍ (୨୦୨୦) ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସେ ୬୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ଚୁକ୍ତି ତାଲିକାରେ ମଧ୍ୟ ତାଙ୍କୁ ଏ+ ଗ୍ରେଡ୍ ମିଳିଛି। ଅର୍ଥାତ୍ ବିସିସିଆଇ ନିକଟରୁ ସେ ବାର୍ଷିକ ୭ କୋଟି ଟଙ୍କା ବେତନ ପାଇଥାନ୍ତି।

ସେହିଭଳି ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଆଇପିଏଲ୍‌ରେ ମଧ୍ୟ କୋହଲି ସର୍ବାଧିକ ବେତନ ପାଉଥିବା କ୍ରିକେଟର୍। ୨୦୧୮ରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ବାର୍ଷିକ ୧୭ କୋଟି ଟଙ୍କା ପ୍ରଦାନ କରୁଛି। ଏତଦ୍ ବ୍ୟତୀତ ଅପାର ଲୋକପ୍ରିୟତା ତଥା ଯୁବଗୋଷ୍ଠୀଙ୍କ ପ୍ରିୟ କ୍ରିକେଟର୍ ହୋଇଥିବାରୁ ବିରାଟ ମଧ୍ୟ ଅନେକ ବ୍ରାଣ୍ଡ ସହ ଡିଲ୍ କରିଛନ୍ତି। ତେବେ ଅନେକ ହୁଏତ ଜାଣି ନ ଥିବେ ବିଶ୍ୱରେ ଏମିତି ୫ଜଣ କ୍ରିକେଟର୍ ରହିଛନ୍ତି ଯେଉଁମାନେ ବିରାଟଙ୍କଠାରୁ ଅଧିକ ବେତନ ସେମାନଙ୍କ ବୋର୍ଡ ନିକଟରୁ ପାଇଥାନ୍ତି। ଆଇପିଏଲ୍ ଓ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କାରଣରୁ ଭାରତୀୟ ଦଳର ଅଧିନାୟକ ଅଧିକ ରୋଜଗାର କରିପାରନ୍ତି, କିନ୍ତୁ ଏମିତି କିଛି କ୍ରିକେଟର୍ କେବଳ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି କୋହଲିଙ୍କଠାରୁ ଅଧିକ ବେତନ ପାଉଛନ୍ତି। ସେହି ୫ ଜଣ କ୍ରିକେଟର୍‌ଙ୍କ ଉପରେ ସଂକ୍ଷେପରେ।



### ଜୋସ୍ ବଟଲର୍ (ଇଂଲଣ୍ଡ):

ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ପରି ଜୋସ୍ ବଟଲର୍ ମଧ୍ୟ ୩ଟି ଯାକ ଫର୍ମାଟ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଗତ ୨ ବର୍ଷ ହେବ ସେ ଟେଷ୍ଟ ଦଳକୁ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିପୋର୍ଟ ମୁତାବକ ବଟଲର୍ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ନିକଟରୁ ବାର୍ଷିକ ବେତନ ଆକାରରେ ୧୯ କୋଟି ଟଙ୍କା ପାଉଛନ୍ତି। ଆଇପିଏଲ୍ ଖେଳି ମଧ୍ୟ ସେ ବିପୁଳ ପରିମାଣର ରୋଜଗାର କରିଥାନ୍ତି।



### ବେନ୍ ଷ୍ଟୋକ୍ସ (ଇଂଲଣ୍ଡ):

ତୃତୀୟ ଇଂଲଣ୍ଡର କ୍ରିକେଟର୍ ଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆର୍ଚରଙ୍କ ପରି ଷ୍ଟୋକ୍ସ ମଧ୍ୟ ଜାତୀୟ ଦଳ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ବୋଲର୍ଡ ନିକଟରୁ ବିପୁଳ ରୋଜଗାର କରିଥାନ୍ତି। ୨୦୧୩ରୁ ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ପାଲଟିଥିବା ୩୦ ବର୍ଷୀୟ ଷ୍ଟୋକ୍ସ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮.୭୫ କୋଟି ଟଙ୍କା ବେତନ ଆକାରରେ ଇସିବି ନିକଟରୁ ପାଉଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଷ୍ଟୋକ୍ସ ଗତ ୩ ବର୍ଷ ମଧ୍ୟରେ ବେତନରେ ୪୦ ପ୍ରତିଶତ ବୃଦ୍ଧି କରିପାରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଇସିବି ବେତନ ପ୍ରଣାଳୀରେ ପରିବର୍ତ୍ତନ କରିବାକୁ ଥିବାରୁ ଷ୍ଟୋକ୍ସଙ୍କ ବାର୍ଷିକ ବେତନ ବୃଦ୍ଧି ପାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।



### ଷ୍ଟିଭ ସ୍ମିଥ୍ (ଅଷ୍ଟ୍ରେଲିଆ)

ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପରି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଟେଷ୍ଟ କ୍ରିକେଟ୍‌କୁ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଏ। ସ୍ମିଥ୍ ଅଷ୍ଟ୍ରେଲିଆର ଶୀର୍ଷ ମାନ୍ୟତାପ୍ରାପ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନ। ସେହିଭଳି ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି। ରିପୋର୍ଟ ମୁତାବକ, ସିଏ ବାର୍ଷିକ ୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯ କୋଟି ୫୪ ଲକ୍ଷ ଟଙ୍କା) ସ୍ମିଥ୍‌ଙ୍କୁ ପ୍ରଦାନ କରିଥାଏ। ସ୍ମିଥ୍ ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ବେତନ ବ୍ୟତୀତ ସ୍ମିଥ୍ ମଧ୍ୟ କୋହଲିଙ୍କ ପରି ବିଭିନ୍ନ ବିଜ୍ଞାପନରୁ ଆଖିଦୃଷ୍ଟିଆ ରୋଜଗାର କରିଥାନ୍ତି। ୨୦୧୮ରେ ବଲ୍ ଟ୍ୟାପରିଂ ଘଟଣାରେ ବିବାଦୀୟ ହେବାପରେ ସ୍ମିଥ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତ କରିପାରିଛନ୍ତି।



### ଜୋ ରୁଟ୍ (ଇଂଲଣ୍ଡ):

ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଜୋ ରୁଟ୍ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ତାଲିକାର ସର୍ବାଗ୍ରେ ରୁଟ୍‌ଙ୍କ ନାମକୁ ଦେଖି ଅନେକ ହୁଏତ ଚକିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଘରୋଇ ଖେଳାଳି ଚୁକ୍ତି ପ୍ରଣାଳୀ ଅନୁସରଣ କରନ୍ତି ତେବେ ବେତନ ପ୍ରସଙ୍ଗରେ ସେମାନେ ବିଭିନ୍ନ ଚୁକ୍ତିନାମା ବ୍ୟବସ୍ଥା ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦେଉଥିବା ଇସିବି ଅଧିନାୟକ ରୁଟ୍‌ଙ୍କୁ ବାର୍ଷିକ ବେତନ ଆକାରରେ ପାଖାପାଖି ୭.୨୨ କୋଟି ଟଙ୍କା ପ୍ରଦାନ କରିଥାଏ। ଯାହାକି ବିରାଟ କୋହଲି (୭ କୋଟି)ଙ୍କ ବାର୍ଷିକ ପାଉଣାଠାରୁ ଅଧିକ। ଏହି ବେତନ ରୁଟ୍‌ଙ୍କୁ ବିଶ୍ୱର ସର୍ବାଧିକ ବେତନ ପାଉଥିବା ଟେଷ୍ଟ ଅଧିନାୟକ ମାନ୍ୟତା ପ୍ରଦାନ କରିଛି। କୋହଲି ବିଜ୍ଞାପନ ଆଦିରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ ବେତନ ଦୃଷ୍ଟିରୁ ରୁଟ୍ ତାଙ୍କୁ ପଛରେ ପକାଇ ଦେଇଛନ୍ତି।



### ଜୋଫ୍ରା ଆର୍ଚର (ଇଂଲଣ୍ଡ):

ଇଂଲଣ୍ଡ ଦଳର ତାରକର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୯-୨୦ ସିଜନ ଆର୍ଚରଙ୍କ ପାଇଁ ବେଶ୍ ସଫଳମୟ ରହିଥିଲା। ଯେଉଁଥି ପାଇଁ ସେ ଇଂଲଣ୍ଡର ୩ଟି ଯାକ ଫର୍ମାଟ୍‌ରେ ଜଣେ ନିୟମିତ ସଦସ୍ୟ ହୋଇପାରିଥିଲେ। ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଆର୍ଚର ଅଧିନାୟକଙ୍କ ବେଶ୍ ଭରସାଯୋଗ୍ୟ ହୋଇପାରିଛନ୍ତି। ଯେଉଁଥି ପାଇଁ ୨୦୧୯ ଆଇସିସି ଏକଦିବସୀୟ ବିଶ୍ୱକପ୍ ଫାଇନାଲ ସୁପର୍ ଓଭରରେ ମଧ୍ୟ ଅଧିନାୟକ ତାଙ୍କୁ ବୋଲିଂ ଭାର ପ୍ରଦାନ କରିଥିଲେ ଏବଂ ସେ ୧୫ ରନକୁ ରୋକିପାରିଥିଲେ। ଗତ ଆସେସ୍ ସିରିଜରେ ପ୍ରଭାବୀ ବୋଲିଂ କରିବା ପରେ ଆର୍ଚରଙ୍କ ବାର୍ଷିକ ବେତନ ରୁଟ୍‌ଙ୍କ ସହିତ ସମାନ କରିଦିଆଯାଇଥିଲା। କିନ୍ତୁ ସେ ୩ଟି ଯାକ ଫର୍ମାଟ୍ ଖେଳୁଥିବାରୁ ବାର୍ଷିକ ସେ ଇସିବି ନିକଟରୁ ୯.୩୯ କୋଟି ଟଙ୍କା ବେତନ ପାଉଥିବା ରିପୋର୍ଟରୁ ଜଣାପଡ଼ିଛି। ରୁଟ୍ ଟେଷ୍ଟ ଓ ଏକଦିବସୀୟ କ୍ରିକେଟ୍ ଖେଳୁଥିବାବେଳେ ୱେଷ୍ଟଇଣ୍ଡିଜ ଜନ୍ମିତ ଆର୍ଚର ୩ଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି।

# ଜାତୀୟ ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୯ (ସମିସ): ଚଳିତ ମାସ ୨୬ରୁ ମଧ୍ୟପ୍ରଦେଶର ଦେୱାସଠାରେ ଜାତୀୟ ସିନିଅର ସଫ୍ଟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ ଶଶାଙ୍ଗ ଚୂଡ଼ାମଣି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶଚନ୍ଦ୍ର ପଟ୍ଟନାୟକ, ମୋନାଲିସା ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, କୃଷ୍ଣଚରଣ ପଣ୍ଡା, ନୀମାଧବ ଦେଓ, ଶକ୍ତିରଞ୍ଜନ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ଅଜୟ ନିସାନ ପ୍ରମୁଖ ମଧ୍ୟ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।



**ଓଡ଼ିଶା ଦଳ:**

**ପୁରୁଷ:** ମାନସ ରଞ୍ଜନ ସିଂହ (ଅଧିନାୟକ), ମହମ୍ମଦ ଅନମ (ଉପ-ଅଧିନାୟକ), ଅଜିତ୍ ସବାର, ରଜତ କୁମାର ରଇତା, ବିକାଶ କୁମାର ମହାପାତ୍ର, ଦାସରଥୀ ମୁଦୁଲି, ମହମ୍ମଦ ଆଜାମ (ପ୍ରଶିକ୍ଷକ) ଓ ଭଗବାନ ସେଠୀ (ମ୍ୟାନେଜର)।

**ମହିଳା:** ଅନୁସୟା ବାରିକ (ଅଧିନାୟିକା), ପୁପରନ୍ ଓରାମ (ଉପ-ଅଧିନାୟିକା), ମନୀଷା ଓରାମ, ହେମନ୍ତି ବିଲୁଙ୍ଗ।

# ଡୁରାଣ୍ଡ କପ୍: ଆଜିଠୁ କ୍ୱାର୍ଟର ଫାଇନାଲ

କୋଲକାତା, ୨୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୦ତମ ସଂସ୍କରଣର କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ମହମ୍ମଦାନ ଓ ଗୋକୁଲମ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ଖେଳାଯିବ। ସେହିଭଳି ଶୁକ୍ରବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଆର୍ମି ରେଡ୍ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ମଧ୍ୟରେ ୨ୟ ଏବଂ ଗୋଆ ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଶନିବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆର୍ମି ଗ୍ରୀନ୍ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ବୁଧବାର ଖେଳାଯାଇଥିବା ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇଥିଲେ।

ୱିଲିସ୍ ପ୍ଲାଜାଙ୍କ ଗୋଲ୍ ବଳରେ ଦିଲ୍ଲୀ ଏଫ୍‌ସି ଦଳ ପ୍ରଥମଥର ଲାଗି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ ଏଫ୍‌ସି ୧-୦ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୫-୩ ଗୋଲରେ ଇଣ୍ଡିଆନ୍ ନେଭିକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ବେଙ୍ଗାଲୁରୁ ପକ୍ଷରୁ ମଧ୍ୟ ହର୍‌ମନପ୍ରୀତ୍ ୨ଟି ଗୋଲ୍ ଦେଇଥିଲେ।

# ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ

## ଜାତୀୟ ସଫ୍ଟବଲ

**କଟକ,୨୨।୯ (ସମିସ)** ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ ୩ୟ ଦିନର ଖେଳ ଶେଷ ହୋଇଛି। ବୁଧବାର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼, ବାଳିକା ବିଭାଗରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଫାଇନାଲ ମୁକାବିଲା ହେବା ସହିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

ବାଳକ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୮-୦ ପଏଣ୍ଟରେ ପଞ୍ଜାବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ୫-୦ ପଏଣ୍ଟରେ ଉତ୍ତରାଖଣ୍ଡକୁ ହରାଇଥିଲା। ସେହିଭଳି ବାଳିକା ବର୍ଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୨ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ଓ ତେଲଙ୍ଗାନା ୫-୦ ପଏଣ୍ଟରେ ରାଜସ୍ଥାନକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ରାଜସ୍ଥାନ ୭-୦ ପଏଣ୍ଟରେ ତେଲଙ୍ଗାନାକୁ, ପଞ୍ଜାବ ୧-୦ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଛତିଶଗଡ଼ ୮-୧ ପଏଣ୍ଟରେ ମହାରାଷ୍ଟ୍ରକୁ, ଉତ୍ତରାଖଣ୍ଡ ୩-୧ ପଏଣ୍ଟରେ କେରଳକୁ ପରାସ୍ତ କରିଥିଲା। ବାଳିକା ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୪-୨ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼କୁ, ତେଲଙ୍ଗାନା ୧-୦ରେ ଦିଲ୍ଲୀକୁ ଓ ରାଜସ୍ଥାନ ୯-୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା।



# କୋକନଟ୍ ଗ୍ରେଭି ପନିର୍



ମୋ ହାଣ୍ଡିଶାଳରୁ...

**ଆବଶ୍ୟକ ସାମଗ୍ରୀ**


ପନିର: ୫୦୦ ଗ୍ରାମ୍, ନଡ଼ିଆ ରସ: ଏକ କପ୍, ପିଆଜ: ୨ଟା, ଟମାଟୋ ପ୍ୟୁରି: ଅଧା କପ୍, ଗରମ ମସଲା: ଏକ ଚାମଚ, ଜିରା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଏକ ଚାମଚ, ହଳଦୀ ଗୁଣ୍ଡ: ଏକ ଚାମଚ, ଅଦା ଓ ରସୁଣ ପେଷ୍ଟ: ୨ ଚାମଚ, ଧନିଆ ଗୁଣ୍ଡ: ଏକ ଚାମଚ, ଲୁଣ: ସ୍ୱାଦ ଅନୁସାରେ, ଧନିଆ ପତ୍ର: ସଜାଇବା ପାଇଁ, ତେଲ: ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ଅଳ୍ପ ତେଲ ଦିଅନ୍ତୁ। ଏହାପରେ ଜିରା ଓ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଯିବା ପରେ ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହାକୁ କିଛି ସମୟ କଷିବା ପରେ ଟମାଟୋ ପ୍ୟୁରି ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ନଡ଼ିଆ ରସ ଓ ଅଳ୍ପ ପାଣି ଦେଇ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପନିର୍ ଓ ଗରମ ମସଲା ପକାଇ ଦୁଇ ତିନି ମିନିଟ୍ ଫୁଟାନ୍ତୁ। ଏକ ପାତ୍ରକୁ କାଢ଼ି ଧନିଆ ପତ୍ରରେ ସଜାନ୍ତୁ କୋକନଟ୍ ଗ୍ରେଭି ପନିର୍। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷନ୍ତୁ।

## କେଶ ସଫାର ନୂଆ ଟ୍ରେଣ୍ଡ

# ରିଭର୍ସ ହେୟାର୍ ୱାସ୍



**କେଶ ସଫା କରିବାର ନୂଆ ଏକ ଟ୍ରେଣ୍ଡ ହେଉଛି 'ରିଭର୍ସ ହେୟାର୍ ୱାସ୍'। ଯାହା ସାଧାରଣ କେଶ ଧୋଇବା ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ।**

**କ'ଣ ଏହା**

ସାଧାରଣତଃ କେଶ ସଫା ସମୟରେ ପ୍ରଥମେ ସାମ୍ପୁ ଓ ପରେ କଣ୍ଡିସନର ବ୍ୟବହାର କରାଯାଏ। କିନ୍ତୁ ଏହାର ପ୍ରକ୍ରିୟା ଓଲଟା। ଅର୍ଥାତ୍ ଏଥିରେ ପ୍ରଥମେ କଣ୍ଡିସନର ଓ ପରେ ସାମ୍ପୁ କରାଯାଉଥିବାରୁ ଏହାକୁ କୁହାଯାଉଛି 'ରିଭର୍ସ ହେୟାର୍ ୱାସ୍'।

**କିଭଳି କରିବେ**

- ପ୍ରଥମେ କେଶ ଓଦା କରି କଣ୍ଡିସନର ବ୍ୟବହାର କରନ୍ତୁ।
- କଣ୍ଡିସନର ଲଗାଇବାର ୧୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ।
- ଏହା ପରେ ସାମ୍ପୁ ଲଗାଇ କେଶ ଧୁଅନ୍ତୁ। ଅବଶ୍ୟ ଏଥିରେ ସାମ୍ପୁ ଥରେ ବ୍ୟବହାର କରାଯାଏ।
- ପରେ କେଶରେ ସିରମ୍ ବ୍ୟବହାର କରନ୍ତୁ।

**ଉପକାରିତା**

ଏହା ଦ୍ୱାରା କେଶ ମୂଳରୁ ମଇଳା ଭଲ ଭାବେ ସଫା ହୋଇଥାଏ। କେଶ ଭଲ ବଢ଼େ ଓ ସୁସ୍ଥ ରହେ। ଏହା ସହ କେଶରେ ଚମକ ଆସିଥାଏ। ତୈଳାକ୍ତ, ପତଳା ତଥା ଶୁଷ୍କ କେଶ ଲାଗି ଉପଯୋଗୀ ରିଭର୍ସ ହେୟାର୍ ୱାସ୍। ଅନ୍ୟପଟେ ବାହାରେ ଅଧିକ ବୁଲାବୁଲି ବା ଜଗିଂ କରୁଥିଲେ ଏହି ପ୍ରକ୍ରିୟାକୁ ଆପଣାଇବା ଦରକାର। ଅବଶ୍ୟ ସପ୍ତାହକୁ ଥରେ ଏହାକୁ କରିବା ଉଚିତ।



# ଏପାଖେ ଯନ୍ତ୍ରଣା, ସେପାଖେ ହସ

**ମୁହଁ ହେଉଛି ମନର ଆଇନା। ଆମ ମନ ମଧ୍ୟରେ ଚାଲୁଥିବା ପ୍ରତିଟି ଭାବନା ତଥା ବ୍ୟକ୍ତିତ୍ୱକୁ ଏହା ସମସ୍ତଙ୍କ ସାମ୍ନାରେ ଆଣି ରଖି ଦିଏ। ସେଥିପାଇଁ ଘରୁ ବାହାରିବା ମାତ୍ରେ ଦୁଃଖକୁ ହସର ମୁଖା ଭିତରେ ଲୁଚାଇବାକୁ ପଡ଼ିଥାଏ। ତେବେ ପ୍ରଫେସନାଲ ଜୀବନରେ ମନୋଭାବକୁ ଲୁଚାଇ ମାହୋଲକୁ ଖୁସି ରଖିବା କ'ଣ ସହଜ କଥା! ଏ ନେଇ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେକ ମହିଳା କି ପ୍ରକାର ପ୍ରଚେଷ୍ଟା କରନ୍ତି, ତାହାକୁ ନେଇ ଏ ଉପସ୍ଥାପନା...**

ସାଧାରଣତଃ ହସୁଥିବା ତଥା ହସାଉଥିବା ଲୋକଙ୍କୁ ସମସ୍ତେ ଭଲପାଆନ୍ତି। ଏହା ସହ ସାମାଜିକ ଜୀବନରେ ମଧ୍ୟ ଏମାନଙ୍କର ଏକ ସୁନ୍ଦର ଛବି ବଜାୟ ରହିଥାଏ। ସେଥିପାଇଁ କିଛି ଜାଣିବା ଏଭଳି ଅଛି, ମନରେ ଯେତେ ଚିନ୍ତା କି ଦୁଃଖ ଥିଲେ ସେସବୁର ଝଲକ ସେମାନଙ୍କ ବ୍ୟକ୍ତିତ୍ୱରେ କେବେ ବି ଦେଖିବାକୁ ମିଳି ନ ଥାଏ। ମୁଖ୍ୟତଃ ଲୋକସମ୍ପର୍କ ସହ ଜଡ଼ିତ ଲୋକଙ୍କ ପାଇଁ ଖୁସି ଦେଖାଇବା ନିହାତି ଜରୁରୀ। ଅର୍ଥାତ୍ ଅଜଣା, ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା ବେଳେ ବ୍ୟକ୍ତିତ୍ୱରେ ଆତ୍ମୀୟତା ପ୍ରତିଫଳିତ ହେବା ଉଚିତ୍। ପ୍ରତିକୂଳ ପରିସ୍ଥିତିରେ ଶାଳୀନତା ସହ ହସିବାରେ ଏମାନେ ଥାନ୍ତି ବେଶ ପାରଙ୍ଗମ।

କୌଣସି କମ୍ପାନିରେ ଫ୍ରଣ୍ଟ ଅଫିସରେ ବସିଥିବା ରିସେପସନିଷ୍ଟ, ଡାକ୍ତର, ନର୍ସ, ଏୟାର ହୋଷ୍ଟେସ୍, ଶିକ୍ଷୟିତ୍ରୀ, କଳାକାର ଆଦି ବହୁ ଲୋକ ଏମିତି ଅଛନ୍ତି, ଯେଉଁମାନଙ୍କ ପ୍ରଫେସନାଲ କାମ ହେଉଛି ନିଜେ ହସି ଅନ୍ୟର ଯତ୍ନ ତଥା ସେମାନଙ୍କୁ ଭଲ ସେବା ପ୍ରଦାନ କରିବା। ସେମାନଙ୍କ ସୌମ୍ୟ ହସ ପଛରେ ବି ବହୁ କଷ୍ଟ, ଯନ୍ତ୍ରଣା ଲୁଚି ରହିଥାଏ। କହିବାକୁ ଗଲେ ହସୁଥିବା ପ୍ରତ୍ୟେକ ମଣିଷ ପଛରେ କଷ୍ଟର ଅନେକ ଅକୁହା କାହାଣୀ ଥାଏ। ମାତ୍ର ଜିଇବା ଲାଗି ଏମାନଙ୍କୁ ହସିବାକୁ ପଡ଼ିଥାଏ।

**ନକଲି ହସ ଲାଗେ ସତ**

ଜରୁରୀ ନୁହେଁ ସବୁବେଳେ ହସୁଥିବା ମଣିଷର ବ୍ୟକ୍ତିଗତ ଜୀବନ ସୁଖମୟ ହୋଇଥିବ। ନକଲି ହସ କାରଣରୁ ମିଳୁଥିବା ପ୍ରଶଂସା ମଣିଷକୁ ସତ ଖୁସି ଦେଇଥାଏ ବୋଲି କହନ୍ତି ଭୁବନେଶ୍ୱରର ମମତା ମହାନ୍ତି। ସେ ଏକ ଘରୋଇ କମ୍ପାନିରେ ରିସେପସନିଷ୍ଟ ଭାବେ କାର୍ଯ୍ୟରତ। ଶାଶୁ ଘର ଲୋକେ କି ସ୍ୱାମୀ ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ତିନି ବର୍ଷ ବୟସ ଝିଅ ସହ ବାପ ଘରେ ରହୁଛନ୍ତି। ସୁବେବେଳେ କିଛି ନା କିଛି ଚିନ୍ତା ତଥା ଦୁଃଖ ତାଙ୍କ ଜୀବନରେ ଲାଗି ରହିଥାଏ। ମାତ୍ର ସେସବୁକୁ ଆଡ଼ କରି ତାଙ୍କୁ ଅଫିସରେ ବସିବାକୁ ହୋଇଥାଏ। ଅଜଣା ଲୋକଙ୍କ ସହ ପଦୁଟିଏ ହସି କଥା ହେବାକୁ ପଡ଼ିଥାଏ। ଅନେକ ସମୟରେ ନିଜକୁ ଏଭଳି ଉପସ୍ଥାପନା କରିବା ସହଜ ହୋଇ ନ ଥାଏ, ତଥାପି ଜୀବିକା ଓ ଜୀବନ ପାଇଁ କିଛି ସମୟ ଖୁସି ରହିବା ଅଭ୍ୟାସରେ ପରିଣତ ହୋଇଯାଏ।



**କଳାକାରଠାରୁ ଦୁଃଖୀ ଆଉ କେହି ନୁହନ୍ତି**



କଳାକାର ଜୀବନରେ ବହୁତ ଦୁଃଖ ଓ କଷ୍ଟ ଥାଏ। ଏହା ସତ୍ତ୍ୱେ ମଧ୍ୟ ସେ ଅଭିନୟ କରେ। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରେ। ସେଥିପାଇଁ କଳାକାର ସବୁବେଳେ ହସୁଥାଏ। ଏପରିକି ସେ କେବେ ବି ତା' କଷ୍ଟ କାହା ପାଖରେ ଦେଖାଇବାକୁ ଚାହେଁ ନାହିଁ କି କେହି ତା' ଦୁଃଖ ବୁଝି ପାରନ୍ତି ନାହିଁ। ଦର୍ଶକଙ୍କୁ ହସାଇବା, କନ୍ଦାଇବା ତଥା ରଗାଇବା ସବୁ ଆମ ଉପରେ ନିର୍ଭର କରେ। ଆଉ ସେଥିରୁ ମିଳୁଥିବା ପ୍ରଶଂସା ଆମ ପାଇଁ ଗୁରୁତ୍ୱ ରଖେ। ଯେଉଁଥିପାଇଁ କଷ୍ଟ ଲାଗିଲେ ବି କାହା ସାମ୍ନାରେ ସେସବୁ ଦେଖାଇ ନ ଥାଉ। ଅନ୍ୟପଟେ ଷ୍ଟାଇଲିସ୍ ଦେଖାଯାଉଥିବା କାରଣରୁ ଅଭିନେତା କି ଅଭିନେତ୍ରୀ ଦୁଃଖ କଷ୍ଟରେ ରହୁଥିବେ ବୋଲି ସାଧାରଣରେ କେହି ଭାବନ୍ତି ନାହିଁ। ସେ ବି ସଂଘର୍ଷ କରି ଆଗକୁ ବଢ଼େ। ହସ ହସ ମୁହଁରେ ନଜର ଆସୁଥିବା କଳାକାରଠାରୁ ଦୁଃଖୀ ଆଉ କେହି ନୁହେଁ।

- ସବିତା ସାହୁ, ଅଭିନେତ୍ରୀ

**ସବୁବେଳେ ଖୁସି ରହିବା ସହଜ ନୁହେଁ**



ରୋଗୀଟିଏ ଯେଉଁକି ଉପଯୁକ୍ତ ସେବା ପାଇ ଖୁସି ମନରେ ଘରକୁ ଫେରିବ ତାହା ଉପରେ ଗୁରୁତ୍ୱ ଦେଇଥାଉ। ତେଣୁ ସବୁବେଳେ ନିଜକୁ ଖୁସି ଦେଖାଇ ସେମାନଙ୍କ ସେବା କରିବାକୁ ହୋଇଥାଏ। ଅବଶ୍ୟ ସର୍ବଦା ନିଜକୁ ଏଭଳି ଉପସ୍ଥାପନା କରିବା ସେତେଟା ସହଜ ହୋଇ ନ ଥାଏ। କଷ୍ଟ ହେବା ତ ସ୍ୱାଭାବିକ କଥା। ମୋର କୋଭିଡ୍ ଡ୍ୟୁଟି ସମୟରେ ଜଣେ ୮୩ ବର୍ଷ ବୟସର ରୋଗୀ ସୁସ୍ଥ ହୋଇ ଘରକୁ ଯାଉଥିଲେ। ସେ ସେବାରେ ଖୁସି ହୋଇ ଆଶୀର୍ବାଦ କରିଥିଲେ। ବହୁତ ଖୁସି ଲାଗିଥିଲା। ରୋଗୀ ତଥା ହସପିଟାଲ ପ୍ରତି ଆମ ଦାୟିତ୍ୱକୁ ସାମ୍ନା ଲୋକ ବୁଝି ନ ପାରିଲେ ବିରକ୍ତ ଲାଗେ। ସେହିପରି ନିଜେ ଟ୍ରେନିଂ ନେବା ସହ ଜୁନିଅରମାନଙ୍କୁ ଖୁସିରେ ଟ୍ରେନିଂ ଦେବାକୁ ପଡ଼ିଥାଏ। ପିଲାମାନେ ନ ବୁଝିପାରିଲେ ବି ଚିଡ଼ା ଲାଗେ। କିନ୍ତୁ ହସି ହସି ସେମାନଙ୍କୁ ସବୁ କିଛି ବାରମ୍ବାର ବୁଝେଇବାକୁ ପଡ଼ିଥାଏ।

- ଶତରୂପା ପଟ୍ଟଯୋଶୀ, ଇନଫେକସନ କଣ୍ଟ୍ରୋଲ ନର୍ସ, ସମ୍ ହସପିଟାଲ

ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ

# ଫେବ୍ରିକ୍ ହେଡ୍‌ବ୍ୟାଣ୍ଡ

ହେୟାର୍ ଷ୍ଟାଇଲକୁ ନୂଆ ଲୁକ୍ ଦେଉଛି ହେୟାର୍ ବ୍ୟାଣ୍ଡ। ତେବେ ଏବେ ଫେବ୍ରିକ୍ ବା କପଡ଼ା ହେୟାର ବ୍ୟାଣ୍ଡର ଚାହିଦା ଟିକେ ବେଶି। ବିଭିନ୍ନ ଡିଜାଇନ ତଥା ଷ୍ଟାଇଲରେ ଏହା ଉପଲବ୍ଧ। ବିଶେଷକରି କାଜୁଆଲ ଲୁକ୍‌କୁ ଭଲ ମାନିଥାଏ ଏହି ବ୍ୟାଣ୍ଡ। ସେହିପରି ଡେନିମ୍ ତଥା ହ୍ୱାଇଟ୍ ସାର୍ଟ ଲାଗି ଫେବ୍ରିକ୍ ନଟ୍ ଷ୍ଟାଇଲ ବ୍ୟାଣ୍ଡ ଖୁବ୍ ଆକର୍ଷଣୀୟ ଲାଗେ।



ନାଇଟ୍ ପାର୍ଟି ତଥା ଫଙ୍କି ଲୁକ୍ ପାଇଁ ବୋ-ହେୟାର ବ୍ୟାଣ୍ଡ ପିନ୍ଧି ପାରିବେ। ଯେକୌଣସି ଉତ୍ସବରେ ଷ୍ଟାଇପ୍ ପ୍ରିଣ୍ଟେଡ୍ ତଥା ୱାନପିସ୍ ଡ୍ରେସ୍‌କୁ ଦୁଇ ରଙ୍ଗ ବିଶିଷ୍ଟ ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ସୁନ୍ଦର ଲାଗିଥାଏ। ଅନ୍ୟପଟେ ଜଗିଂ ସମୟରେ କେଶକୁ ଭଲ ଭାବେ କଭର୍ କରିଥାଏ ହେଡ୍ ଗିୟର୍। ଫଳରେ କେଶ ଧୂଳି ତଥା ମଇଳା ସଂସ୍ପର୍ଶରେ ଆସି ନ ଥାଏ। ଅନେକ ସେଲିବ୍ରିଟିଙ୍କର ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ଏବେ ଷ୍ଟାଇଲ ଷ୍ଟେଟମେଣ୍ଟ ସାଜିଛି।

## ସେଲିବ୍ରିଟି ସିକ୍ରେଟ୍



ଲୋକପ୍ରିୟ କଣ୍ଠଶିଳ୍ପୀ **ସୋହିନୀ ମିଶ୍ର** ସୁନ୍ଦର ତ୍ୱଚା ଓ ଫିଟ୍ ରହିବା ପାଇଁ କ'ଣ କରନ୍ତି ଜାଣନ୍ତୁ ତାଙ୍କ ମୁହଁରୁ...

# ଡାଏଟ୍ ଉପରେ ଗୁରୁତ୍ୱ ଦିଏ

**• ତ୍ୱଚାର ଯତ୍ନ ଲାଗି କ'ଣ କରନ୍ତି?**

ମୁଖ୍ୟତଃ ନାଚୁରାଲ ଜିନିଷ ବ୍ୟବହାର କରିବାକୁ ଭଲପାଏ। ଫେସ୍ ୱାସ୍ ଖୁବ୍ କମ୍ ବ୍ୟବହାର କରେ। ବେସନ, ହଳଦୀ, କ୍ଷୀର ଲଗାଏ।

**• ଆପଣଙ୍କ ବିୟୁଟି ସିକ୍ରେଟ୍ କ'ଣ?**

ଯଦିଓ ସେମିତି କିଛି ନାହିଁ, ତଥାପି ପ୍ରଚୁର ପାଣି ପିଏ।

**• ପ୍ରିୟ ଖାଦ୍ୟ?**

ଷ୍ଟ୍ରିଟ୍ ଫୁଡ୍। ଅର୍ଥାତ୍ ଗୁପ୍‌ଚୁପ୍, ଦହିବରା ଆଳୁଦମ୍ ପସନ୍ଦ।

**• ମେକ୍‌ଅପ୍ ନେବାକୁ ଭଲ ଲାଗେ?**

ମେକ୍‌ଅପ୍ ନେବା ସେତେଟା ପସନ୍ଦ ନୁହେଁ। କମ ମେକ୍‌ଅପ୍ ନିଏ।

**• ଫିଟ୍ ରହିବା ପାଇଁ କ'ଣ କରନ୍ତି?**


ଏକ୍ସରସାଇଜ୍ କରେ। କିନ୍ତୁ ସବୁଦିନ କରିପାରେ ନାହିଁ। ଡାଏଟ୍ ଉପରେ ବେଶି ଗୁରୁତ୍ୱ ଦିଏ। ତେଲ ତଥା ମସଲାଯୁକ୍ତ ଖାଦ୍ୟ ପଦାର୍ଥ ଖାଏ ନାହିଁ। ଖାଦ୍ୟରେ ସବୁଦିନ ସାଲାଡ୍ ସାମିଲ କରିଥାଏ।

**ସେ କୌଣସି ସଂସ୍ଥା ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର ମଧ୍ୟ ସଂଗଠନ ନାହିଁ। ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରି କନ୍ୟା ସନ୍ତାନଙ୍କୁ ଶିକ୍ଷିତ କରାଉଛନ୍ତି ଗୁଜରାଟର ନିଶିତା ରାଜପୁତ୍।**



## ଶିକ୍ଷାର ଆଲୋକବର୍ତ୍ତିକା

# ନିଶିତା






ମଧ୍ୟବିତ୍ତ ପରିବାରର ହୋଇଥିବାରୁ ନାରୀ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝନ୍ତି ନିଶିତା। ଏପରିକି ସେ ଶିକ୍ଷିତ ବୋଲି ୩୪,୫୦୦ କନ୍ୟା ସନ୍ତାନଙ୍କ ଲାଗି ତିନି କୋଟିରୁ ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିଛନ୍ତି। ସାଧାରଣତଃ ଝିଅକୁ ସରକାରୀ ସ୍କୁଲ ଓ ପୁଅକୁ ଘରୋଇ ସ୍କୁଲରେ ପଢ଼ାଯାଉଥିବା ସେ ପିଲା ବେଳୁ ଦେଖି ଆସୁଥିଲେ। ମାତ୍ର ସେ ଝିଅମାନଙ୍କ ସହ ହେଉଥିବା ଏ ପ୍ରକାର ବାଛବିଚାରରେ ସନ୍ତୁଷ୍ଟ ନ ଥିଲେ। ସେଥିପାଇଁ ନିଜ ଉଦ୍ୟମରେ ସେମାନଙ୍କୁ ସ୍କୁଲରେ ପଢ଼ାଇବାକୁ ଚାହିଁଲେ। ତା'ସହ ସ୍କୁଲ ଫି' ଲାଗି ପାଣ୍ଠି ସଂଗ୍ରହ ଆରମ୍ଭ କଲେ ନିଶିତା।

ନିଶିତା ଏ ନେଇ କୌଣସି ସଂଗଠନ ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର କିଛି ସଂସ୍ଥା ବି ନାହିଁ। ତେବେ ତାଙ୍କ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଶିକ୍ଷିତ କରାଇବା। ଅନ୍ୟପଟେ ସେ ଚଳିତ ଜାନୁଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ସେ ବାହାଘରରେ ଅଯଥା ଖର୍ଚ୍ଚ ନ କରି ସେହି ଟଙ୍କାକୁ ୨୫୧ ଝିଅଙ୍କ ସ୍କୁଲ ଫି' ପାଇଁ ଜମା କରିଛନ୍ତି। କେବଳ ଏତିକି ନୁହେଁ, ୨୧ ଝିଅଙ୍କ ନାଁରେ ୫ ହଜାର ଟଙ୍କାର ସ୍ଥାୟୀ ଜମା ମଧ୍ୟ କରିଛନ୍ତି।

ନିଶିତା ଏ କାମ ୧୧ ବର୍ଷ ତଳେ ୧୫୧ ପିଲାଙ୍କଠାରୁ ଆରମ୍ଭ କରିଥିଲେ। ଅବଶ୍ୟ ଏନେଇ ସେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରନ୍ତି। ଆଉ ସେବେଠୁ ଏଯାବତ୍ ୩୪,୫୦୦ କନ୍ୟାଙ୍କ ଲାଗି ୩ କୋଟି ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିସାରିଛନ୍ତି। ଏ କ୍ଷେତ୍ରରେ କିଏ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆଉ କିଏ ମୁହଁକୁ ଚାହିଁ ନ ଥାନ୍ତି। ତେବେ ଯେଉଁମାନେ ବି ସାହାଯ୍ୟ କରିଛନ୍ତି, ସେମାନେ ଏଯାବତ୍ ତାଙ୍କ ସହ ଯୋଡ଼ି ହୋଇ ରହିଥିବା କହିଛନ୍ତି ନିଶିତା। ସେ ତାଙ୍କ ବାପା ଓ ମା'ଙ୍କୁ ନେଇ ଏ କାମ କରୁଛନ୍ତି। ତାଙ୍କ ମତରେ ମଣିଷ ନିଜ ପାଇଁ ସବୁକିଛି କରିପାରେ। କିନ୍ତୁ ଅନ୍ୟପାଇଁ କିଛି କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।



## କୋଚ୍‌ଙ୍କୁ ଛାଡ଼ିଲେ ହାଲେପ



ବୁଚାରେଷ୍ଟ, ୨୨।୯ (ଏଜେନ୍ସି): ବିଶ୍ୱ ମାନ୍ୟତାର ପୂର୍ବତନ ଏକନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପ ତାଙ୍କ କୋଚ୍ ଡାରେନ କାହିଲଙ୍କଠାରୁ ଅଲଗା ହୋଇଛନ୍ତି। ଡାରେନ ୬ ବର୍ଷ ଧରି ହାଲେପଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଏହି ସମୟରେ ୨୯ ବର୍ଷୀୟା ହାଲେପ ୨୦୧୮ ଫ୍ରେଞ୍ଚ ଓପନ ଟାଇଟଲ ଜିତି ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ସଫଳତା ପାଇଥିଲେ। ତେବେ ଏହି ସିଜନ ଶେଷରେ କାହିଲ ନିଜ ପରିବାର ସହ ଅଧିକ ସମୟ ଦେବାକୁ ଅଷ୍ଟ୍ରେଲିଆନ୍ କୋଚ୍ କାହିଲ ହାଲେପଙ୍କ ହାତ ଛାଡ଼ିଥିଲେ। ପରେ ୨୦୧୯ ଡବ୍ଲ୍ୟୁଟିଏ ଫାଇନାଲ୍ସ ପୂର୍ବରୁ ଉଭୟ ଏକତ୍ର ହୋଇଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ହାଲେପ ପ୍ରଥମ ତିନିବର୍ଷର ଦୁଇଟି ସିଜିନରେ ବିଶ୍ୱ ମାନ୍ୟତାର ଏକନମ୍ବର ଓ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଆୟୋଜିତ ୟୁଏସଓପନ ଚତୁର୍ଥ ରାଉଣ୍ଡରେ ଏଲିନା ଭିଟୋଲିନାଙ୍କ ନିକଟରୁ ହାରି ବିଦାୟ ନେଇଥିଲେ। ଗତ ସପ୍ତାହରେ ହାଲେପ ମାସେଡୋନିଆନ ବ୍ୟବସାୟୀ ଟୋନି ଇରୁକଙ୍କୁ ବିବାହ କରିଥିଲେ।

## ସୁଧିରମାନ କପ୍‌ରୁ ଓହରିଲେ ଚିରାଗ-ସାତ୍ତ୍ୱିକ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଭାରତର ପୁରୁଷ ଡବଲ୍ସ ଯୋଡ଼ି ଚିରାଗଲ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଆଗାମୀ ସୁଧିରମାନ କପ୍ ମିକ୍ସଡ ଟିମ୍ ଚାମ୍ପିଅନସିପ୍ ଖେଳିବେନି। ଉଭୟ ଖେଳାଳି ସ୍ୱାସ୍ଥ୍ୟଗତ କାରଣରୁ ଓହରିଯାଇଛନ୍ତି। ଆସନ୍ତା ୨୬ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଫିନଲାଣ୍ଡରେ ଆୟୋଜିତ ହେବାକୁ ଯାଉଥିବା ସମ୍ମାନଜନକ ସୁଧିରମାନ କପ୍ ପାଇଁ ବ୍ୟାଡ଼ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଘୋଷିତ ୧୨ଜଣିଆ ଭାରତୀୟ ଦଳରେ ବିଶ୍ୱ ମାନ୍ୟତାର ୧୦ ନମ୍ବର ଯୋଡ଼ି ଚିରାଗ ଓ ସାତ୍ତ୍ୱିକ ସ୍ଥାନ ପାଇଥିଲେ। ଅସୁସ୍ଥ ଥିବା ଚିରାଗ ଏବେ ଆରୋଗ୍ୟ ଲାଭ କରିଛନ୍ତି। ଚିରାଗ ଓ ସାତ୍ତ୍ୱିକଙ୍କର ମଧ୍ୟ ଥୋମାସ କପ୍‌ରେ ଖେଳିବା ନେଇ ସନ୍ଦେହ ରହିଛି। ସୁଧିରମାନ କପ୍ ପରେ ଥୋମାସ କପ୍ ଅକ୍ଟୋବର ୯ରୁ ଡେନମାର୍କରେ ଖେଳାଯିବ।

# ଶୀର୍ଷକୁ ଉଠିଲା ଦିଲ୍ଲୀ କ୍ୟାପିଟାଲ୍ସ

**ଦୁବାଇ, ୨୨।୯ (ଏଜେନ୍ସି)**

ଆଇପିଏଲ୍ ୧୪ତମ ସଂସ୍କରଣ ୩୩ତମ ମୁକାବିଲାରେ ବୁଧବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ହାଇଦରାବାଦ୍ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୪ ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଦୁଇ ଡାହାଣହାତୀ ଦ୍ରୁତ ବୋଲର କାଗିସୋ ରବାଡା ଓ ଏନ୍‌ରିଚ ନୋର୍ଜେ ପ୍ରଭାବୀ ବୋଲିଂ କରିଥିଲେ। ସେହିଭଳି ସ୍ପିନର ଅକ୍ଷର ପଟେଲ ମଧ୍ୟ ୨ଟି ୱିକେଟ୍ ନେଇ ହାଇଦରାବାଦ୍‌କୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଜବାବରେ ୧୩୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୧୭.୫ ଓଭରରେ ଦୁଇଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରେୟସ ଆୟାର ୪୭ ଓ ପନ୍ତ ୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଦିଲ୍ଲୀକୁ ସହଜ ବିଜୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ପୃଥ୍ୱୀ ସ ୧୧ ଓ ଶିଖର ଧାୱନ ୪୨ ରନ କରି ଆଉଟ୍ ହୋଇଥିଲେ। ହାଇଦରାବାଦ ପକ୍ଷରୁ ଖଲିଲ ଅହମ୍ମଦ ଓ ରଦିଦ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଏଥିସହ ୯ ମ୍ୟାଚ୍‌ରୁ ସପ୍ତମ ବିଜୟ ହାସଲ କରି ୧୪ ପଏଣ୍ଟ ସହ ଦିଲ୍ଲୀ ଟେବ୍‌ଲ ତାଲିକାର ଶୀର୍ଷକୁ ଉଠିଛି। ହାଇଦରାବାଦ ଅଷ୍ଟମ ମ୍ୟାଚ୍‌ରୁ ସପ୍ତମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଡେଭିଡ୍ ୱାର୍ଣ୍ଣରଙ୍କ ୱିକେଟ୍ ହରାଇଥିଲା। ଏନ୍‌ରିଚ୍ ନୋର୍ଜେ ଏହି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ୱିକେଟ୍‌କିପର ରିଦ୍ଧିମାନ ଶାହ (୧୮ ରନ) ମଧ୍ୟ କ୍ରିଜରେ ସେଟ୍ ନେଇ ଆସୁଥିବାବେଳେ ରବାଦାଙ୍କ ବଲରେ ଶିଖର ଧାୱନଙ୍କ ହାତରେ କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଅଧିନାୟକ ୱିଲିୟମସନ୍ ଓ ମନୀଷ ପାଣ୍ଡେ ମଧ୍ୟ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇ ନେବାକୁ ପ୍ରଚେଷ୍ଟା କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରାଇବାରେ ବିଫଳ ହୋଇଥିଲେ। ମାତ୍ର ୨ଟି ବଲ୍ ଅନ୍ତରରେ ୱିଲିୟମସନ୍ (୧୮ ରନ) ଓ ପାଣ୍ଡେ (୧୭)ଙ୍କୁ ଆଉଟ୍ କରି ଦିଲ୍ଲୀ ବଡ଼ ସଫଳତା ପାଇଥିଲା। ତେବେ ମଧ୍ୟ-ନିମ୍ନକ୍ରମରେ ଅବଦୁଲ ସାମାଦ୍ ଓ ଆଫଗାନିସ୍ତାନ ଷ୍ଟାର୍ ଅଲ୍‌ରାଉଣ୍ଡର ରସିଦ୍ ଖାନ୍ କିଛିଟା ଉଲ୍ଲେଖନୀୟ ପାଳି ଖେଳିବାରୁ ହାଇଦରାବାଦ୍ ୯ ୱିକେଟ୍‌ରେ ୧୩୪ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ଜମ୍ମୁ ଓ କଶ୍ମୀର ସାମାଦ୍ ୨୮ ଓ ରସିଦ୍ ୨୨ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ରବାଡା ୩ଟି ଏବଂ ନୋର୍ଜେ ଓ ଅକ୍ଷର ୨ଟି ଲେଖାଏଁ ୱିକେଟ୍ ସଫଳତା ପାଇଥିଲେ।

### ସଞ୍ଜୁ ସାମ୍‌ସନଙ୍କୁ ୧୨ ଲକ୍ଷ ଜରିମାନା

ଦୁବାଇ, ୨୨।୯ (ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ଜରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଦଳ ମନ୍ଥର ବୋଲିଂ କରିଥିବାରୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ହୋଇଛି। ସାମସନଙ୍କ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ପୂରଣ କରିପାରି ନ ଥିଲା। ତେବେ ଉକ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨ ରନ୍‌ର ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ପଞ୍ଜାବକୁ ବିଜୟୀ ହେବାକୁ ମାତ୍ର ୪ ରନ୍ ଆବଶ୍ୟକ ହେଉଥିବାବେଳେ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ବୋଲିଂ କରିବାକୁ ଆସି ନିକୋଲାସ ପୁରନ ଓ ଦୀପକ ହୁଦାଙ୍କୁ ଆଉଟ୍ କରିବା ସହ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଫଳରେ ପଞ୍ଜାବ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ଆଣିଥିଲା ରାଜସ୍ଥାନ।

### ଆଜିର ମ୍ୟାଚ୍

୨୩ ସେପ୍ଟେମ୍ବର



**ମୁମ୍ବଇ**
ବନାମ
**କୋଲକାତା**

ଭେନ୍ୟୁ-**ଆବୁଧାବି**
ଖେଳ ଆରମ୍ଭ-**ରାତି ୭ଟା ୩୦**
ପ୍ରସାରଣ- **ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
ଷ୍ଟ୍ରିମିଂ- **ଡିସ୍‌ନୀ ହଟ୍‌ଷ୍ଟାର**

### ସଂକ୍ଷିପ୍ତ ସ୍କୋର

**ହାଇଦରାବାଦ୍: ୧୩୪/୯**, ୨୦ ଓଭର (ସାମାଦ୍-୨୮, ରସିଦ୍-୨୨, ୱିଲିୟମସନ୍-୧୮, ରିଦ୍ଧିମାନ-୧୮, ପାଣ୍ଡେ-୧୭, ରବାଡା-୩/୩୭, ନୋର୍ଜେ- ୨/୧୨)।

**ଦିଲ୍ଲୀ କ୍ୟାପିଟାଲ୍ସ: ୧୩୯/୨**, ୧୭.୫ ଓଭର (ଶିଖର-୪୨, ଶ୍ରେୟାସ ଆୟାର- ୪୭*, ପନ୍ତ-୩୫*, ପୃଥ୍ୱୀ ସ-୧୧, ଖଲିଲ ଅହମ୍ମଦ-୧/୩୩, ରସିଦ ଖାନ୍-୧/୨୬)।



## ଟି. ନଟରାଜନ୍ କରୋନା ଆକ୍ରାନ୍ତ



ଦୁବାଇ, ୨୨।୯ (ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ପେସ୍ ବୋଲର ଟି. ନଟରାଜନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ନଟରାଜନଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ଆସିଛି। ସେ ଏବେ ପୃଥକବାସରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ ସଦସ୍ୟ ମଧ୍ୟ ଆଇସୋଲେସନରେ ରହିଛନ୍ତି। ସେମାନେ ହେଲେ ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନ ଭାନ୍ନନ (ଡାକ୍ତର), ତୁଷାର ଖେଦକର (ଲଜିଷ୍ଟିକ୍ସ ମ୍ୟାନେଜର) ଓ ପେରିୟାସାମି ଗଣେଶନ (ନେଟ୍ ବୋଲର)ଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯାଇଥିଲେ ହେଁ ଏହା ନେଗେଟିଭ ଆସିଛି। ପୂର୍ବରୁ କରୋନାଜନିତ ମାମଲା ଲାଗି ଚଳିତ ୧୪ତମ ସଂସ୍କରଣ ମେ ମାସରେ ଅଧାରୁ ସ୍ଥଗିତ କରିଦିଆଯାଇଥିଲା।

## ଜାତୀୟ ଜୁନିଅର ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ବାଳକ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯ (ସମିସ)**

ଓଡ଼ିଶା ଖୋ ଖୋ ଆସୋସିଏସନ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବୁଧବାର ୪୦ତମ କମ୍ପ୍ଲେକ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଖୋ ଖୋ ମହାସଂଘର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ୍‌ର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମହାରାଷ୍ଟ୍ର ୨୬ ପଏଣ୍ଟରେ ନାଗାଲାଣ୍ଡକୁ, ଆନ୍ଧ୍ରପ୍ରଦେଶ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ରାଜସ୍ଥାନ ୭ ପଏଣ୍ଟରେ ଉତ୍ତରାଖଣ୍ଡକୁ, କେରଳ ୨୧ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଝାଡ଼ଖଣ୍ଡ ୨୬ ପଏଣ୍ଟରେ ପ୍ରତିଯୋଗିତାରେ ୫୩ ଟିମ୍ (ବାଳକ ଓ ବାଳିକା)ର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ଗ୍ରୁପ୍-ଡି'ରେ କର୍ଣ୍ଣାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହ ସ୍ଥାନ ପାଇଛି।







ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ। ବାଳିକା ବିଭାଗର ଏକ ମ୍ୟାଚ୍‌ର ରୋମାଞ୍ଚକ ଦୃଶ୍ୟ

ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ତଥା ଅଲିମ୍ପିଆନ୍ ଦିଲ୍ଲୀପ୍ ତିର୍କୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା (୨୮) ୨୨ ପଏଣ୍ଟରେ ମଧ୍ୟପ୍ରଦେଶ (୬)କୁ ପରାସ୍ତ କରିଛି। ବାଳକ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ପୁଡୁଚେରୀ ୯ ପଏଣ୍ଟରେ ହିମାଚଳପ୍ରଦେଶକୁ, ଦଦ୍ରା ଓ ନଗର ହାବେଳୀକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ପଞ୍ଜାବ ୩୪ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଉତ୍ତରାଖଣ୍ଡ ୭ ପଏଣ୍ଟରେ ବିହାରକୁ, ତେଲେଙ୍ଗାନା ୨ ପଏଣ୍ଟରେ ଆସାମକୁ ମାତ୍ ଦେଇଛି। ଏହି ୫ ଦିନିଆ ସେହିଭଳି ଆନ୍ଧ୍ରପ୍ରଦେଶ, ମଣିପୁର, ଜାମ୍ମୁ ଆଣ୍ଡ କଶ୍ମୀର ସହ ଓଡ଼ିଶା ବାଳିକା ଦଳ ଗ୍ରୁପ୍-ଇ'ରେ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଲାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି।

## ଅଡୁଆରେ ମାର୍ଲନ ସାମୁଏଲ୍ସ



ଦୁବାଇ, ୨୨।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସଙ୍କ ଉପରେ ଗମ୍ଭୀର ଆରୋପ ଲାଗିଛି। ରିପୋର୍ଟ ମୁତାବକ ଏକ ଟି-୧୦ ଲିଗ୍ ସମୟରେ ସାମୁଏଲ୍ସ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଯାହାର ସୂଚନା ସେ ସଠିକ୍ ସମୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ଅବଗତ କରି ନ ଥିଲେ। ଯେଉଁଥି ପାଇଁ ସେ ଆଇସିସିର ଦୁର୍ନୀତୀ ନିବାରଣ ନିୟମର ଧାରା ୨.୪.୨, ୨.୪.୩, ୨.୪.୬ ଉଲ୍ଲଂଘନ କରିଛନ୍ତି। ଅଭିଯୋଗର ଜବାବ ଦେବା ଲାଗି ଆଇସିସି ତାଙ୍କୁ ୧୪ ଦିନର ସମୟ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ସାମୁଏଲ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ୭୧ ଟେଷ୍ଟ, ୨୦୭ ଏକଦିବସୀୟ ଓ ୬୭ ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋଟ୍ ଉପରେ ୧୧ ହଜାର ୧୩୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ତାଙ୍କ ନାମରେ ୧୫୨ ୱିକେଟ୍ ଲିପିବଦ୍ଧ ରହିଛି। ୨୦୧୮ରେ ସାମୁଏଲ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

MAHAVIR COLLEGE OF NURSING
Recognised by: Health & Family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED:
1. ANM- 2 Yrs (+2 any Stream), 2. GNM- 3 Yrs. (+2 any Stream)
3. DMLT- 2 Yrs. (+2 Science), 4. B.Sc Nursing- 4 Yrs. (+2 Science-PCB)
5. Diabetes Assistant- 1 Yr. (+2 Any Stream)
6. Dental Assistant- 1 Yr. (+2 any Stream)
100% Placement | Spot Admission | Hostel Facility Available
Address & Contact
Campus1: Mahapatra Complex, Gobindpali Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No.: 9937292549 | 9937578179 | 898491095 | 9692675005
Mail: mahavircollegeofnursing@gmail.com | mahavirschoolofnursing@gmail.com
Website: www.mahavircollegeofnursing.org

# ରୌପ୍ୟ ବିଜୟୀ ଭାରତୀୟ ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୨।୯ (ସମିସ)**

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ବୁଧବାର ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀୟ ରଗ୍‌ବୀର ପ୍ରାୟୋଜକ ରହିଥିବା ଓଡ଼ିଶା ସରକାରଙ୍କ ସମେତ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟ ମହିଳା ରଗ୍‌ବୀ ଦଳର ଖେଳାଳିଙ୍କ ସମେତ ସହାୟକ ଷ୍ଟାଫଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ଅବସରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଭାରତୀୟ ଦଳର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି।

ଲୋକସେବା ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରୀଷ୍ଣା, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଦସ୍ୟ ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। 'ଭାରତୀୟ ଦଳ ପ୍ରଦର୍ଶନ ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରଶଂସା କରୁଛି। ଏହି ପ୍ରଦର୍ଶନ ସେମାନଙ୍କୁ ପରବର୍ତ୍ତୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସହାୟକ କରିବା ଲାଗି ଏକ ସୁଯୋଗ। ସବୁଥର ଭଳି ଓଡ଼ିଶା ରଗ୍‌ବୀ ଦଳର ଯାତ୍ରାରେ ସମର୍ଥନ ଜାରି ରଖିବ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି।

ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।




ସକାଳ THE SAKALA | SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15

ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।

BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070

JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071

ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର